76th YEAR OF PUBLICATION

ପ୍ରକାଶନ ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର

The Prajatantra

ସୀମାନ୍ତଜୀବ

ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 | @the_prajatantra | theprajatantra@yahoo.com | www.theprajatantra.org

୭୬ବର୍ଷ ❑ ସଂଖ୍ୟା-୨୯୨ ● କଟକ ● ଶୁକ୍ରବାର ● ୯ ଜୁନ୍-୨୦୨୩ ● ବୃଷ ୨୪ ● ସାଲ୍ ୧୪୩୦

CUTTACK ● FRIDAY ● 9 JUNE-2023 ● RNI Regd.No.4001/57

ମୂଲ୍ୟ : ₹୫ ଟଙ୍କା

ବାହାନଗା ରେଳ ଦୁର୍ଘଟଣା

ଏମ୍ସରେ ଚିହ୍ନଟ ହୋଇପାରିନି ୮୨ ମୃତଦେହ

ଭୁବନେଶ୍ୱର : ବାଲେଶ୍ୱର ବାହାନଗା ନିକଟରେ ଘଟିଥିବା ଭୟଙ୍କର ଟ୍ରେନ୍ ଦୁର୍ଘଟଣାରେ ଅଦ୍ୟାବଧି ୨୮୮ ଜଣଙ୍କ ମୃତ୍ୟୁ ଘଟିଛି । ହଜାରେରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇ ବିଭିନ୍ନ ସରକାରୀ ଓ ବେସରକାରୀ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି । ମୃତଦେହ ଚିହ୍ନଟ ଓ ସେମାନଙ୍କ ପରିବାରକୁ ଶବ ହସ୍ତାନ୍ତର ପ୍ରକ୍ରିୟା ଜାରୀ ରହିଛି । ତେବେ ଏମ୍ସରେ ଏଯାଏଁ ୮୨ଟି ମୃତଦେହ ଚିହ୍ନଟ ହୋଇପାରିନଥିବା ଜଣାପଡିଛି ।

ଅନ୍ୟପକ୍ଷରେ ଏହି ଭୟାବହ ଟ୍ରେନ ଦୁର୍ଘଟଣାରେ ବର୍ତ୍ତମାନ ସୁଦ୍ଧା ଦକ୍ଷିଣ-ପୂର୍ବ ରେଳପଥର ୧୨୩ କୋଟି ଟଙ୍କାରୁ ଅଧିକ କ୍ଷତି ହୋଇଛି । ଏହି ପରିମାଣ ୨୫୦ କୋଟି ଟଙ୍କାକୁ ବୃଦ୍ଧି ପାଇବା ସମ୍ଭାବନା ରହିଛି । ଦୁର୍ଘଟଣା ପର ଠାରୁ ପ୍ରତିଦିନ ୧୦୦ଟି ମାଲବୁହା ଟ୍ରେନ୍ର ଚଳାଚଳ ପ୍ରଭାବିତ ହୋଇଛି । ଏହା ବାଦ୍ ଇଞ୍ଜିନ୍, ବଗି ଓ ଲାଇନ ସମେତ ଅନ୍ୟାନ୍ୟ ସଂପଦ କ୍ଷତିଗ୍ରସ୍ତ ଯୋଗୁ ରେଳପଥକୁ କୋଟି କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି । ଏଥି ସହିତ ମୃତକ ଯାତ୍ରୀମାନଙ୍କ ପରିଜନଙ୍କୁ ଓ ଆହତମାନଙ୍କୁ କ୍ଷତିପୂରଣ ପାଇଁ ରେଳବାଇକୁ ଅତିରିକ୍ତ ଅର୍ଥ ବ୍ୟୟ କରିବାକୁ ପଡୁଛି । ବିଶେଷଜ୍ଞମାନଙ୍କ କହିବା ଅନୁସାରେ କ୍ଷତିଗ୍ରସ୍ତ ଦୁଇଟି ଇଞ୍ଜିନ୍ ପାଇଁ ରେଳବାଇକୁ ୨୮ରୁ ୩୦ କୋଟି, ୧୪ ଟି କୋଚ୍ ପାଇଁ ୧୮ ରୁ ୨୦ କୋଟି ଟଙ୍କାର କ୍ଷତି ହୋଇଛି । ଅନ୍ୟପକ୍ଷେ, ଲାଇନ୍ ବିଛାଇବା, ବିଦ୍ୟୁତୀକରଣ ସମେତ ସିଗ୍ନାଲ୍ ଓ ପଏଣ୍ଟ୍ ସିଷ୍ଟମ୍ ଆରମ୍ଭ ପାଇଁ ରେଲୱେକୁ ୧୫ରୁ ୨୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ ବୋଲି ଜଣାପଡ଼ିଛି । ଟ୍ରେନ୍ ଦୁର୍ଘଟଣାର ସିବିଆଇ ତଦନ୍ତ ତୃତୀୟ ଦିନରେ ଜାରୀ ରହିଛି । ଭୁବନେଶ୍ୱର ଆସି ଲୋକ ପାଇଲଟ୍ ଙ୍କୁ ଜେରା କରିବ ସିବିଆଇର ଦ୍ୱିତୀୟ ଟିମ୍ ।

ସିବିଆଇର ୧୦ ଜଣିଆ ଟିମ୍ ପୂର୍ବରୁ ଘଟଣାସ୍ଥଳ ବୁଲି ଦେଖିବା ସହ ରେଳ କର୍ମଚାରୀଙ୍କ ଠାରୁ ଆବଶ୍ୟକ ତଥ୍ୟ ସଂଗ୍ରହ କରିଥିଲେ । ସିଗନାଲ୍ ରୁମ୍, ଲୁପ୍ ଲାଇନ୍ ଓ ମେନ୍ ଲାଇନରେ ମଧ୍ୟ ଯାଂଚ୍ କରିଥିଲେ । ଏଥି ସହିତ ଫରେନସିକ୍ ଟିମ୍ ଘଟଣାସ୍ଥଳରେ ପହଂଚି ଛାନଭିନ୍ କରିଥିଲେ । ଏହି ଦୁର୍ଘଟଣା ପଛରେ ଅପରାଧିକ ଷଡ଼ଯନ୍ତ୍ର ରହିଛି କି ନାହିଁ ସେନେଇ ତଦନ୍ତ କରୁଛି ସିବିଆଇ ଟିମ୍ ।

ଦୁର୍ଘଟଣା ଦିନ ବାହାନଗା ରେଳ ଷ୍ଟେସନରେ ଡ୍ୟୁଟିରେ ଥିବା ସବୁ ରେଳ ଅଧିକାରୀ ଏବଂ କର୍ମଚାରୀଙ୍କୁ ପଚରାଉଚରା କରାଯାଇଛି । ଏଥି ସହ ଗତ କିଛି ମାସ ମଧ୍ୟରେ ଷ୍ଟେସନରେ ଲାଗିଥିବା ଯାନ୍ତ୍ରିକ ଉପକରଣ ଉପରେ ସିବିଆଇ ତଥ୍ୟ ସଂଗ୍ରହ କରିଛି । ସିବିଆଇର ଟେକ୍ନିକାଲ ଏକ୍ସପର୍ଟ ଏବଂ ଫରେନସିକ୍ ଟିମ୍ ମିଳିତ ଭାବେ ରେଲୱେ ଟ୍ରାକର ଛାନଭିନ୍ କରିଛନ୍ତି । ରିଲେ ରୁମ ଏବଂ ଷ୍ଟେସନ ମାଷ୍ଟରଙ୍କ ରୁମରେ ମଧ୍ୟ ଛାନଭିନ କରିଛି ସିବିଆଇ । ତଦନ୍ତକାରୀ ଟିମ ସିଗନାଲ ରୁମକୁ ସିଲ କରିବା ସହ ତଥ୍ୟ ପ୍ରମାଣ ସଂଗ୍ରହ କରିଛନ୍ତି । ସିବିଆଇ ଖୁବଶୀଘ୍ର ଦୁର୍ଘଟଣାଗ୍ରସ୍ତ ହୋଇଥିବା କରମଣ୍ଡଳ ଏକ୍ସପ୍ରେସର ଦୁଇ ଚାଳକଙ୍କ ବୟାନ ରେକର୍ଡ କରିପାରେ ବୋଲି ସୂଚନା ମିଳିଛି ।

ଭଙ୍ଗାଯିବ ବାହାନଗା ସ୍କୁଲ ଘର !

ଭୁବନେଶ୍ୱର: କୁଢ଼ କୁଢ଼ ମୃତଦେହଙ୍କ ମୂକସାକ୍ଷୀ ବାହାନଗା ହାଇସ୍କୁଲକୁ ଯିବାକୁ ଭୟ କରୁଛନ୍ତି ସ୍କୁଲ ପିଲା । କରମଣ୍ଡଳ ଟ୍ରାଜେଡିରେ ମୃତ୍ୟୁବରଣ କରିଥିବା ଶହ ଶହ ଲୋକଙ୍କ ଶବ ତାଙ୍କରି ସ୍କୁଲରେ ଥିଲା, ସ୍କୁଲ ଖୋଲିଲେ କେମିତି ବସିବେ, ସେଇ ଛନକା ପଶିଛି ସେମାନଙ୍କ ମନରେ । ରେଳ ଦୁର୍ଘଟଣା ପରେ ଯେଉଁ ହାଇସ୍କୁଲରେ ମୃତ ଦେହ ରଖାଯାଇଥିଲା, ଆବଶ୍ୟକ ପଡିଲେ ସେହି ସ୍କୁଲ ଘରକୁ ଭଙ୍ଗାଯାଇପାରେ ଅଭିଭାବକଙ୍କ ସହ ଆଲୋଚନା ପରେ ସୂଚନା ରଖିଛନ୍ତି ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ । ବର୍ତ୍ତମାନ ସେହି ସ୍କୁଲକୁ ଛୋଟ ଛୋଟ ପିଲା ପାଠପଢିବାକୁ ଯିବା ନେଇ ଆପତ୍ତି ଉଠାଇଛନ୍ତି ଅଭିଭାବକ । ସ୍କୁଲରେ ପାଠ ପଢାଗଲା ଭଳି ବାତାବରଣ ନାହିଁ ବୋଲି ଅଭିଭାବକ କହିଛନ୍ତି । ତେବେ ସ୍କୁଲ କମିଟି କହିଲେ ସ୍କୁଲ ଘର ଭଙ୍ଗାଯାଇପାରେ ବୋଲି ସୂଚନା ଦେଇଛନ୍ତି ଜିଲ୍ଲାପାଳ ଭାଓସାହେବ ।

ପ୍ରକାଶ ପାଇଲା +୨ କଳା ରେଜଲ୍ଟ

ପାସ୍ ହାର ୭୮.୮୮ % ● ପୁଅଙ୍କଠାରୁ ଝିଅ ଆଗରେ

ଭୁବନେଶ୍ୱର (ପିପିଏସ୍): ପ୍ରକାଶ ପାଇଛି ଯୁକ୍ତ ୨ କଳା ରେଜଲ୍ଟ । ଏହାସହ ଭୋକେସନାଲ ପାଠ୍ୟକ୍ରମର ମଧ୍ୟ ପରୀକ୍ଷାଫଳ ପ୍ରକାଶ ପାଇଛି । ଯୁକ୍ତ ୨ କଳାରେ ପାସ୍ ହାର ୭୮.୮୮ % ରହିଛି । ପାସ୍ ହାରରେ ପୁଅଙ୍କ ଠାରୁ ଝିଅ ଆଗରେ ଅଛନ୍ତି । ଝିଅଙ୍କ ପାସ୍ ହାର ୮୫.୬୬% ରହିଥିବା ବେଳେ ପୁଅଙ୍କ ପାସ୍ ହାର ୭୦.୪୩% ରହିଛି । ଗୁରୁବାର ଦିନ ଭୁବନେଶ୍ୱର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟରେ ଗଣଶିକ୍ଷା ସଚିବ ଅଶ୍ୱଥି ଏସ୍ ରେଜଲ୍ଟ ପୁସ୍ତିକାର ଉନ୍ମୋଚନ କରିଥିଲେ । ଛାତ୍ରଛାତ୍ରୀ ଓଡିଶାରେଜଲ୍ଟସ୍ ଡଟ୍ ଏନଆଇସି ଡଟ୍ ଇନ୍ ଏବଂ ସାମସ୍ ପୋର୍ଟାଲର ଇସ୍ୱେସ୍ ରେ ସେମାନଙ୍କ ରେଜଲ୍ଟ ଜାଣିପାରିବେ ଏବଂ ସାର୍ଟିଫିକେଟ୍ ଡାଉନଲୋଡ୍ କରିପାରିବେ । ଚଳିତ ବର୍ଷ କଳାରେ ମୋଟ ୨ ଲକ୍ଷ ୩୦ ହଜାର ୫୪୫ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ

ମୋଟ ୧ ଲକ୍ଷ ୮୧ ହଜାର ୮୬୯ ଛାତ୍ରଛାତ୍ରୀ ପାସ୍ କରିଛନ୍ତି । ପ୍ରଥମ ଶ୍ରେଣୀରେ ୩୨, ୭୮୨ ଓ ୨ୟ ଶ୍ରେଣୀରେ ୩୨, ୪୬୧ ପିଲା ପାସ୍ କରିଛନ୍ତି ।

ସେହିପରି ତୃତୀୟ ଶ୍ରେଣୀରେ ସର୍ବାଧିକ ୧, ୧୬, ୧୭୯ ପିଲା ପାସ୍ କରିଛନ୍ତି । ବାଲେଶ୍ୱର ଜିଲ୍ଲାରେ ସର୍ବାଧିକ ୮୪.୯୭% ପିଲା ପାସ୍ କରିଥିବା ବେଳେ ନବରଙ୍ଗପୁର ଜିଲ୍ଲା ପାସ୍ ହାରରେ ସର୍ବନିମ୍ନ ୭୦.୭୪% ରହିଛି । ୩୦ଟି ହାୟର ସେକେଣ୍ଡାରୀ ସ୍କୁଲରେ ଶତ ପ୍ରତିଶତ ରେଜଲ୍ଟ ହୋଇଛି । ସେହିପରି ଧନ୍ଦାମୂଳକ ଶିକ୍ଷାରେ ପାସହାର ୬୭.୪୮% ରହିଛି । ଧନ୍ଦାମୂଳକ ବିଷୟରେ ୫୦୮୮ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେଥିରୁ ୩୮୬୦ ଜଣ ପାସ୍ କରିଛନ୍ତି । ଧନ୍ଦାମୂଳକ ଶିକ୍ଷାରେ କନ୍ଧମାଳରେ ସର୍ବାଧିକ ପାସ୍ ହାର୍ ୮୯.୪୩% ଏବଂ ଦେବଗଡ଼ ଜିଲ୍ଲାରେ ସର୍ବନିମ୍ନ ପାସ୍ ହାର୍ ୩୯.୪୭% ରହିଛି । ପୁଅଙ୍କ ଅପେକ୍ଷା ଝିଅଙ୍କ ପାସ୍ ହାର ଅଧିକ ରହିଛି । ଝିଅଙ୍କ ପାସ୍ ହାର ୭୧.୧୦% ରହିଥିବା ବେଳେ ପୁଅଙ୍କ ପାସ୍ ହାର ୬୪.୨୩% ରହିଛି ।

କେରଳ ଛୁଇଁଲା ମୌସୁମୀ, ଓଡ଼ିଶାକୁ ବିଳମ୍ବ

ଭୁବନେଶ୍ୱର: ମୌସୁମୀ ବାୟୁ କେରଳରେ ପ୍ରବେଶ କରିସାଛି । ହେଲେ ଏହା ଓଡ଼ିଶାକୁ ପ୍ରବେଶ କରିବାରେ ବିଳମ୍ବ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ପାଣିପାଗ ବିଭାଗର ଜଣେ ବରିଷ୍ଠ ଅଧିକାରୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ , ଆଜି ମୌସୁମୀ ବାୟୁ କେରଳରେ ପ୍ରବେଶ କରିଛି । ଆସନ୍ତା ୨ ଦିନ ମଧ୍ୟରେ ବଙ୍ଗୋପସାଗର, ଆରବ ସାଗରରେ ଅଧିକ ଅଂଚଳର ଆହୁରି ବ୍ୟାପକ ଅଂଚଳକୁ ବ୍ୟାପିବା ପରେ ମୌସୁମୀ ବାୟୁ ସମଗ୍ର କେରଳ ଓ ତାମିଲନାଡୁ ସମେତ ସମ୍ପୂର୍ଣ୍ଣ ଦକ୍ଷିଣ ଭାରତରେ ବିସ୍ତାରିତ ହେବ । ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହା ଉତ୍ତରପୂର୍ବ ଭାରତରେ ମଧ୍ୟ ପ୍ରବେଶ କରିବ ଏବଂ ପରେ ପରେ କେନ୍ଦ୍ରୀୟ ଭାରତ ଆଡ଼କୁ ଅଗ୍ରସର ହେବ । ସେ ଆହୁରି କହିଛନ୍ତି ଯେ ଓଡ଼ିଶାରେ ସାଧାରଣତଃ ୧୨ ତାରିଖ ପାଖାପାଖି ମୌସୁମୀ ବାୟୁ ପ୍ରବେଶ କରିଥାଏ । ଏଥର ମୌସୁମୀ ବାୟୁର କେରଳ ଆଗମନରେ ପ୍ରାୟ ଏକ ସପ୍ତାହ ବିଳମ୍ବ ଘଟିଛି । ଏଥର ବିଳମ୍ବରେ ଓଡ଼ିଶାକୁ ମୌସୁମୀ ବାୟୁ ଆସିବାର ସମ୍ଭାବନା ଅଛି ବୋଲି ସେ କହିଛନ୍ତି ।

ସମ୍ପାଦକୀୟ

ବହୁତ ବିଳମ୍ବିତ ଦଣ୍ଡବିଧାନ

ବାଟେଘାଟେ

ପାଟକୁରା ବିଧାୟକ ପ୍ରାର୍ଥୀ କିଏ
ଶୁଭଇ ହଟ ଚମଟ
ସାବିତ୍ରୀଙ୍କ ପୁଅ ଅତନୁଙ୍କ ଭାଇ
ପଦ୍ମ ନେତାଙ୍କର ନାଟ
ପୁଅକୁ ଦେଖାନ୍ତି ବାଟ
ରେଳମନ୍ତ୍ରୀଙ୍କୁ ଗାଳି ଦେଉଛନ୍ତି
ଦେଖାଇ ଇସ୍ତଫା ଛାଟ
ମୁଖିଆଙ୍କୁ ଯିଏ ଅପାରଗ କହି
ରଚିଲେ ଶୁଖୁଆ ହାଟ
କେନ୍ଦ୍ରମନ୍ତ୍ରୀଙ୍କୁ ଦୋଷ ଦେଇ କରି
ଶଙ୍କାରୁ ନେବେ ଟିକେଟ ?

-ରାହୀ

ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଲାଗିନଥିଲେ ୨୩ରୁ ଜରିମାନା

ଭୁବନେଶ୍ୱର:ପୁଣି ହାଇସିକ୍ୟୁରିଟି ଡର ଘାରିଲାଣି ଚାଳକଙ୍କୁ । ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଲଗାଇନଥିଲେ ମୋଟା ଅଙ୍କର ଡଣ୍ଡ ଗଣିବେ ଗାଡି ଚାଳକ । ଜୁନ୍ ୨୩ ତାରିଖରୁ ଏନେଇ ସ୍ପେଶାଲ ଡ୍ରାଇଭ୍ ଆରମ୍ଭ ହେବ । ଯାଂଚ ବେଳେ ନମ୍ବର ପ୍ଲେଟ ଲାଗିନଥିବା ଗାଡ଼ି ଚାଳକଙ୍କର ଇ-ଚାଲାଣ କଟାଯିବ । ନିୟମ ଉଲ୍ଲଂଘନ ପାଇଁ ୫ ହଜାର କିମ୍ବା ୧୦ ହଜାର ଜରିମାନା ହେବ । ଏକ ପ୍ରେସ ନୋଟରେ ଅତିରିକ୍ତ ଟ୍ରାନ୍ସପୋର୍ଟ କମିଶନର୍ ଏବଂ ଏନଫୋର୍ସମେଂଟ ଲାଲମୋହନ ସେଠୀ(ସଡକ ସୁରକ୍ଷା) ଏନେଇ ଆଜି ସୂଚନା ଦେଇଛନ୍ତି । ଓଡ଼ିଶା ରେଜିଷ୍ଟ୍ରେସନ୍ ମାର୍କ ଥିବା ୨୦୧୯ ଏପ୍ରିଲ ୧ ତାରିଖ ପୂର୍ବରୁ ପଂଜୀକୃତ ହୋଇଥିବା ପୁରୁଣା ଯାନରେ ହାଇ ସିକ୍ୟୁରିଟି ରେଜିଷ୍ଟ୍ରସନ୍ ଲଗାଇବା ଅବଧି ୨୦୨୩ ଫେବ୍ରୁଆରି ୨୮ ତାରିଖରେ ଶେଷ ହୋଇଯାଇଛି ।

ରାଜଧାନୀରେ ତାଣ୍ଡବ ରଚିଲା କାଳବୈଶାଖୀ

ଭୁବନେଶ୍ୱର: ରାଜଧାନୀରେ ଗୁରୁବାର ଅପରାହ୍ନରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି । ପ୍ରାୟ ଅଧ ଘଣ୍ଟା ଯାଏଁ ପବନର ବେଗ ଲୋକଙ୍କୁ

ଡରାଇଛି । ବିଶେଷ ଭାବେ ରାସ୍ତାରେ ଯିବାଆସିବା କରୁଥିବା ଲୋକେ କାଳବୈଶାଖୀ ପବନକୁ ଡରି ଯାଇ ବାଧ୍ୟ ହୋଇ ନିରାପଦ ଆଶ୍ରୟ ସ୍ଥଳ ଖୋଜିଛନ୍ତି । କିଛି ସ୍ଥାନରେ ଗଛର ଡାଳଗୁଡ଼ିକ ପଡ଼ି ରାସ୍ତା ଅବରୋଧ ହୋଇଥିବା ସୂଚନା ମିଳିଛି । କାଳବୈଶାଖୀର ପ୍ରଭାବ ଭୁବନେଶ୍ୱରର ରାଜମହଲ, ଖଣ୍ଡଗିରି, ବମିଖାଲ, ପଟିଆ, ଡମଣା, ଓଲଡ୍ ଟାଉନ୍, ଶିଖରଚଣ୍ଡୀ ପ୍ରମୁଖ ଅଞ୍ଚଳରେ କାଳବୈଶାଖୀ ତାଣ୍ଡବ ରଚିଥିଲା । ଯାହାଫଳରେ ରାସ୍ତାଘାଟ ଶୂନ୍‌ଶାନ୍ ହୋଇଯାଇଥିଲା । ଅନେକ ସ୍ଥାନରେ ଦୁଇ ଚକିଆ ଓ ଚାରି ଚକିଆ ଗାଡ଼ି ଓଲଟି ପଡ଼ିଥିବା ବେଳର ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହେଉଛି । ଭୁବନେଶ୍ୱରରେ ପ୍ରବଳ ଘଡ଼ଘଡ଼ି ସହ କିଛି ପରିମାଣରେ ବର୍ଷା ହୋଇଛି । ଏହି ବର୍ଷା ସମୟରେ ବିଭିନ୍ନ ସ୍ଥାନରେ ଧୂଳିଝଡ଼ ମଧ୍ୟ ଦେଖିବାକୁ ମିଳିଛି । ଯେତେ ଜୋରରେ ବର୍ଷା ହେଉଥିଲା, ସେତେ ଜୋର୍ ପବନ ବି ହେଉଥିଲା । ପ୍ରବଳ ବେଗରେ ପବନ ହେଉଥିବାରୁ ଜଣେ ଆଉ ଜଣଙ୍କ ହାତ ଧରି ପାଣିଟାଙ୍କି ଉପରେ ଠିଆ ହୋଇଥିଲେ । ଅଚାନକ୍ ଠପ୍ ହୋଇଗଲା ସ୍ୱାଭାବିକ୍ ଜୀବନଯାତ୍ରା । କାରଣ, ବର୍ଷା-ପବନ ମାଡ଼ରେ ଭାଙ୍ଗି ପଡୁଥିଲା, ଗଛର ଡାଳ । ହେଲେ ଏସବୁ ଭିତରେ ବଡ଼ ବଡ଼ ଡାଳ ଭାଙ୍ଗିପଡ଼ିବାରୁ ରାସ୍ତାଘାଟରେ ଯାତାୟାତ ପ୍ରଭାବିତ ହୋଇଥିଲା । ଭୁବନେଶ୍ୱରର ରାଜମହଲ-ଏଜି ରାସ୍ତାରେ ଅନେକ ଗଛ ପଡ଼ିଥିବା ଦେଖିବାକୁ ମିଳିଥିଲା ।

ଇନ୍ଦିରା ଗାନ୍ଧୀ ସ୍ମାରକୀ ପାଠାଗାର

ଆନୁକୂଲ୍ୟରେ

ମାସିକ ଆଲୋଚନାଚକ୍ର

ସ୍ଥାନ : ସ୍ୱାଧୀନତା ସଂଗ୍ରାମୀ ସଦନ, ବୈକୁଣ୍ଠସରଣୀ, ୟୁନିଟ୍-୯, ଭୁବନେଶ୍ୱର

ସମୟ : ୧୦।୬।୨୦୨୩ ଶନିବାର ସନ୍ଧ୍ୟା ୬ଟା

ବିଷୟ : ନିଶା: "ମଦ ନା ଗଞ୍ଜେଇ"

ସଭାପତି : ଶ୍ରୀଯୁକ୍ତ ଭବାନୀଶଙ୍କର ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ

ସମ୍ମାନିତ ବକ୍ତା : ଶ୍ରୀମତୀ ତାପସୀ ପ୍ରହରାଜ, ସାମାଜିକ କର୍ମୀ

: ଶ୍ରୀମାନ୍ ଅନୀଲ ବିଶ୍ୱାଳ, ମୁଖପାତ୍ର, ବିଜେପି

: ଶ୍ରୀଯୁକ୍ତ ଅମୀୟ ପାଣ୍ଡବ, ମୁଖପାତ୍ର, କଂଗ୍ରେସ

ଆଗ୍ରହୀ ଶ୍ରୋତାଗଣ ବହୁସଂଖ୍ୟାରେ ଯୋଗଦେବାକୁ ଅନୁରୋଧ ।

।।ନିବେଦକ।।

ସଂଯୋଜକ: ଗୌତମ ମିଶ୍ର, ମୋ : 9438687281

ଶ୍ରୀ ଭର୍ତ୍ତୃହରି ମହତାବ, ଅଧ୍ୟକ୍ଷ

ପ୍ରଯୋଜକଙ୍କ ବିରୁଦ୍ଧରେ କାଷ୍ଟିଂ କାଉଚ୍ ଅଭିଯୋଗ

ଭୁବନେଶ୍ୱର: ଓଲିଉଡରେ ପୁଣିଥରେ କାଷ୍ଟିଂ କାଉଚ୍ ଅଭିଯୋଗ ଆସିଛି । ଓଡ଼ିଆ ଫିଲ୍ମ ପ୍ରଯୋଜକ ସଞ୍ଜୟ ନାୟକ ଓରଫ ଟୁଟୁ ନାୟକଙ୍କ ବିରୁଦ୍ଧରେ ପ୍ରତିଷ୍ଠିତ ଅଭିନେତ୍ରୀ ପ୍ରକୃତି ମିଶ୍ର ଆଜି ସିଧାସଳଖ କାଷ୍ଟିଂ କାଉଚ୍ ଅଭିଯୋଗ ଆଣିବା ସହ ଅନେକ ନବାଗତା ଝିଅଙ୍କୁ ସେ ଶୋଷଣ କରିଛନ୍ତି ବୋଲି ଗଣମାଧ୍ୟମ ସମ୍ମୁଖରେ ଚାଂଚଲ୍ୟକର ବୟାନ

ଦେଇଛନ୍ତି । ଫିଲ୍ମରେ କାମ ଦେବାର ପ୍ରଲୋଭନ ଦେଖାଇ ଅନେକ ନବାଗତ ଝିଅଙ୍କୁ ଟୁଟୁ ନାୟକ ଶୋଷଣ କରିଛନ୍ତି ତଥା ତାଙ୍କ ସହ ଜଡ଼ିତ ବହୁ ଅଭିନେତା ଓ ଲୋକ ମଧ୍ୟ ଏଥିରେ ସମ୍ପୃକ୍ତ ବୋଲି ପ୍ରକୃତି ଅଭିଯୋଗ କରିଛନ୍ତି । ଗଣମାଧ୍ୟମ ସମ୍ମୁଖରେ ପ୍ରଯୋଜକ ଟୁଟୁ ନାୟକଙ୍କୁ ସିଧାସଳଖ କଡ଼ା ସମାଲୋଚନା କରି ପ୍ରକୃତି କହିଛନ୍ତି ଯେ, ନବାଗତା ଝିଅମାନଙ୍କୁ ଫିଲ୍ମରେ ଅଭିନୟ କରିବାର ପ୍ରଲୋଭନ ଦେଖାଇ ତଥାକଥିତ ଫିଲ୍ମ ପ୍ରଯୋଜକ ଶ୍ରୀ ନାୟକ ସେମାନଙ୍କର ଶୋଷଣ କରିଛନ୍ତି । ଫିଲ୍ମରେ ଅଭିନୟ ଆଶାୟୀ ଅନେକ ଝିଅ ଖରାପ ବ୍ୟବହାରର ଶିକାର ହୋଇଛି । ପୀଡ଼ିତା ଝିଅମାନେ କିଭଳି ଟୁଟୁ ନାୟକଙ୍କ ଶୋଷଣର ଶିକାର ହୋଇଛନ୍ତି ଏନେଇ ତାଙ୍କୁ ମେସେଜ୍ ମଧ୍ୟ କରିଛନ୍ତି । ଟୁଟୁ ନାୟକ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିରେ ଜଣେ ଅଭ୍ୟାସଗତ ଶୋଷଣକାରୀ ଓ ସବୁବେଳେ ନୂଆ ଝିଅମାନଙ୍କୁ ଟାର୍ଗେଟ୍ କରିଥାନ୍ତି । ଓଡ଼ିଆ ଇଣ୍ଡଷ୍ଟ୍ରିରେ କାଷ୍ଟିଂ କାଉଚର ଶିକାର ସେ ନିଜେ ହୋଇନଥିଲେ ମଧ୍ୟ ଟୁଟୁ ନାୟକ କିଭଳି ନବାଗତ ଝିଅମାନଙ୍କୁ ଶୋଷଣ କରନ୍ତି ତାହା ସମସ୍ତେ ଜାଣିଛନ୍ତି ବୋଲି ପ୍ରକୃତି କହିଛନ୍ତି । ଏପରିକି ତାଙ୍କ ସହ ଅତୀତ ଏକ ଦୁଃଖଦ ଘଟଣାବେଳେ ଟୁଟୁ ନାୟକ ନିଜେ କହିଥିଲେ ଯେ, ଭଲ ପୁଅମାନଙ୍କୁ ଫସାଇବା ଝିଅମାନଙ୍କ କାମ । ଟୁଟୁ ନାୟକ କିପରି ବ୍ୟକ୍ତି ତାହା ତାଙ୍କର ଏଭଳି ଛୋଟ ଚିନ୍ତାଧାରାରୁ ଜଣାପଡ଼ି ଯାଉଛି । ଟୁଟୁ ନାୟକ ଓଡ଼ିଆ ଇଣ୍ଡଷ୍ଟ୍ରିକୁ ନିଜର ଖେଳପଡ଼ିଆ ଭାବି ନିଜର ଏକ ଟିମ୍ ମାଧ୍ୟମରେ ଯାହା ଇଚ୍ଛା କରୁଛନ୍ତି



ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡା

ବିର୍ସା ମୁଣ୍ଡା ଜାତିର ଦେବତା ରୂପେ ପରିଚିତ । ବିର୍ସା ମୁଣ୍ଡା ୧୯୭୫ ମସିହା ନଭେମ୍ବର ମାସ ୧୫ ତାରିଖରେ ଏକ ଆଦିବାସୀ ପରିବାରରେ ଜନ୍ମଗ୍ରହଣ କରିଥିଲେ । କେତେଜଣଙ୍କ ମତରେ ରାଞ୍ଚି ଓ ସିଂହଭୂମ୍ ଜିଲ୍ଲା ମୁଣ୍ଡା ବହୁଳ ଅଞ୍ଚଳ ଭଳିହେତୁ ଗ୍ରାମରେ ଓ ଆଉ କେତେକଙ୍କ ମତରେ ସୁନ୍ଦରଗଡ ଜିଲ୍ଲାର ବିହାର ସୀମାବର୍ତ୍ତୀ ଚଲଗଡ ଗ୍ରାମରେ ବିର୍ସା ଜନ୍ମଗ୍ରହଣ କରିଥିଲେ । ଇଂରେଜମାନଙ୍କ ଅତ୍ୟାଚାର ଆଦିବାସୀମାନଙ୍କ ଉପରେ ତୀବ୍ର ହେବାକୁ ଲାଗିବା ଫଳରେ ବିର୍ସା ତାଙ୍କ ବିରୋଧରେ ବିଦ୍ରୋହ କରିବାକୁ ଲାଗିଲେ । ବାୟା ମୁଣ୍ଡା ଓ ସୁନାରା ମୁଣ୍ଡା ଥିଲେ ତାଙ୍କର ବାମ ଓ ଡାହାଣ ହାତ । ୧୮୯୫ ମସିହା ନଭେମ୍ବର ୧୯ ତାରିଖରେ ପ୍ରଥମେ ସେ ଜେଲଦଣ୍ଡ ଭୋଗିଥିଲେ । ଇଂରେଜମାନଙ୍କ ସହ ସଂଗ୍ରାମ କରି ଅସୁସ୍ଥ ହୋଇଯିବାରୁ ୧୯୦୦ ମସିହା ଜୁନ୍ ୯ରେ ମହାନ୍ ସ୍ୱାଧିନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ରହସ୍ୟଜନକ ଭାବେ ମୃତ୍ୟୁ ଘଟିଥିଲା ।

ସକାଳୁ ସକାଳୁ ଖଆନ୍ତୁ ଏହି ସବୁ ଜିନିଷ

'ସକାଳୁ ବ୍ରଶ କରିବା ପରେ ଖାଲି ପେଟରେ କଣ ଖାଇବା ଦରକାର ? ଯାହା ଦ୍ୱାରା ଦିନସାରା ସତେଜ ଲାଗିବା ସହ ଭୋକରୁ ମିଳିବ ଆଶ୍ୱସ୍ତି । ସକାଳେ ଉଠିବା ପରେ ଅନେକ ଲୋକ ଚା ତ ଆଉ କେତେକ ଲୋକେ ଫାଷ୍ଟଫୁଡ୍ ଖାଇ ନିଜର ଦିନ ଆରମ୍ଭ କରିଥାଆନ୍ତି । କିନ୍ତୁ ଏପରି କରିବା ସ୍ୱାସ୍ଥ୍ୟ ପକ୍ଷେ ହାନୀକାରକ ହୋଇଥାଏ । ଆସନ୍ତୁ ଜାଣିବା ସକାଳୁ ଖାଲି ପେଟରେ କଣ ଖାଇବା ଦ୍ୱାରା ଆପଣ ରହିପାରିବେ ସୁସ୍ଥ... ସକାଳୁ ଖାଲି ପେଟରେ ଉଷୁମ ପାଣି ସହ ମହୁ ଓ ଲେମ୍ବୁ ମିଶାଇ ପିଇବା ଉଚିତ୍ । ଏହା ପିଇବା ଦ୍ୱାରା ପେଟ ପରିଷ୍କାର ରହିଥାଏ । ମହୁରେ ଥିବା ଫ୍ଲାଭୋନାଏଡ୍ ଓ ଏନଜାଇମ୍ ପେଟ ପାଇଁ ଅତ୍ୟନ୍ତ ଲାଭଦାୟକ ଅଟେ । ଯାହା ଆପଣଙ୍କ ମେଟାବୋଲିଜିମକୁ କମ୍ କରିଥାଏ । ସକାଳୁ ବ୍ରଶ କରିବା ପରେ ଖାଲି ପେଟରେ ଭଣ୍ଡା ଓ ତରଭୁଜ ଖାଇବା ବେଶ୍ ଲାଭଦାୟୀ ହୋଇଥାଏ । ସକାଳୁ ସକାଳୁ ଏହାକୁ ଖାଲି ପେଟରେ ଖାଇବା ଦ୍ୱାରା ହଜମ ପ୍ରକ୍ରିୟାରେ ବୃଦ୍ଧି ହୋଇଥାଏ । ତରଭୁଜରେ ଇଲେକ୍ଟ୍ରୋଲାଇଟ ଭରପୂର ଥିବାରୁ ଏହା ଆପଣଙ୍କ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସହାୟକ ହୋଇଥାଏ । ସକାଳୁ ଦାନ୍ତ ଘଷିବା ପରେ ଖାଲି ପେଟରେ ଖାଆନ୍ତୁ ବତୁରା ହେଇଥିବା ବାଦାମ । ଏହା ସ୍ୱାସ୍ଥ୍ୟ ପକ୍ଷେ ବେଶ ଲାଭଦାୟୀ ହୋଇଥାଏ । ଏହାଛଡ଼ା ହଜମ ପ୍ରକ୍ରିୟାକୁ ଉନ୍ନତ କରିବା ସହ ପେଟର ପିଏଚ ସ୍ତରକୁ ମଧ୍ୟ ସ୍ୱାଭାବିକ କରିଥାଏ ।'

ରକ୍ତ ଶୁଦ୍ଧତାର ଆୟୁର୍ବେଦିକ ଉପାୟ

ସାଧାରଣତଃ କୁହାଯାଏ ବାୟୁ ପ୍ରଦୂଷଣ ଦ୍ୱାରା ରକ୍ତ ଦୂଷିତ ହୋଇଥାଏ । କିନ୍ତୁ ଏହା ଭୁଲ୍ ଧାରଣା । ଦୂଷିତ ବାୟୁ ଆମର ନିଶ୍ୱାସ ଦ୍ୱାରା ଫୁସ୍‌ଫୁସ୍ ପର୍ଯ୍ୟନ୍ତ ପହଞ୍ଚି ଅକ୍ସିଜେନର ସ୍ଥାନ ନେବା ଆରମ୍ଭ କରିଦିଏ । ଧୀରେଧୀରେ କାର୍ବନ ଡ଼ାଇଅକ୍ସାଇଡ୍‌ର ମାତ୍ରା ବୃଦ୍ଧି ହେବା ଯେଗୁ ହିମୋଗ୍ଲୋବିନ ରକ୍ତକୁ ପର୍ଯ୍ୟାପ୍ତ ପରିମାଣରେ ଅକ୍ସିଜେନ୍ ଉପଲବ୍ଧ କରାଇ ପାରେ ନାହିଁ, ଏହି ସ୍ଥିତିକୁ କାର୍ବୋଅକ୍ସିହିମୋଗ୍ଲୋ ବିନ କୁହାଯାଏ । ବିପଦ କିପରି ବୃଦ୍ଧି ପାଏ : ଶରୀରକୁ ୯୦ରୁ ୧୦୦ ପ୍ରତିଶତ ଅକ୍ସିଜେନ ଆବଶ୍ୟକ ହୋଇଥାଏ କିନ୍ତୁ ପ୍ରଦୂଷଣ ଯୋଗୁ ଏହି ସ୍ତର ୯୦ ପ୍ରତିଶତରୁ କମ୍ ହୋଇଯିବା ଯୋଗୁ ହାଇପୋଅକ୍ସିୟା(ଅକ୍ସିଜେନ ହ୍ରାସ) ହୋଇଥାଏ ଯାହା ଦ୍ୱାରା କ୍ଳାନ୍ତି, ହାଲିଆ ଲାଗିବା, ଥଣ୍ଡା, କାଶ, ଆଖିରେ ଜ୍ୱଳନ ଓ ସ୍କିନ୍ ସମ୍ବନ୍ଧୀୟ ସଂକ୍ରମଣ ହୋଇଥାଏ । ରକ୍ତ ଶୁଦ୍ଧତାର ଆୟୁର୍ବେଦିକ ଉପାୟ ତୁଳସୀ ଗଛ ବାତାବରଣରେ ଥିବା ପ୍ରଦୂଷଣକୁ ୩୦ ପ୍ରତିଶତ କମ୍ କରିଥାଏ । ୭ରୁ ୧୧ଟି ତୁଳସୀ ପତ୍ର, ଅଦା, ଗୁଡ଼ ଓ ଦୁଇଟି ଗୋଲମରିଚର ଦାନାକୁ ଏକ ଗ୍ଲାସ ପାଣିରେ ଫୁଟାଇ ଦିଅନ୍ତୁ । ଚାରିଭାଗରୁ ଏକ ଭାଗ ହୋଇଯିବା ପରେ ଅଳ୍ପ ଗରମଥିବା ବେଳେ ପିଅନ୍ତୁ । ସପ୍ତାହରେ ଥରେ ଏହି କାଢ଼ାକୁ ପିଇଲେ ଦୂଷିତ ବାୟୁର ପ୍ରଭାବରୁ ମୁକ୍ତି ମିଳିଥାଏ । ତୁଳସୀ ପତ୍ର ରସ ୧ ଚାମଚ ସହିତ ଦୁଇ ଚାମଚ ମହୁ ମିଶାଇ ପିଅନ୍ତୁ । ଡ଼ାଇବେଟିସ ରୋଗୀମାନେ ଏହା ଖାଇବା ଉଚିତ୍ ନୁହେଁ । ଅଧା ଚାମଚ ତୁଳସୀର ଶୁଖିଲା ପତ୍ରର ଚୂର୍ଣ୍ଣ, ୧/୪ ଚାମଚ ଶୁଣ୍ଠି ପାଉଡ଼ର ଓ ଏକ ଚାମଚ ମହୁ ମିଶାଇ ଚଟଣି କରି ଦିନରେ ଦୁଇଥର ଖାଆନ୍ତୁ । ଗିଲୋୟ ରସ ବା ଅଁଳା ଓ ଏଲୋଭେରାର ରସ ଦିନକୁ ୨ ଚାମଚ ଲେଖାଏଁ ପିଅନ୍ତୁ । ମିର୍ଚ ମସଲା ତେଲ ଛଣା ଜିନିଷ ଓ ଗରିଷ୍ଠ ଭୋଜନ ବ୍ୟତୀତ ସାଲାଡ଼, ସିଝା ଓ କଞ୍ଚା ଖାଦ୍ୟ ସ୍ୱାସ୍ଥ୍ୟ ପ୍ରତି ଲାଭକାରୀ ହେବ । ଅନୁଲୋମ ବିଲୋମ ଓ ଭସ୍ତ୍ରିକା ପ୍ରାଣାୟାମ ରକ୍ତକୁ ଶୁଦ୍ଧ କରିବାରେ ସାହାଯ୍ୟ କରିଥାନ୍ତି । ସୂର୍ଯ୍ୟୋଦୟ ପୂର୍ବରୁ ଓ ସୂର୍ଯ୍ୟାସ୍ତ ପୂର୍ବରୁ ୧୫ ମିନିଟ୍ ଏହି ପ୍ରଣାୟାମ କରିବା ଉଚିତ୍ ।

ମଧ୍ୟ ବୟସରେ ତ୍ୱଚାର ଯତ୍ନ

ପୂର୍ବରୁ ଦିନସାରା କେବେ କେମିତି ଆପଣ ନିଜ ଚେହେରା ସଫା କରୁଥିବେ ଓ ରାତିରେ ମେକ୍‌ଅପ୍ ନହଟାଇ ଶୋଇଯାଉଥିବେ ମଧ୍ୟ । କିନ୍ତୁ ୩୫ ବର୍ଷ ପରେ ଆପଣଙ୍କୁ ନିଜ ଚେହେରାର ଖାସ୍ ଯତ୍ନ ନେବାର ଆବଶ୍ୟକତା ରହିଛି । ବୟସର ପ୍ରତ୍ୟେକ ପାହାଚରେ ଆପଣ ଆପଣଙ୍କ ଶରୀରକୁ ଅଲଗା ପ୍ରକାରର ଯତ୍ନ ନେବା ଉଚିତ୍ । ଯେତେବେଳେ ଆପଣ କମ୍ ବୟସର ଥିବେ ସେତେବେଳେ ଆପଣଙ୍କ ଚେହେରାର ଅଧିକ ଯତ୍ନ ନେବାର ଆବଶ୍ୟକତା ନଥିବ । କିନ୍ତୁ ବୟସ ବୃଦ୍ଧି ସହିତ ଚେହେରାରେ ହେଉଥିବା ପରିବର୍ତ୍ତନ ଯୋଗୁ ଆପଣଙ୍କୁ ଅଧିକ ଯତ୍ନଶୀଳ ହେବାକୁ ପଡ଼ିବ । ରାତିରେ ଆଖି ସଫା କରନ୍ତୁ : ଆଖିରେ ବୟସ ବୃଦ୍ଧିର ଝଲକ ସର୍ବପ୍ରଥମେ ଆସିଥାଏ । ଏହି ବୟସରେ ଆପଣ ଆଖି ପାଇଁ ଉଦ୍ଦିଷ୍ଟ ମେକ୍‌ଅପ୍ ରିମୁଭର ବ୍ୟବାହାର କରନ୍ତୁ ଓ ଶୋଇବା ପୂର୍ବରୁ ନିଶ୍ଚିତ ଭାବରେ ଆଖିରୁ ମେକ୍‌ଅପ୍ ହଟାଇ ଶୁଅନ୍ତୁ । ଆଖିକୁ ଆରାମ ଦେବା ପାଇଁ ଆଇକ୍ରିମ୍‌ର ବ୍ୟବହାର କରନ୍ତୁ । ବ୍ରଣକୁ ଅଣଦେଖା କରନ୍ତୁ ନାହିଁ : ୨୦ରୁ ୩୦ ବର୍ଷ ମଧ୍ୟରେ ବ୍ରଣ ହେଲେ ଆପଣ ସାଧାରଣ ପ୍ରଡ଼କ୍ଟସ୍‌ର ବ୍ୟବହାର କରିଦେଉଥିବେ । କିନ୍ତୁ ୩୫ ବର୍ଷ ପରେ ବ୍ରଣକୁ ଆପଣ ଗଭୀର ସମସ୍ୟା ଭାବରେ ନେବେ କାରଣ ଏହା ସ୍କିନ୍‌ର ଗଭୀରତାରୁ ଆରମ୍ଭ ହୋଇଥାଏ । ତେଣୁ ପୁରୁଣା ପ୍ରଡ଼କ୍ଟ କାମରେ ଆସି ନପାରେ । ଆପଣ ଏ ସମୟରେ ସଲଫର୍ ଯୁକ୍ତ ପ୍ରଡ଼କ୍ଟସ୍‌ର ବ୍ୟବହାର କରନ୍ତୁ ଓ ସ୍କିନ୍‌କୁ ଅଧିକ ମଇଶ୍ଚରାଇଜ କରୁଥିବା କ୍ରିମ୍‌ର ବ୍ୟବହାର କରନ୍ତୁ । ଭିଟାମିନ୍ ସି ଜେଲିର ବ୍ୟବହାର ନକରି ଭିଟାମିନ୍ ସି ସିରମର ଉପଯୋଗ କରନ୍ତୁ । ସନସ୍କ୍ରିନ ଲୋସନ : ଆପଣ କମ୍ ବୟସର ଥିବା ବେଳେ ସନସ୍କ୍ରିନର ବ୍ୟବହାର ପ୍ରତ୍ୟେକ ଦିନ ହୁଏତ କରୁନଥିବେ । କିନ୍ତୁ ବୟସ ବୃଦ୍ଧି ହେବା ସହିତ ସନ ଡ଼ ୟାମେଜ, କୁଞ୍ଚନ, ସନସ୍ପଟ୍‌ସ ଇତ୍ୟାଦିରୁ ରକ୍ଷା ପାଇବା ପାଇଁ ପ୍ରତ୍ୟେକ ଦିନ ସନସ୍କ୍ରିନ ଲୋସନର ବ୍ୟବହାର କରନ୍ତୁ । ଶରୀରର ଯେଉଁ ଅଂଶରେ ଖରା ପଡୁଥିବ ସେହି ସ୍ଥାନମାନଙ୍କରେ ସନସ୍କ୍ରିନ ଲୋସନ ନିଶ୍ଚିତ ଭାବରେ ଲଗାଇ ବାହାରକୁ ଯାଆନ୍ତୁ ।

ଆଜିର ରାଶିଫଳ

ମେଷ – ଆଜି ଦିନଟି ଧନପ୍ରାପ୍ତିର ସୂଚନା ମିଳୁଛି । ବେପାର ବାଣିଜ୍ୟ କ୍ଷେତ୍ରରେ ଅଧିକ ଲାଭ ମିଳିବ । ଚାକିରିରେ ପଦୋନ୍ନତିର ସମ୍ଭାବନା ରହିଛି । ମହିଳାମାନେ ଜୀବିକା କ୍ଷେତ୍ରରେ ଅଧିକ କାର୍ଯ୍ୟ ଭାର ତୁଲାଇ କ୍ଳାନ୍ତି ଅନୁଭବ କରିବେ ।

ବୃଷ – ଆଜି ଦିନଟି ଆପଣଙ୍କ ପାଇଁ ଉଦ୍ୟମ ଦାୟକ ଅଟେ । ଧନ ବୃଦ୍ଧିପାଇ ଚେଷ୍ଟା କରିବେ । ଆପଣଙ୍କ କଥା ଭାଷାରେ ଅନ୍ୟମାନେ ପ୍ରଭାବିତ ହେବେ । ପାରିବାରିକ ଜୀବନ ହସିଲାପୂରିଲା ଲାଗିବ ।

ମିଥୁନ – ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବୃଦ୍ଧି ହେବ । ମନ ସ୍ୱଚ୍ଛ ଓ ହୃଦୟ ପବିତ୍ର ରହିବ । ପରିବାରଜନଙ୍କ ମନ ନେଇ ଚଳିବେ । ପିତାଙ୍କ ଠାରୁ ସ୍ନେହ ଆଦର ପାଇବେ । ବେପାର ବାଣିଜ୍ୟ କାମରେ ଅନ୍ୟ ରାଜ୍ୟ ଅବା ବିଦେଶ ଯାତ୍ରା କରିବେ ।

କର୍କଟ – ଆଜିର ଗ୍ରହଚଳନ ପାଇଁ ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ହେବ । କୌଣସି ଖବର ପାଇ ମାନସିକ ଅଶାନ୍ତି ବଢିଯିବ । କାହାରି ସହିତ ଲଢେଇ ଝଗଡା ହୋଇପାରେ ।

ସିଂହ – ଅଚାନକ ଏକ ଦୂର ସ୍ଥାନକୁ ଯିବାକୁ ପଡିବାର ସମ୍ଭାବନା ଅଛି ଯୌଥ କାରବାରରେ ଆଶାଜନକ ପରିଣାମ ପାଇବେ । ଆର୍ଥିକ ସ୍ଥିତିରେ ସ୍ୱଚ୍ଛଳତା ଦେଖାଯିବ । ସାଂସାରିକ ଜୀବନ ସୁଖମୟ ହେବ ।

କନ୍ୟା – ଆଜିର ଗ୍ରହ ଚଳନ ଆପଣଙ୍କୁ ପରିଶ୍ରମର ଲାଭ ଏବଂ ସୁଖ୍ୟାତି ଆଣିଦେବ । ଚାକିରୀଜୀବୀମାନେ ପଦୋନ୍ନତିର ପ୍ରାକ ସୂଚନା ପାଇବେ । ଆର୍ଥିକ ସ୍ୱଚ୍ଛଳତ ଦେଖାଦେବ ।

ତୁଳା – ଆଜି ଦିନଟି ଆପଣଙ୍କ ପାଇଁ ସୁଖଶାନ୍ତି କାରକ ରହିବ । ବ୍ୟବସାୟରେ ଲାଭ ହେବ । ପ୍ରତିଷ୍ଠିତ ବ୍ୟକ୍ତିଙ୍କଠାରୁ କିଛି ଉପହାର ପାଇବେ । କୌଣସି ଶୁଭ ଖବର ପାଇ ମନୋବଳ କୁଣ୍ଡେମୋଟ ହୋଇଯିବ । ମହିଳାମାନେ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି ।

ବିଛା – ଆଶା କରିଥିବା ଦିଗରୁ ଅର୍ଥ ଆସିବାର ସମ୍ଭାବନା ନାହିଁ । ବ୍ୟବସାୟୀରେ କ୍ଷତି ଘଟିବ । ଯାନବାହାନ ପ୍ରତି ସାବଧାନ । ଆର୍ଥିକ ସ୍ଥିତିରେ ସ୍ୱଚ୍ଛଳତା ଦେଖାଦେବ ।

ଧନୁ – ଆଜିର ଆପଣଙ୍କ ପାଇଁ ପ୍ରେମ ବିବାହର ସୂଚନା ମିଳିବ । ବ୍ୟବସାୟରେ ଆଶାଜନକ ପରିଣାମ ପାଇବେ । ବନ୍ଧୁ ଦ୍ୱାରା ଲାଭ ହେବ । ପାରିବାରିକ ଜୀବନ ଶାନ୍ତିମୟ ହେବ । ମହିଳାମାନେ ଭ୍ରମଣ କରିବାର ସୁଯୋଗ ଆସିବ ।

ମକର – ବ୍ୟବସାୟରେ ଲାଭଜନକ ହେବ । ପୁଞ୍ଜି ନିବେଶ କରିବା ପାଇଁ ଦିନଟି ଭଲ ରହିବ । ବିଦେଶ ଯାତ୍ରା କରିବାର ସୁଯୋଗ ପାଇବେ । ପରିବାର ଜନଙ୍କୁ ସୁଖଶାନ୍ତିରେ ରଖିବା ପାଇଁ ପ୍ରୟାସ ଜାରି ରହିବ ।

କୁମ୍ଭ – ଆଜି ଦିନଟି ଆପଣଙ୍କ ପାଇଁ ସୁଖ ସମୃଦ୍ଧି ଭରା ନେଇ ଆସିଛି । ବନ୍ଧୁମାନଙ୍କ ସହ ସମୟ ଅତିବାହିତ କରିବେ । ସୁସ୍ୱାଦ ଖାଦ୍ୟ ଖାଇବେ । ମହିଳାମାନେ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି ।

ମୀନ – ଆଜି ଦିନଟି ଆପଣଙ୍କର ଭାଗ୍ୟ ଉଜ୍ଜ୍ୱଳମୟ ହେବ । ସୁସ୍ୱାଦୁ ଭୋଜନ ପ୍ରାପ୍ତିର ହେବ । ଶତ୍ରୁମାନଙ୍କ ସହ ଦେଖି ରଖି କଥାବାର୍ତ୍ତା କରନ୍ତୁ । ବ୍ୟବସାୟରେ ଲାଭ ହେବ ହେବ । ପରିବାରରେ ସୁଖଶାନ୍ତିରେ ରଖିବା ପାଇଁ ପ୍ରୟାସ କରିବେ ।

ବେଲ୍‌ଟ ଦେବ ବୋଲ୍‌ଡ ଲୁକ୍

ନିଜକୁ ଆକର୍ଷଣୀୟ ଲୁକ୍ ଦେବା ପାଇଁ ମହିଳାମାନେ ମେକ୍‌ଅପ୍‌ରୁ ଡ୍ରେସ୍ ପର୍ଯ୍ୟନ୍ତ ପ୍ରତ୍ୟେକ ଜିନିଷକୁ ସାବଧାନ ସହ କିଣିଥାନ୍ତି । ସାଧାରଣତଃ ସେମାନେ ଏକ୍ସେସରିଜ ପସନ୍ଦ କରିବା ମାମଲାରେ ଟିକେ ପଛରେ ରହିଥାନ୍ତି । ଏକଥା ସତ ଯେ ଦାମୀ ଏକ୍ସେସରିଜ କୌଣସି ସାଧାରଣ ଡ୍ରେସ୍‌କୁ ଅତି ସୁନ୍ଦର କରିଥାଏ । ଉଦାହରଣସ୍ୱରୂପ ବେଲ୍‌ଟ । ପ୍ରଥମେ ବେଲ୍‌ଟର କାମ ଥିଲା କେବଳ ଢ଼ିଲା ଡ୍ରେସ୍‌କୁ ଟାଇଟ୍ କରି ପିନ୍ଧିବା ପାଇଁ । କିନ୍ତୁ ଏବେ ଏହା ଏକ ଷ୍ଟାଇଲିଶ୍ ଏକ୍ସେସରିଜ ହୋଇସାରିଲାଣି । ଏହି କାରଣରୁ ଆଜି ବଜାରରେ ଭିନ୍ନ ଭିନ୍ନ ଭେରାଇଟି, ଟେକ୍ସଚର ଓ ଷ୍ଟାଇଲର ବେଲ୍‌ଟ ଦେଖିବାକୁ ମିଳୁଛି । ବେଲ୍‌ଟ କିଣିବା ଓ ପିନ୍ଧିବା ସମୟରେ କିଛି ତଥ୍ୟ ଉପରେ ଧ୍ୟାନ ଦେବା ଉଚିତ୍ । ଏହା ଦ୍ୱାରା ବେଲ୍‌ଟକୁ ଷ୍ଟାଇଲିଶ ଢ଼ଙ୍ଗରେ ବ୍ୟବହାର କରିପାରିବେ । ଆପଣ ସାଧାରଣତଃ ଆପଣଙ୍କ ଆଖପାଖରେ କିଛି ମହିଳାଙ୍କୁ ଦେଖୁଥିବେ, ଯେଉଁମାନେ ପୁରୁଷମାନଙ୍କ ପରି ପ୍ରତ୍ୟେକ ଡ୍ରେସ୍‌ରେ ଗୋଟିଏ ବେଲ୍‌ଟ ବାନ୍ଧିଥାନ୍ତି । କିନ୍ତୁ ମହିଳାମାନଙ୍କର ମାମଲାରେ ଭିନ୍ନ ଭିନ୍ନ ଡ୍ରେସ୍ ପାଇଁ ବିଭିନ୍ନ କିସମର ବେଲ୍‌ଟର ସିଲେକ୍ସନ ଜରୁରୀ । ଯେପରି ଜିନ୍ସ ସହିତ ପତଳା ବେଲ୍ଟ ବାନ୍ଧି ପାରିବେ । କିନ୍ତୁ ଲମ୍ବା ଡ୍ରେସ୍‌ରେ ଅଳ୍ପ ଚଉଡ଼ା ବେଲ୍‌ଟ ସୁନ୍ଦର ଦେଖାଯିବ । ସବୁବେଳେ ଏପରି ବେଲ୍‌ଟ ପସନ୍ଦ କରିବେ ଯାହା ଆପଣଙ୍କ ଡ୍ରେସ୍‌କୁ ଅଧିକ ଆକର୍ଷଣୀୟ କରିପାରିବ । ବେଲ୍‌ଟର ମିସ୍‌ମ୍ୟାଚ ରଙ୍ଗ ଯୋଗୁ ଡ୍ରେସ୍‌ର ଆକର୍ଷଣ ମଧ୍ୟ କମିଯାଏ । ପ୍ରତ୍ୟେକ ମହିଳାମାନଙ୍କର ଉଚ୍ଚତା ଓ ଶାରୀରିକ ଗଠନ ଅନ୍ୟଠାରୁ ଅଲଗା ହୋଇଥାଏ । ତେଣୁ ଆପଣଙ୍କ ସାଙ୍ଗ ଉପରେ ଯେଉଁ ବେଲ୍‌ଟ ବଡ଼ ଦେଖାଯିବା ଜରୁରୀ ନୁହେଁ ତାହା ଆପଣଙ୍କ ଉପରେ ମଧ୍ୟ ଭଲ ଲାଗିବ । ତେଣୁ ବେଲ୍‌ଟ କିଣିବା ସମୟରେ ନିଜର ଫିଗର ଉପରେ ଗୁରୁତ୍ୱ ଦିଅନ୍ତୁ । ଢ଼େଙ୍ଗା ମହିଳାମାନଙ୍କ ପାଇଁ ଚଉଡ଼ା ବେଲ୍‌ଟ ସୁନ୍ଦର ଲାଗେ, ସେହିପରି କମ୍ ଉଚ୍ଚତାର ମହିଳାମାନଙ୍କୁ ପତଳା ବେଲ୍‌ଟ ଭଲ ଲାଗିବ । ଏଥିରେ ତାଙ୍କର ଉଚ୍ଚତା ଟିକେ ଅଧିକ ଲାଗିବ । ଧ୍ୟାନ ରଖିବେ ଟପ୍, କାର୍ଡ଼ିଗନ ଓ ଟି-ସାର୍ଟ ସହିତ ବେଲ୍‌ଟ ସୁଟ୍ କରେ ନାହିଁ । ଏହି ଡ୍ରେସ୍ ସହିତ ବେଲ୍‌ଟ ପିନ୍ଧିଲେ ବୟସ ଅଧିକ ଜଣାପଡ଼େ । ଯଦି ଆପଣଙ୍କ ଜିନ୍ସ ବା ପ୍ୟାଣ୍ଟ ବିନା ଲୁପ୍‌ବାଲା, ତାହେଲେ ମଧ୍ୟ ବେଲ୍‌ଟ ପିନ୍ଧନ୍ତୁ ନାହିଁ । ଏପରିସ୍ଥଳେ ବେଲ୍‌ଟ ସବୁବେଳେ ଅଣ୍ଟାରୁ ଖସିଯିବ । ଏଥିରେ ଆପଣଙ୍କ ଲୁକ୍ ଖରାପ ହେବ ଓ ଆପଣ ସମସ୍ୟାରେ ମଧ୍ୟ ପଡ଼ିବେ ।

ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ

ନନ୍ଦିନୀ ଶତପଥୀ ଓଡିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ତଥା ଲେଖିକା ଥିଲେ । ସେ ଓଡିଶାର ଲୌହମାନବୀ ଭାବେ ସୁପରିଚିତା । ନନ୍ଦିନୀ ୧୯୩୧ ମସିହା କଟକ ଜିଲ୍ଲା ପିଠାପୁର ଗ୍ରାମରେ ଏକ ବିପ୍ଳବୀ ପରିବାରରେ ୯ଜୁନ୍‌ରେ ଜନ୍ମଗ୍ରହଣ କରିଥିଲେ । ଛାତ୍ରୀ ଜୀବନରୁ ହିଁ ସେ ରାଜନୀତି ତଥା ସାହିତ୍ୟ ସର୍ଜନା ପ୍ରତି ବେଶ ଆକର୍ଷିତ ଥିଲେ ନନ୍ଦିନୀ । କଲେଜ ଜୀବନରେ ୧୯୫୧ ମସିହାରେ ଛାତ୍ର ଆନ୍ଦୋଳନର ନେତୃତ୍ୱ ନେଇ ସେ କାରାବରଣ କରିଥିଲେ । ନନ୍ଦିନୀ ଦେବୀ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଘନିଷ୍ଠ ଥିଲେ । ୧୯୭୨ରୁ ୭୩ ଓ ୧୯୭୪-୭୬ ସେ ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ । ଏହାପରେ ୧୯୭୭ରୁ ୮୦ପର୍ଯ୍ୟନ୍ତ ସେ ଢେଙ୍କାନାଳ ନିର୍ବାଚନ ମଣ୍ଡଳୀରୁ ଜନତା ଦଳ ପ୍ରାର୍ଥୀ ରୂପେ ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ । ଅମୃତା ପ୍ରୀତମଙ୍କ ଆତ୍ମଜୀବନୀ ରେଭିମ୍ୟୁ ଟିକେଟର ଓଡିଆ ଅନୁବାଦ କରି ୧୯୯୫ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜୟନୀ ହୋଇଥିଲେ ।

ପନିର ଭଟୁରେ

ଆବଶ୍ୟକ ସାମଗ୍ରୀ : ମଇଦା-୨ କପ୍, ଦହି-୧/୪ କପ୍, ଚିନି-୧ ଚାମଚ, ଲୁଣ- ୧ ଚାମଚ, ବେକିଂ ସୋଡ଼ା-୧/୪ ଚାମଚ, ତେଲ- ୨ ଚାମଚ, ପନିର-୧୫୦ ଗ୍ରାମ୍, ଲାଲ୍ ମିର୍ଚି- ୧/୨ ଚାମଚ, ଗୋଲମରିଚ ଗୁଣ୍ଡ- ୧/୨ ଚାମଚ, କଟା ଯାଇଥିବା ଧନିଆପତ୍ର- ୨ ଚାମଚ । ପ୍ରଣାଳୀ : ଗୋଟେ ପାତ୍ରରେ ୨ କପ୍ ମଇଦା ନିଅନ୍ତୁ, ମଇଦା ମଝିରେ ଉପରୋକ୍ତ ପରିମାଣର ଦହି, ଚିନି, ଲୁଣ, ବେକିଂ ସୋଡ଼ା, ୧ ଚାମଚ ତେଲ ଦେଇ ପାଣିର ସହାୟତାରେ ମଇଦାକୁ ଦଳି ଦିଅନ୍ତୁ । ଏହା ଉପରେ ହାଲୁକା ତେଲ ଲଗାଇ ଦଳା ମଇଦାକୁ ନରମ କରନ୍ତୁ ଓ ୨ ଘଣ୍ଟା ପର୍ଯ୍ୟନ୍ତ ଘୋଡ଼ାଇ ରଖି ଦିଅନ୍ତୁ । ୨ ଘଣ୍ଟା ପରେ ମଇଦାକୁ ନେଇ ଛୋଟ ଛୋଟ ଗୁଳା ତିଆରି କରନ୍ତୁ । ଏବେ ଏକ ପାତ୍ରରେ ୧୫୦ ଗ୍ରାମ୍ ପନିର ନେଇ ସେଥିରେ ଲୁଣ, ଗୋଲମରିଚ ଗୁଣ୍ଡ, ଲଙ୍କା ଗୁଣ୍ଡ, ଧନିଆପତ୍ରକୁ ଶୁଖିଲା ଅଟାଦେଇ ୩ରୁ ୪ ଇଞ୍ଚ ମୋଟା କରି ବେଲି ଦିଅନ୍ତୁ । କଡ଼େଇରେ ତେଲ ଗରମ କରି ଭଟୁରେକୁ ଛାଣନ୍ତୁ । ଧ୍ୟାନ ରଖିବେ ଛାଣିବା ସମୟରେ ଆଞ୍ଚକୁ ବଢ଼େଇଦେବେ । ହାଲୁକା ବ୍ରାଉନ୍ ହେବା ପରେ ଭଟୁରେକୁ ପଲଟେଇ ଦିଅନ୍ତୁ । ଏବେ ଭଟୁରେକୁ ଛୋଲେ ଓ ଆଚାର ସହିତ ଖାଆନ୍ତୁ ।

ଫିଲ୍ମ ଟକ୍

ପପୁଲାର ଅଭିନେତ୍ରୀ କିଆରା କିଣିଲେ ନୂଆ ଗାଡ଼ି



'ବଲିଉଡ୍‌ର ପପୁଲାର ଅଭିନେତ୍ରୀ କିଆରା ଆଡଭାନୀ । ବର୍ତ୍ତମାନ ତାଙ୍କର ଅପକମିଂ ଚଳଚ୍ଚିତ୍ର 'ସତ୍ୟପ୍ରେମ କି କଥା' ପାଇଁ ଚର୍ଚ୍ଚାରେ

ନିର୍ବାଚନ ପୂର୍ବରୁ ବିଜେପି ଆଡ଼କୁ ଢ଼ଳୁଛି ଜେଡିଏସ୍

ନୂଆଦିଲ୍ଲୀ : ଗତ ମାସରେ ସରିଥିବା କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ ଜେଡିଏସ୍ (ଜନତା ଦଳ ସେକ୍ୟୁଲାର) ସବୁଠାରୁ ଖରାପ ପ୍ରଦର୍ଶନ କରିଛି । ତେବେ ଭବିଷ୍ୟତ ପାଇଁ ନୂଆ ରଣନୀତିରେ ବଢୁଥିବା ଜେଡିଏସ୍ ଏବେ ବିଜେପି ଆଡ଼କୁ ଢଳିବା ଆରମ୍ଭ କରିଛି । ୨୦୨୪ ଲୋକସଭା ନିର୍ବାଚନରେ ଜେଡିଏସ୍ ବିଜେପି ସହ ମେଣ୍ଟ କରିପାରେ । ୨୦୧୯ ଲୋକସଭା ନିର୍ବାଚନରେ କର୍ଣ୍ଣାଟକରେ ମୋଟ୍ ୨୮ଟି ଲୋକସଭା ଆସନରୁ ଜେଡିଏସ୍ ମାତ୍ର ଗୋଟିଏ ଆସନରେ ଜିତିଥିଲା । ତେବେ ଗତ ବିଧାନସଭା ନିର୍ବାଚନ ପରିଣାମ ଆସିବାପରେ ଜେଡିଏସ୍ ୨୦୨୪ ଲୋକସଭା ନିର୍ବାଚନ ପାଇଁ ବିଜେପି ସହ ହାତ ମିଳାଇବାକୁ ପ୍ରୟାସ କରୁଛି । ଜେଡିଏସ୍ ପୂର୍ବରୁ ବିଜେପି ସହ ମେଣ୍ଟ କରିଥିଲା । ଜେଡିଏସ୍ ସୁପ୍ରିମୋ ଏଚଡି ଦେବଗୌଡ଼ା ଏବଂ ତାଙ୍କ ପୁଅ ଏଚ୍ଡି କୁମାରସ୍ୱାମୀ ବିଜେପି ସହ ମେଣ୍ଟ କରି କଂଗ୍ରେସକୁ ହରାଇବାକୁ ଚାହିଁଛନ୍ତି । ଉଲ୍ଲେଖଯୋଗ୍ୟ, ବିଜେପି ଏବଂ ଜେଡିଏସ୍ ୨୦୦୬ରେ କର୍ଣ୍ଣାଟକରେ ଏକ ମେଣ୍ଟ ସରକାର ଗଠନ କରିଥିଲେ । ଏହି ସମୟରେ କୁମାରସ୍ୱାମୀ ମୁଖ୍ୟମନ୍ତ୍ରୀ ଥିଲେ ଏବଂ ବିଏସ୍ ୟେଦୁରପ୍ପା ତାଙ୍କ ଉପମୁଖ୍ୟମନ୍ତ୍ରୀ ଥିଲେ । ୨୦ ମାସର କ୍ଷମତା ବଣ୍ଟନର ଫର୍ମୁଲା ହୋଇଥିଲା । କିନ୍ତୁ ଜେଡିଏସ୍ ବିଜେପିକୁ କ୍ଷମତା ହସ୍ତାନ୍ତର ନକରିବାରୁ ଏହି ମେଣ୍ଟ ବେଶୀଦିନ ତିଷ୍ଠିଲାନି । ତେବେ ଜେଡିଏସ୍ ବିଜେପି ଆଡ଼କୁ ଢଳୁଛି ବୋଲି ବିଭିନ୍ନ ସଙ୍କେତ ମିଳିସାରିଛି । ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣା ପରେ ସବୁ ବିରୋଧୀ ଦଳ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଇସ୍ତଫା ଦାବି କରିଥିଲେ । କିନ୍ତୁ ଜେଡିଏସ୍ ସୁପ୍ରିମୋ ଦେବଗୌଡ଼ା କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସମର୍ଥନ କରିଥିଲେ । ଦେବଗୌଡ଼ା କହିଛନ୍ତି, ରେଳ ଦୁର୍ଘଟଣା ପରେ ରେଳ ମନ୍ତ୍ରୀ ଅକ୍ଳାନ୍ତ ଭାବେ କାମ କରି ଚାଲିଛନ୍ତି । ଏବେ ତଦନ୍ତ ସରିବାକୁ ଦିଅ । ମନ୍ତ୍ରୀ ତାଙ୍କ କାମ ଠିକ୍ କରୁଛନ୍ତି । ଏହି ସମୟରେ ତାଙ୍କର ଇସ୍ତଫା ଦାବି କରିବା ଆଦୌ ଯୁକ୍ତିଯୁକ୍ତ ନୁହେଁ । ନିକଟରେ ନୂଆ ସଂସଦ ଭବନ ଉଦ୍ଘାଟନକୁ ୨୦ଟି ବିରୋଧୀ ଦଳ ବର୍ଜନ କରିଥିବା ବେଳେ ଜେଡିଏସ୍ ସଂସଦ ଭବନ ଉଦ୍ଘାଟନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲା । ତେବେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଅଣ ବିଜେପି ଦଳଗୁଡ଼ିକୁ ଏକଜୁଟ କରିବାପାଇଁ ଯେଉଁ ପ୍ରୟାସ ଜାରି ରଖିଛନ୍ତି ତାକୁ କଟାକ୍ଷ କରି ଦେବଗୌଡ଼ା କହିଥିଲେ, ମୁଁ ଦେଶର ରାଜନୀତିକୁ ଭଲଭାବେ ଅନୁଶୀଳନ କରିଛି । ଦେଶରେ ମତେ ଗୋଟିଏ ବି ଦଳ ଦେଖାଅ ଯାହା ବିଜେପି ସହ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଜଡ଼ିତ ନଥିବ । ସେହିପରି ବିରୋଧୀ ମେଣ୍ଟରେ ଜେଡିଏସ୍ ସାମିଲ ହେବ କି ନା' ସେନେଇ ଦେବଗୌଡ଼ା କୌଣସି ସ୍ପଷ୍ଟ ଟିପ୍ପଣୀ ରଖିନାହାନ୍ତି ।

ଦ୍ୱିତୀୟ ଥର ପାଇଁ ରେପୋ ହାରରେ କୌଣସି ପରିବର୍ତ୍ତନ ନାହିଁ : ଆରବିଆଇ ଗଭର୍ଣ୍ଣର

ନୂଆଦିଲ୍ଲୀ: ଭାରତୀୟ ରିଜର୍ଭ ବ୍ୟାଙ୍କ ତିନି ଦିନିଆ ଏମପିସି ବୈଠକର ଫଳାଫଳ ଘୋଷଣା କରିଛି । ସୂଚନା ପ୍ରଦାନ କରି ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି ଯେ ୨୦୨୩-୨୪ ଆର୍ଥିକ ବର୍ଷର ଏହି ଦ୍ୱିତୀୟ ବୈଠକରେ ନୀତି ହାର (ରେପୋ ରେଟ୍) ସ୍ଥିର ରହିଛି । ଏହାପୂର୍ବରୁ ଏପ୍ରିଲ ମାସରେ ଅନୁଷ୍ଠିତ ବୈଠକରେ ରେପୋ ହାରରେ କ ମଷବଭଶର ଶସି ପରିବର୍ତ୍ତନ କରାଯାଇ ନଥିଲା । ତାହା ହେଉଛି, ଏହା ୬.୫ ପ୍ରତିଶତରେ ସ୍ଥିର ରହିବ ଏବଂ ରଗଓ ଦେଉଥିବା ଲୋକଙ୍କ ଉପରେ ଭାର ବ ଙ୍ଗସଷଷ୍ଟ ବ ନାହିଁ । ଜୁନ୍ ୬ ରୁ ଆରମ୍ଭ ହୋଇଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ର ମୁଦ୍ରା ନୀତି କମିଟି (ଏମପିସି) ବୈଠକର ଫଳାଫଳକୁ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଘୋଷଣା କରିଛନ୍ତି । ସେ କହିଛନ୍ତି ଯେ ଏଥର ମଧ୍ୟ ରେପୋ ରେଟରେ କୌଣସି ପରିବର୍ତ୍ତନ ହୋଇନାହିଁ । ଆପଣଙ୍କୁ କହିରଖୁଛୁ ଯେ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ପାଇଁ ଯାହା ମେ ୨୦୨୨ ଠାରୁ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି, କେନ୍ଦ୍ରୀୟ ବ୍ୟାଙ୍କ ରେପୋ ହାରକୁ ଗୋଟିଏ ପରେ ଗୋଟିଏ ବୃଦ୍ଧି କରିଛି । ମେ ମାସ ୨୦୨୨ ରୁ ଫେବୃଆରୀ ୨୦୨୩ ଅର୍ଥାତ୍ ୯ ମାସ ମଧ୍ୟରେ ଆରବିଆଇ ରେପୋ ହାରକୁ ୨୫୦ ଆଧାର ପଏଣ୍ଟ ବୃଦ୍ଧି କରିଛି । ବର୍ତ୍ତମାନ ରେପୋ ହାର ୬.୫ ପ୍ରତିଶତ ଅଟେ । ରେପୋ ରେଟ୍ ହେଉଛି ସେହି ହାର ଯେଉଁଥିରେ ଆରବିଆଇ ବ୍ୟାଙ୍କଗୁଡିକୁ ଋଣ ଦେଇଥାଏ, ଓଲଟା ରେପୋ ରେଟ୍ ହେଉଛି ସେହି ହାର ଯେଉଁଥିରେ ଟଙ୍କା ରଖିବା ପାଇଁ ଆରବିଆଇ ବ୍ୟାଙ୍କଗୁଡିକୁ ସୁଧ ଦେଇଥାଏ । ରେପୋ ହାର ହ୍ରାସ ହେତୁ ଇଏମ୍ଆଇ ହ୍ରାସ ହୋଇଥିବା ବେଳେ ରେପୋ ହାରରେ ବୃଦ୍ଧି ମଧ୍ୟ ରଗଓ ବୃଦ୍ଧି ଘଟାଏ । ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି ଯେ ଭାରତୀୟ ଅର୍ଥନୀତି ଦୃଢ଼ ଏବଂ ସ୍ଥିର ହୋଇଥିବାରୁ ଏହା ଆଶ୍ୱାସନାର ବିଷୟ । ଏହା ସହିତ, ଆମେ ଏହା ମଧ୍ୟ ଜାଣୁ ଯେ ବିଶ୍ୱ ନୀତି ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇପାରି ନାହିଁ, କିନ୍ତୁ ଘରୋଇ ମାଇକ୍ରୋ ଇକୋନମିକ୍ ଅଧିକ ଶକ୍ତିଶାଳୀ ହେଉଛି । ଯେଉଁଥିପାଇଁ ଏମପିସି ବ ବୈଠକର ସମସ୍ତ ସଦସ୍ୟ ସର୍ବସମ୍ମତି କ୍ରମେ ନୀତି ସୁଧ ହାରରେ କୌଣସି ପରିବର୍ତ୍ତନ ନକରିବାକୁ ନିଷ୍ପତ୍ତି ନେଇଛନ୍ତି ।

୨୩ରେ ବୈଠକ କରିବେ ବିରୋଧୀ ଦଳ

ପାଟନା : ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ପାଟନାରେ ଡକାଇଥିବା ବିରୋଧୀ ଦଳ ବୈଠକ ଜୁନ ୨୩ରେ ଅନୁଷ୍ଠିତ ହେବାକୁ ଯାଉଛି । ୨୦୨୪ ଲୋକ ସଭା ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିବାକୁ ଦେଶର ଅନେକ ରାଜନୈତିକ ଭେଟେରାନଙ୍କ ସମାବେଶ ହେବ । ଏହି ବୈଠକ ପ୍ରଥମେ ମେ' ୧୯ ଏବଂ ପରେ ଜୁନ ୧୨ରେ ହେବାର ଥିଲା, କିନ୍ତୁ ସବୁ ଦଳର ବରିଷ୍ଠ ନେତାଙ୍କ ଅନୁପସ୍ଥିତି ଯୋଗୁଁ ଏହାକୁ ସ୍ଥଗିତ ରଖାଯାଇଥିଲା । କିନ୍ତୁ ଜୁନ ୨୩ରେ ବୈଠକ ପାଇଁ ସମସ୍ତ ଦଳର ବିଶିଷ୍ଟ ନେତାମାନେ ସେମାନଙ୍କ ସହମତି ଦଇଛନ୍ତି । ଜନତା ଦଳ ୟୁନାଇଟେଡ (ଜେଡିୟୁ)ର ରାଷ୍ଟ୍ରୀୟ ସଭାପତି ଲଲନ ସିଂ କହିଛନ୍ତି, କଂଗ୍ରେସ ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ରାହୁଲ ଗାନ୍ଧୀ ଏହି ବୈଠକରେ ଯୋଗଦେବାକୁ ରାଜି ହୋଇଛନ୍ତି । ଏହା ସହିତ ଟିଏମସି ମୁଖ୍ୟ ତଥା ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ସମାଜବାଦୀ ପାର୍ଟି (ଏସ୍ପି) ସଭାପତି ଏବଂ ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ, ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ) ମୁଖ୍ୟ ତଥା ଝାଡଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ, ଶିବସେନା ସଭାପତି ତଥା ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ, ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନସିପି) ମୁଖ୍ୟ ଶରଦ ପାୱାର, ଡିଏମକେ ସଭାପତି ଏବଂ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ.କେ ଷ୍ଟାଲିନ, ଆମ ଆଦମୀ ପାର୍ଟି (ଏଏପି) ଜାତୀୟ ସଂଯୋଜକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ, ସିପିଆଇ ସଚିବ ଡି. ରାଜା, ସିପିଏମ ସୀତାରାମ ୟେଚୁରୀ, ସିପିଆଇ (ଏମ) ସଚିବ ଦୀପଙ୍କର ଭଟ୍ଟାଚାର୍ଯ୍ୟ ମଧ୍ୟ ଏଥିରେ ଯୋଗଦେବାକୁ ସହମତି ଦେଇଛନ୍ତି ।

ଲିଭ୍-ଇନ୍ ପାର୍ଟନରକୁ ପ୍ରେସରକୁକରରେ ସିଝାଇଲା ପ୍ରେମିକ

ମୁମ୍ବାଇ: ଲିଭ-ଇନ୍ ପାର୍ଟନରକୁ ହତ୍ୟା ପରେ ଖଣ୍ଡ ଖଣ୍ଡ କଲା ପ୍ରେମିକ । ଏତିକିରେ ମନ ଶାନ୍ତ ହେଲାନି ଯେ, ମୃତଦେହ ଖଣ୍ଡକୁ ପ୍ରେସରକୁକରରେ ପକାଇ ସିଝାଇଲା । ଦିଲ୍ଲୀରେ ହୋଇଥିବା ଶ୍ରଦ୍ଧା ମର୍ଡର କେସ୍ ଭଳି ଏକ ଘଟଣା ମହାରାଷ୍ଟ୍ରର ମୁମ୍ବାଇରେ ଘଟିଛି । ଲିଭ୍-ଇନରେ ରହୁଥିବା ଜଣେ ବ୍ୟକ୍ତି ନିଜ ପ୍ରେମିକାକୁ ହତ୍ୟା ପରେ ଗଛ କଟା ମେସିନରେ ମୃତଦେହ ଖଣ୍ଡ ଖଣ୍ଡ କରିଥିଲା । ଏହାପରେ ଶରୀରର ଏହି ଖଣ୍ଡ ଅଂଶକୁ ପ୍ରେସରକୁକରରେ ସିଝାଇ ଦେଇଥିବା ଜଣାପଡ଼ିଛି । ଯେପରି କୌଣସି ଦୁର୍ଗନ୍ଧ ନଆସେ ଓ କେହି ଯେପରି ନଜାଣି ପାରନ୍ତି ଏଥିପାଇଁ ସେ ଏପରି କରିଥିବା କୁହାଯାଉଛି । ପୋଲିସ୍ ଅଭିଯୁକ୍ତକୁ ଗିରଫ କରି ପଚରାଉଚରା ଚଳାଇଛି । ସୂଚନାଥାଉ କି, ମୀରା ରୋଡ୍ ସ୍ଥିତ ନୟା ନଗର ଥାନା ଅନ୍ତର୍ଗତ ଗୀତା-ଆକାଶଦୀପ ସୋସାଇଟିରେ ଏହି ବୀଭତ୍ସ ହତ୍ୟାକାଣ୍ଡ ଘଟିଛି । ସୋସାଇଟିର ୭ମ ମହଲାରେ ରହୁଥିବା ୫୬ ବର୍ଷୀୟ ମନୋଜ ସାହାଣୀ, ଲିଭ-ଇନ୍ ପାର୍ଟନର ୩୬ ବର୍ଷୀୟ ସରସ୍ୱତୀଙ୍କ ହତ୍ୟା କରିଛି । ଦୀର୍ଘ ଦିନ ହେବ ଉଭୟ ଏକାଠି ରହୁଥିଲେ । ତେବେ କିଛିଦିନ ହେବ ମନୋଜ ରହୁଥିବା ଫ୍ଲାଟରୁ ଦୁର୍ଗନ୍ଧ ବାହାରୁଥିଲା । ଖବରପାଇ ପୋଲିସ୍ ମନୋଜ ରହୁଥିବା ଫ୍ଲାଟରେ ପହଞ୍ଚି ଛାନଭିନ୍ କରିଥିଲା । ଛାନଭିନ୍ ବେଳେ ଘର ଭିତରୁ ଦୁର୍ଗନ୍ଧ ବାହାରୁଥିବା ପୋଲିସ୍ ଜାଣିବାକୁ ପାଇଥିଲା । ଏହାସହ ପୋଲିସ୍ ମହିଳାଙ୍କ ମୃତଦେହ ଖଣ୍ଡ ପାଇଥିଲା । ଏହାପରେ ତୁରନ୍ତ ମନୋଜକୁ ପୋଲିସ୍ ଗିରଫ କରିଥିଲା । ଜେରା ବେଳେ ସେ ଲିଭ୍-ଇନ୍ ପାର୍ଟନରକୁ ହତ୍ୟା କରିଥିବା କଥା ସ୍ୱୀକାର କରିଥିଲା । ପୋଲିସ୍ ସୂଚନା ଅନୁସାରେ, କୌଣସି କଥାକୁ ନେଇ ମନୋଜ ଓ ସରସ୍ୱତୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଏଥିରେ ରାଗି ଯାଇ ମନୋଜ ଲିଭ୍-ଇନ୍ ପାର୍ଟନର ସରସ୍ୱତୀଙ୍କୁ ହତ୍ୟା କରିଥିଲା । ଏହାପରେ ବଜାର ଯାଇ ଗଛ କଟା ମେସିନ୍ ଆଣିଥିଲା । ଫ୍ଲାଟକୁ ଫେରି ମେସିନ୍ ସାହାଯ୍ୟରେ ମୃତଦେହ ଖଣ୍ଡ ଖଣ୍ଡ କରିଥିଲା । ଯାଞ୍ଚ ବେଳେ ପୋଲିସ୍ ଜାଣିବାକୁ ପାଇଛି ଯେ, ଯେପରି କୌଣସି ଦୁର୍ଗନ୍ଧ ନଆସେ ଏନେଇ ସେ ମୃତଦେହର କିଛି ଖଣ୍ଡକୁ ପ୍ରେସରକୁକରରେ ପକାଇ ସିଝାଇ ଦେଇଥିଲା । ପ୍ରମାଣ ନଷ୍ଟ ଓ ଦୁର୍ଗନ୍ଧରୁ ରକ୍ଷା ପାଇଁ ସେ ଏପରି କରିଥାଇପାରେ ପୋଲିସ୍ ଅନୁମାନ କରୁଛି । ପୋଲିସ୍ କହିଛି ଯେ, ୩-୪ ଦିନ ପୂର୍ବେ ହତ୍ୟା ହୋଇଥିବା ଅନୁମାନ କରାଯାଉଛି । ତେବେ ମୃତଦେହ ଖଣ୍ଡକୁ ଏକାଠି କରି ପୋଷ୍ଟମର୍ଟମ ପାଇଁ ପଠାଯାଇଛି । ଘଟଣାସ୍ଥଳରେ ଫୋରେନସିକ୍ ଟିମ୍ ପହଞ୍ଚି ଛାନଭିନ୍ କରିଛି । ଏହାସହ ଫ୍ଲାଟରୁ ଅନ୍ୟ ପ୍ରମାଣ ମଧ୍ୟ ପୋଲିସ୍ ଯୋଗାଡ଼ କରିଛି । ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ଅଧିକ ତଥ୍ୟ ସାମ୍ନାକୁ ଆସିବ ବୋଲି ପୋଲିସ୍ କହିଛି ।

କେଜରିୱାଲଙ୍କ ସଭାରେ ମୋଦୀ ନାରା

ନୂଆଦିଲ୍ଲୀ: ଭାଷଣ ଦେବା ସମୟରେ ମୋଦୀ ମୋଦୀ କହିବା ଆରମ୍ଭ କଲେ ଲୋକେ । ଏହା ଶୁଣି ହାତ ଯୋଡିଦେଲେ କେଜ୍ରିୱାଲ ।ଦେଶର ରାଜଧାନୀ ଦିଲ୍ଲୀର ଗୁରୁ ଗୋବିନ୍ଦ ସିଂ ଇନ୍ଦ୍ରପ୍ରସ୍ଥ ବିଶ୍ୱବିଦ୍ୟାଳୟର ପୂର୍ବ ଦିଲ୍ଲୀ କ୍ୟାମ୍ପସକୁ ଉପରାଜ୍ୟପାଳ ବିନୟ କୁମାର ସକ୍ସେନା ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏକାଠି ଉଦଘାଟନ କରିଥିଲେ । କିନ୍ତୁ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ ମଞ୍ଚରୁ କହିବା ଆରମ୍ଭ କରିବା ମାତ୍ରେ, ସାମ୍ନାରେ ବସିଥିବା ବିଜେପିର କର୍ମକର୍ତ୍ତାମାନେ ମୋଦୀ-ମୋଦୀ ସ୍ଲୋଗାନ ଦେବା ଆରମ୍ଭ କରିଥିଲେ । ଏହା ପରେ ଆପର କର୍ମକର୍ତ୍ତାମାନେ ଅରବିନ୍ଦ କେଜ୍ରିୱାଲ ଜିନ୍ଦାବାଦ କହିବା ଆରମ୍ଭ କରିଥିଲେ । ଏହି ଘଟଣାରେ ଆଶ୍ଚର୍ଯ୍ୟ ହୋଇ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଦୁଇ ଦଳକୁ ଟିକେ ଅପେକ୍ଷା କରିବାକୁ ଏବଂ ପରେ ସ୍ଲୋଗାନ ଦେବାକୁ ନିବେଦନ କରିଥିଲେ ବୋଲି ଜଣାପଡ଼ିଛି । ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ କହିଥିଲେ ଯେ ଯଦି ଆପଣମାନେ ଏହିପରି ଭାବେ ବିଶୃଙ୍ଖଳା ସୃଷ୍ଟି କରିବେ, ତେବେ ମୁଁ ଆଦୌ କିଛି କହି ପାରିବି ନାହିଁ । ଯଦି ଆପଣ ଆମ ଆଇଡିଆକୁ ପସନ୍ଦ କରୁ ନାହାନ୍ତି, ତେବେ ଠିକ ଅଛି । ମୋତେ ପାଞ୍ଚ ମିନିଟରେ ମୋ କଥା ସମାପ୍ତ କରିବାକୁ ଦିଅନ୍ତୁ । ଏହା ପରେ ଆପଣମାନେ ସ୍ଲୋଗାନ ଦେଇପାରିବେ । ମଝିରେ ଏଭଳି ବିଶୃଙ୍ଖଳା ହେଲେ ମୁଁ କହିପାରିବି ନାହିଁ । ଦେଶ ଭିତରେ ଗଣତନ୍ତ୍ର ଅଛି । ସମସ୍ତଙ୍କର ନିଜ କଥା କହିବାର ଅଧିକାର ଅଛି । ମୁଁ ଅପବ୍ୟବହାର କରୁନାହିଁ । ମୁଁ ଯାହା କହୁଛି ତାହା ସଠିକ୍ ଅଟେ । ଯଦି ଆପଣ ଏହାକୁ ପସନ୍ଦ କରନ୍ତି ତେବେ ଭଲ, ଯଦି ଆପଣ ଏହାକୁ ପସନ୍ଦ କରନ୍ତି ନାହିଁ ତାହେଲେ ମଧ୍ୟ ଭଲ । କେଜ୍ରିୱାଲଙ୍କ ଏଭଳି କଥା ପରେ ବି ଲୋକମାନେ ଜୋରରେ ସ୍ଲୋଗାନ ଦେବାକୁ ଲାଗିଲେ । ପରେ ବିଶ୍ୱବିଦ୍ୟାଳୟ ପ୍ରଶାସନ ହସ୍ତକ୍ଷେପ କରିବାରୁ ସ୍ଥିତି ସୁଧୁରିଥିଲା ।

Azadi Ka Amrit Mahotsav
G20 ଭାରତ INDIA

ଯେପରି **ପାଣି** ଦ୍ୱାରା ବୃକ୍ଷ **ବଢ଼ିଥାଏ**
ସେହିଭଳି ଆପଣଙ୍କ **ଟ୍ୟାକ୍ସ** ଦ୍ୱାରା ଦେଶ **ସମୃଦ୍ଧ** ହୋଇଥାଏ

ଅଗ୍ରିମ କରର ପ୍ରଥମ କିସ୍ତିର ଦାଖଲ
୧୫ ଜୁନ୍, ୨୦୨୩ ସୁଦ୍ଧା କରନ୍ତୁ

ଅଗ୍ରିମ କରର ଦାଖଲ ଲାଗି ଦାୟୀ
- ଯେକୌଣସି ନିର୍ଦ୍ଧାରିତ, ବେତନଭୋଗୀ କର୍ମଚାରୀ ସମେତ, ଯାହାଙ୍କର ସ୍ରୋତ ଉପରେ କଟାଯାଉଥିବା / ସଂଗୃହୀତ କରାଯାଉଥିବା କର ପରେ, ଆର୍ଥିକବର୍ଷ ଲାଗି କର ଦେୟତା ୧୦,୦୦୦/- କିମ୍ବା ତା'ଠାରୁ ଅଧିକ ଅଟେ ।

ଦାଖଲର ପ୍ରଣାଳୀ
- ଇ-ଦାଖଲ ସମସ୍ତ କର୍ପୋରେଟ୍ସ ତଥା ସେହି ସମସ୍ତ ନିର୍ଦ୍ଧାରିତଙ୍କ ଲାଗି ମଧ୍ୟ ଅନିବାର୍ଯ୍ୟ ଅଟେ, ଯାହାଙ୍କର ଆକାଉଣ୍ଟର ଆୟକର ଅଧିନିୟମ, ୧୯୬୧ର ଧାରା 44 AB ଅଧୀନ ଆକାଉଣ୍ଟର କିମ୍ବା ଅପେକ୍ଷିତ ଅଟେ ।
- ଇ-ଦାଖଲ ଅନ୍ୟ କରଦାତାମାନଙ୍କ ଲାଗି ମଧ୍ୟ ସୁବିଧାଜନକ ଅଟେ, କାହିଁକିନା ଏହା ଉଚିତ କ୍ରେଡିଟ୍ ସୁନିଶ୍ଚିତ କରିଥାଏ ।

ଦେୟ ତାରିଖ	ରାଶି
୧୫ ଜୁନ୍, ୨୦୨୩ କିମ୍ବା ତା' ପୂର୍ବରୁ	ମୋଟ୍ ଆନୁମାନିକ ଆୟର ଦେୟ ଅଗ୍ରିମ କରର ୧୫ପ୍ରତିଶତ

ଇ-ଭ୍ରୋଚର ଲାଗି କ୍ୟୁଆର କୋଡ ସ୍କାନ୍ କରନ୍ତୁ

ଆୟକର ବିଭାଗ
କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ
ଅଧିକ ବିବରଣୀ ଲାଗି www.incometax.gov.inକୁ ଯାଆନ୍ତୁ

ଅଧିକ ବିବରଣୀ ଲାଗି କ୍ୟୁଆର କୋଡ ସ୍କାନ୍ କରନ୍ତୁ

@IncomeTaxIndia @IncomeTaxIndiaOfficial @IncomeTaxIndiaOfficial @Income Tax India @Income Tax India Official

cbc 15401/13/0004/2324

ତିହିଡ଼ି ଅଲେଖ ମହିମା ମଠରୁ ଚୋରି ଘଟଣାରେ ଆଉ ୪ ଅଭିଯୁକ୍ତ ଗିରଫ

ନଗଦ ୧ଲକ୍ଷ ୬୮ ହଜାର ଟଙ୍କା ସମେତ ୨ଲକ୍ଷ ୨୦ ହଜାର ଟଙ୍କାର ସୁନା ଅଳଙ୍କାର ଜବତ

ଭଦ୍ରକ, (ପିପିଏସ) : ଭଦ୍ରକ ଜିଲା ତିହିଡ଼ି ବ୍ଲକ ଭାଟପଡ଼ା ପଞ୍ଚାୟତ ମିର୍ଜାପୁର ଗ୍ରାମରେ ଥିବା ଅଲେଖ ମହିମା ମଠରୁ ଗତ ଫେବୃୟାରୀ ୫ତାରିଖ ରାତିରେ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଚୋରି ହୋଇ ଥିବା ଘଟଣାରେ ପୁଲିସ ଆଉ ୪ଜଣ ଅଭିଯୁକ୍ତକୁ ଗିରଫ କରିବାକୁ ସକ୍ଷମ ହୋଇଛନ୍ତି । ଏଥି ସହିତ ଅଭିଯୁକ୍ତ ମାନଙ୍କ ଠାରୁ ନଗଦ ୧ଲକ୍ଷ ୬୮ ହଜାର ଟଙ୍କା ସମେତ ୨ଲକ୍ଷ ୨୦ ହଜାର ଟଙ୍କା ମୂଲ୍ୟର ସୁନା ଚେନ୍ ଓ କାନଫୁଲ ଜବତ କରାଯାଇଛି । ଏହା ପୁଲିସ ପାଇଁ ଏକ ବଡ଼ ସଫଳତା ବୋଲି ଆଲୋଚନା ହେଉଛି । ତିହିଡ଼ି ଥାନା ଏସଆଇ ତଥା ଘଟଣାର ତଦନ୍ତକାରୀ

ଅଫିସର ଅରୁନ୍ଧତୀ ବେହେରା ଘଟଣାକୁ ଅତ୍ୟନ୍ତ ତୀକ୍ଷ୍ଣ ଦୃଷ୍ଟି ଦେଇ ଅନୁସନ୍ଧାନ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହିତ ଚୋରି ଟଙ୍କା ଜବତ କରିଛନ୍ତି । ଗିରଫ ହୋଇଥିବା ଅଭିଯୁକ୍ତ ହେଲେ ବାଂଶଡ଼ା ଥାନା ଅଧିନ ଖଦାଳପୋଖରୀ ଗ୍ରାମର ମିଲନ ଦାସ, ଶ୍ରବଣା ନାଥ, ସତ୍ୟଭାମା ନାଥ ଓ ଧାମରା ଅଞ୍ଚଳର ରଶ୍ମିତା ଦାସ ବୋଲି ଜଣାପଡ଼ିଛି । ତେବେ ଏହି ଘଟଣାରେ ଏବେ ସୁଦ୍ଧା ମୋଟ ୮ଜଣ ଅଭିଯୁକ୍ତ ଗିରଫ ହୋଇଥିବା ଜଣାଯାଇଛି । ସୂଚନା ଯୋଗ୍ୟ ଯେ, ଗତ ଫେବୃଆରୀ ୩ତାରିଖରେ ଢେଙ୍କାନାଳ ସ୍ଥିତ ଯୋରନ୍ଦା ଗାଦିକୁ ପୂର୍ଣ୍ଣମୀ ଉପଲକ୍ଷେ ମଠର ବାବାଜୀ ଗଣେଶ ଦାସ ଯାଇଥିଲେ । ସେ ଫେବୃଆରୀ ୬ତାରିଖ ସୋମବାର ମଧ୍ୟାହ୍ନ ୧ଘଟିକା ସମୟରେ ଯୋରନ୍ଦାରୁ ଫେରି ମିର୍ଜାପୁର ମଠରେ ପହଞ୍ଚି ଥିଲେ । ମଠରେ ପହଞ୍ଚିବା ପରେ ଦେଖିଥିଲେ ଯେ ମଠର ଗ୍ରୀଲ କଟାଯାଇ ଘର ଓ ବାକ୍ସ ତାଲା ଭାଙ୍ଗି ବାକ୍ସରେ ଗଚ୍ଛିତ ଥିବା ଦାନ ଭିକ୍ଷା ଓ ମଠର ଘରଭଡ଼ା ମିଶି ପ୍ରାୟ ୧୦ଲକ୍ଷରୁ ଉର୍ଦ୍ଧ୍ୱ ନଗଦ ଟଙ୍କା କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଛି । ପୂର୍ବରୁ ଏହି ମଠରେ ରହୁଥିବା ଜୟଦେବ ଦାସ ଟଙ୍କା ଚୋରି କରିଥିବା ନେଇ ମଠର ବାବାଜୀ ଶ୍ରୀ ଦାସ ଥାନାରେ ଅଭିଯୋଗ କରିଥିଲେ । ପରେ ପୁଲିସ କେଶ ନଂ ୬୫/୨୩ରେ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ତଦନ୍ତ କରିଥିଲେ । ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ତଦନ୍ତକାରୀ ଅଫିସର ଅରୁନ୍ଧତୀ ବେହେରା ପ୍ରକାଶ କରିଛନ୍ତି ।

ଅଭୟା ଯୁବକ ସଂଘ ପକ୍ଷରୁ ସମୂହ ପ୍ରାର୍ଥନା ଓ ଦୀପ ଦାନ

କେନ୍ଦ୍ରାପଡା, (ହି.ସ.) : ବାଲେଶ୍ୱର ର ବାହାନଗା ଠାରେ ଘଟିଯାଇଥିବା ମର୍ମନ୍ତୁକ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତି ମାନଙ୍କ ଆତ୍ମାର ସଦ୍‌ଗତି କାମନା କରି ଓ ଆହତ ମାନଙ୍କ ଆଶୁ ଆରୋଗ୍ୟ ଲାଭ ପାଇଁ ଅଭୟା ଯୁବକ ସଂଘ ପକ୍ଷରୁ ସମୂହ ପ୍ରାର୍ଥନା ଓ ଦୀପ ଦନ କରାଯାଇଛି । ସଂଘର ସଭାପତି ତଥା କାଉନସିଲର ପ୍ରଦିପ୍ତ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂପାଦକ ହିମାଂଶୁ ଶେଖର ଦାସ, ପ୍ରମୋଦ କୁମାର ମହାରଣା, ହଳାୟୁଧ ଦାସ, ନାରାୟଣ ଷଡଙ୍ଗୀ, କାର୍ତ୍ତିକେୟ ନନ୍ଦ, ରମେଶ ମହାରଣା, ମନୋଜ କୁମାର ତ୍ରିପାଠୀ, ଜଗନ୍ନାଥ କର, ସରୋଜ ମହାରଣା, ମାନସ ନନ୍ଦ ଓ ଶୁଭମ ଦାସ ପ୍ରମୁଖ ଉପସ୍ଥିତ ରହି ଦୀପ ଦାନ ଓ ପ୍ରାର୍ଥନା କରିଥିଲେ ।

ଟିପିଏସ୍‌ଓଡିଲ୍ ଦ୍ୱାରା ହେଉଥିବା ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ୍ ସମସ୍ୟାରେ ସୁଧାର ଆଣିବା ପାଇଁ ଦାବିପତ୍ର

ବ୍ରହ୍ମପୁର, (ପିପିଏସ) : ବ୍ରହ୍ମପୁର ସହରରେ ଯେତେବେଳେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେଉଛି, ପ୍ରବଳ ତାତିରେ ଲୋକେ ଆଉଟୁ ପାଉଟୁ ହେଉଛନ୍ତି ସେତିକିବେଳେ ଟିପିଏସଓଡିଏଲ ପକ୍ଷରୁ ଘଣ୍ଟା ଘଣ୍ଟା ବିଜୁଳି କାଟ ଚାଲିଛି । ବିଶେଷ କରି ବ୍ରହ୍ମପୁର ସହରର ଗୋଶାଣୀନୂଆଗାଁ ସେକ୍ଟନ ୨, କମାପଲ୍ଲୀ ଓ ଗେଟ ବଜାର ଅଂଚଳରେ ଦିନତମାମ ଅଘୋଷିତ ବିଦ୍ୟୁତ କାଟ ହେଉଛି । ଅନ୍ୟ ଯେଉଁଠି ବିଜୁଳି ରହୁଛି ସେଠି ଅନେକ ସ୍ଥାନରେ ଲୋ ଭୋଲଟେଜ ସମସ୍ୟା ଲାଗି ରହିଛି । କେଉଁଠି ଫ୍ୟାନ ବୁଲୁନି ତ କେଉଁଠି ଲାଇଟ ଜଳୁନି । ଏବେ ବିଭିନ୍ନ କମ୍ପିଟିଟିଭି ପରୀକ୍ଷା ଚାଲିଥିବା ବେଳେ

ଅଘୋଷିତ ବିଦ୍ୟୁତ କାଟ ପିଲାଙ୍କ ପାଠ ପଢ଼ାରେ ବାଧା ସୃଷ୍ଟି କରୁଛି । ବିଦ୍ୟୁତ ଶକ୍ତି ଉତ୍ପାଦନରେ ଓଡିଶା ବଳକା ରାଜ୍ୟ ହେଲେ ବି ଏ ପର୍ଯ୍ୟନ୍ତ ବିଦ୍ୟୁତ କାଟ ଓ ଲୋ ଭୋଲଟେଜ ସମସ୍ୟାରେ ସୁଧାର ନ ଆସିବା ନିହାତି ନିନ୍ଦାଜନକ ବିଷୟ ଅଟେ । ଏଣୁ ଏହି ଅଭିଯୋଗ କୁ ଗୁରୁତର ଭାବେ ନେଇ ବିଦ୍ୟୁତ କାଟ ଏବଂ ଲୋ ଭୋଲଟେଜ ସମସ୍ୟାରେ ସୁଧାର ଆଣିବା ପାଇଁ ଯଥାଶୀଘ୍ର ପଦକ୍ଷେପ ନେବାକୁ ଆମ୍ଭେ ଆପଣଙ୍କୁ ଅନୁରୋଧ କରୁଛୁ । ଆମ୍ଭ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗାମୀ ଦିନ ରେ ସହର ବାସୀଙ୍କ ଦ୍ୱାରା ଆନ୍ଦୋଳନକୁ ତୀବ୍ର ରୁ ତୀବ୍ରତର କରାଯିବ ।

ଓଡ଼ିଆ ଭାଷା ଆନ୍ଦୋଳନ ପକ୍ଷରୁ ରେଳ ଷ୍ଟେସନ ସମ୍ମୁଖରେ ଟ୍ରେନ ଦୁର୍ଘଟଣା ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି

ବ୍ରହ୍ମପୁର, (ପିପିଏସ) : ସ୍ଥାନୀୟ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଓଡ଼ିଶା ଭାଷା ଅନ୍ଦୋଳନ ପକ୍ଷରୁ ବାଲେଶ୍ୱର ଜିଲାର ବାହାନଗ ଠାରେ ସଂଗଠିତ ରେଳ ଦୁର୍ଘଟଣାରେ ଶତାଧିକ ମୃତକଙ୍କ ପ୍ରତି ବ୍ରହ୍ମପୁର ରେଳ ଷ୍ଟେସନ ସମ୍ମୁଖରେ ଏକ ଶୋକସଭା ପ୍ରତିଷ୍ଠାତା ସଭାପତି ତ୍ରିନାଥ ମହାରଣାଙ୍କ ପୌରୋହିତ୍ୟରେ ଦୀପଜାଳି ସ୍ୱର୍ଗତ ଆତ୍ମାର ସଦ୍‌ଗତି ଆଶୁ ଆରୋଗ୍ୟ କାମନା କରାଯାଇଥିଲା । ସହଯୋଗ କରିଥିଲେ ବ୍ରହ୍ମପୁର ବରିଷ୍ଠ ନାଗରିକ ମଞ୍ଚ ଓ ସଂସ୍କାରବାଦୀ ସଂଗଠନ ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରଶାନ୍ତ କୁମାର ଶତପଥୀ, ବୃନ୍ଦାବନ ଖଟେଇ, ଅଶୋକ ଦଳାଇ, ସମୀର କୁମାର ଅଚାର୍ଯ୍ୟ, ଶିବ ପ୍ରସନ୍ନ ମିଶ୍ର, ଏସ. ଶାମ୍ବଶିବ ରାଓ, ବରିଷ୍ଠ ସାମ୍ବାଦିକ ତଥା ନବୀନର ସମ୍ପାଦକ ରବି ରଥ, ସନ୍ତୋଷ କୁମାର ମହାନ୍ତି, ପଙ୍କଜ କୁମାର ନାୟକ, ବିଜୟ କୁମାର ବିଷୋୟୀ, ବିଜୟ ଚନ୍ଦ୍ର ଚୌଧୁରୀ, ରାମେଶ୍ୱର ଶତପଥୀ, କାମରାଜୁ ମହାରଣା, ପ୍ରଭାତ କୁମାର ମିଶ୍ର, ଡ଼. ଭଗବାନ ଗନ୍ତାୟତ, ସଞ୍ଜୟ କୁମାର ମାଝି, ନିରଞ୍ଜନ ସାହୁ, ଷ୍ଟେଶନ ପ୍ରବନ୍ଧକ ଦୁର୍ଗା ପ୍ରସାଦ ବ୍ରହ୍ମା, ମୁଖ୍ୟ ଟିକଟ ନିରୀକ୍ଷକ ବସନ୍ତ କୁମାର ଶତପଥୀ, ବୃନ୍ଦାବନ ବେହେରା, ଶଙ୍କର୍ଷଣ ଭଞ୍ଜ, ବିଶ୍ୱନାଥ ସାହୁ, ଇନ୍ଦିରା ପ୍ରିୟଦର୍ଶିନୀ ସୁବୁଦ୍ଧି, ଡ଼. ସୁନୀତାରାଣୀ, ଏ. ସୁଜାତା, ପୁଷ୍ପ ଧଳ, ଆରପିଏଫ ଅଟୋରିକ୍ସା ଚାଳକ ସଂଘ, ସହରର ବୁଦ୍ଧିଜୀବୀ ପ୍ରମୁଖ ଯୋଗଦାନ କରିଥିଲେ ସ୍ୱତନ୍ତ୍ର ଭାବେ ରେଳ ଷ୍ଟେଶନର ଇଞ୍ଜିନିୟର ଷ୍ଟାଫ ସାମିଲ ହୋଇଥିଲେ ।

ବାହାନଗା ରେଳ ଦୁର୍ଘଟଣାର ସୁପ୍ରିମକୋର୍ଟ ତତ୍ତ୍ୱାବଧାନରେ

ଏସ୍‌ଆଇଟି ତଦନ୍ତ ଦାବିରେ ୧୨ ତାରିଖରେ ବ୍ରହ୍ମପୁର ଷ୍ଟେସନ ସମ୍ମୁଖରେ ବିକ୍ଷୋଭ

ବ୍ରହ୍ମପୁର, (ପିପିଏସ) : ରାଜ୍ୟର ୧୨ଟି ରାଜନୈତିକ ଦଳ ପକ୍ଷରୁ ବାହାନଗା ରେଳ ଦୁର୍ଘଟଣାର ସୁପ୍ରିମକୋର୍ଟ ତତ୍ତ୍ୱାବଧାନରେ ଏସ୍ ଆଇ ଟି ତଦନ୍ତ, ମୃତ ବ୍ୟକ୍ତିଙ୍କୁ ୫୦ ଲକ୍ଷ କ୍ଷତି ପୂରଣ, ମୃତ ବ୍ୟକ୍ତିଙ୍କ ପରିବାରରୁ ଜଣକୁ ଚାକିରୀ,ରେଳବାଇରେ ଖାଲି ପଡିଥିବା ୩ ଲକ୍ଷ ୧୨ ହଜାର ପଦ୍ୱୀ ପୂରଣ ,ନିରପେକ୍ଷ ତଦନ୍ତ ପାଇଁ ରେଳ ମନ୍ତ୍ରୀଙ୍କ ଇସ୍ତଫା ଏବଂ ବ୍ରହ୍ମପୁରରୁ ମୁମ୍ବାଇ, ଚେନ୍ନାଇ, ବେଙ୍ଗାଲୁରୁ ଓ ଦିଲ୍ଲୀକୁ ଟ୍ରେନ ଚଳାଇବା ଓ ପାସିଞ୍ଜେର ଟ୍ରେନ ଭଡା ଲାଗୁକରିବା ଦାବିରେ ଜୁନ ୧୨ତାରିଖ ଦିନ ବ୍ରହ୍ମପୁର ରେଳ ଷ୍ଟେସନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ପ୍ରଧାନମନ୍ତ୍ରୀଙ୍କୁ ୧୨ ଦଫା ସମ୍ବଳିତ ସ୍ମାରକ ପତ୍ର ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସିପିଏମ ଜିଲ୍ଲା ଅଫିସରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।ଏଥିରେ କଂଗ୍ରେସ ଦଳ ପକ୍ଷରୁ ପୀତବାସ ପଣ୍ଡା, ସିପିଆଇ ପକ୍ଷରୁ ପ୍ରକାଶ ପାତ୍ର, ନୀଳକଣ୍ଠ ଦାସ,ସିପିଆଇଏମ୍ ପକ୍ଷରୁ ଯୁଧିଷ୍ଠିର ବେହେରା, ପ୍ରତାପ ଚୌଧୁରୀ, ଶିବ ପ୍ରସାଦ ମହାପାତ୍ର, ଓ ସିପିଆଇଏମ୍ ରେଡ୍ ଷ୍ଟାର୍ ପକ୍ଷରୁ ଶଙ୍କର ସାହୁ ପ୍ରମୁଖ ଯୋଗଦେଇ ୧୨ ତାରିଖ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆଲୋଚନା କରିଥିଲେ । ଆପ ଓ ଫରୱାର୍ଡ ଦଳ ପକ୍ଷରୁ ଏହି କାର୍ଯ୍ୟକ୍ରରେ ସାମିଲ ହେବା ପାଇଁ ଘୋଷଣା କରାଯାଇଛି ।ଏଥିରେ ଜନସାଧାରଣ ବହୁ ସଂଖ୍ୟାରେ ଯୋଗ ଦେବାକୁ ସମସ୍ତ ଦଳ ପକ୍ଷରୁ ନିବେଦନ କରିଛନ୍ତି ।

ଗ୍ରାମୀଣ ରୋଜଗାର ଯୋଜନାରେ ବ୍ୟାପକ ଦୁର୍ନୀତି

କାକଟପୁର, (ପିପିଏସ) : କାକଟପୁର ବ୍ଲକର ଜଳେଶ୍ୱରପଡା ଗ୍ରାମ ପଞ୍ଚାୟତ ଅଧୀନ ୍ରାରଡା ଗ୍ରାମରେ ମହାତ୍ମା ଗାନ୍ଧୀ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନା ରେ ବ୍ୟାପକ ଦୁର୍ନୀତି ହୋଇଥିବାର ଅଭିଯୋଗ ହେଉଛି । ଘଟଣାରୁ ପ୍ରକାଶ ଯେ ବା ୍ରରଡା ଠାରୁ ତରତ ପର୍ଯ୍ୟନ୍ତ ମାଟି ରାସ୍ତା ନିର୍ମାଣ ପାଇଁ ମହାତ୍ମା ଗାନ୍ଧୀ ଗ୍ରାମୀଣ ରୋଜଗାର ଯୋଜନାରେ ତିନି ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ସାଧାରଣ ଜୁ କାର୍ଡ ଧାରୀ ମାନେ କାମ କରିବା ପାଇଁ ପଂଚାୟତ ରେ ଜୁ କାର୍ଡ ଦାଖଲ କରିଥିଲେ ମଧ୍ୟ ଏହାକୁ ବିଚାରକୁ ନନେଇ ମେସିନ ଦ୍ୱାରା ଉକ୍ତ ରାସ୍ତା ନିର୍ମାଣ କରାଯାଉଛି ।ଯାହାକି ଏହା ସଂପୂର୍ଣ୍ଣ ଆଇନ ବିରୋଧୀ ।ଲୋକେ କାମ ଧନ୍ଦା ନପାଇ ଦାଦନ ଖଟିବାକୁ ସୁରଟ, ମୁମ୍ବାଇ,ଚେନ୍ନାଇ ,ଦିଲ୍ଲୀ, କୋଲକାତା, ଚାଲିଯାଉଥିବାରୁ ସେମାନଙ୍କୁ କାମ ଯୋଗାଇ ଦେବା ପାଇଁ କେନ୍ଦ୍ରସରକାରଙ୍କ ପକ୍ଷରୁ ମହାତ୍ମା ଗାନ୍ଧୀ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନା କାର୍ଯ୍ୟକାରୀ କରାଯାଉଛି । ମାତ୍ର ସରପଞ୍ଚ ଓ ଠିକାଦାର ମାନଙ୍କର ମନମୁଖୀ କାର୍ଯ୍ୟ ପାଇଁ ଏହି ଯୋଜନା ବିଫଳ ହେଉଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଏହି ମର୍ମରେ ଉକ୍ତ ଗ୍ରାମର ଜଗବନ୍ଧୁ କା ?ଣ୍ଡି,ସୁର କାଣ୍ଡି, ଇଶ୍ୱର କାଣ୍ଡି, ଅମରା କାଣ୍ଡି, ପ୍ରଭୁତି ଶତାଧିକ ଜୁ କାର୍ଡ ଧାରୀ କାକଟପୁର ବ୍ଲକର ବିଡିଓ ଙ୍କୁ ଏକ ଅଭିଯୋଗ ପତ୍ର ଦେଇଛନ୍ତି । ମେସିନ ଦ୍ୱାରା ହେଉଥିବା କାମକୁ ତୁରନ୍ତ ବନ୍ଦ କରି ଜୁ କାର୍ଡ ଧାରୀ ମାନଙ୍କୁ କାମ ଯୋଗାଇ ଦେବାକୁ ସାଧାରଣ ଲୋକେ ଦାବି କରିଛନ୍ତି । ଏହା କରା ନ ଗଲେ ଆଗାମୀ ଦିନରେ ଗଣ ଆନ୍ଦୋଳନ ହେବ ବୋଲି ଶ୍ରୀ ଜଗବନ୍ଧୁ କା ?ଣ୍ଡି ଚେତାବନୀ ଦେଇଛନ୍ତି ।

କୁଜଙ୍ଗ ବ୍ଲକରେ ହୋଇଥିବା ଅମୃତ ସରୋବର ପୋଖରୀକୁ ରାଜ୍ୟ ଟିମର ପରିଦର୍ଶନ

କୁଜଙ୍ଗ, (ପିପିଏସ) : କୁଜଙ୍ଗ ବ୍ଲକ ଅନ୍ତର୍ଗତ ପୋତାନଇ, ବିଶ୍ୱାଳି, ଫତେପୁର ଓ ସାଇଲୋ ପଂଚାୟତରେ ହୋଇଥିବା ୫ଟି ଅମୃତ ସରୋବର ପୋଖରିକୁ ରାଜ୍ୟ ସ୍ୱତନ୍ତ୍ର ଟିମ ଅନୁଧ୍ୟାନ କରିଥିବା ଜଣାପଡିଛି । ଏହି ଟିମରେ ଏମ ନରସିମା ରାଓ ଓ ସଂଜୟଲକ୍ଷ୍ମୀ ପରିଡା ଅନୁଧ୍ୟାନ କରିବାକୁ ଆସିଥିଲା ବେଳେ ତାଙ୍କ ସହିତ ଜିଲ୍ଲା ମନରେଗା ସଂଯୋଜିକା ପ୍ରାଚୀ ପରମିତା ମିଶ୍ର, ଡେପୁଟି ନିର୍ବାହୀ ଅଧିକାରୀ ଭାସ୍କର ଶତପଥି, ଜିଲ୍ଲା ସାମାଜିକ ଅଡିଟର ଦ୍ୱୀପକ ପରିଡା, କୁଜଙ୍ଗ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହି, ସହକାରୀ ନିର୍ବାହୀ ଅଧିକାରୀ ସୂର୍ଯ୍ୟନାରାୟଣ ବାରିକ, ଏପିଓ ସ୍ୱପ୍ନାରାଣୀ ସାହୁ, ଏବଂ ଯନ୍ତ୍ରୀ ପ୍ରଶାନ୍ତ କୁମାର ପଣ୍ଡା, ମଧୁସ୍ମିତା ପ୍ରଧାନ, ପୋତାନଇ ସରପଂଚ

ବ୍ରଜକିଶୋର ମହାରା, ସାଇଲୋ ସରପଂଚ ସରୋଜ ସେଠୀ, ବିଶ୍ୱାଳି ସରପଂଚ ମନୋରମା ମଲ୍ଲ, ପଂଚାୟତ ନିର୍ବାହୀ ଅଧିକାରୀ ଦୁଷାସନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଅମୃତ ସରୋବର ରାଜ୍ୟଟିମ ପକ୍ଷରୁ ପରିଦର୍ଶନ କରିଥିବା ବେଳେ ଏହାର ଜଳ ପ୍ରବେଶ ଓ ନିଷ୍କାସନ, ପାହଚ ନିର୍ମାଣ, ପୋଖରି ଚତୁର୍ପାର୍ଶ୍ୱ ପଥର ପ୍ୟାକିଂ ଏବଂ ଫ୍ଲାଗ ହୋଷ୍ଟିଙ୍ଗ ଷ୍ଟାଣ୍ଡ ନିର୍ମାଣ କରାଯିବା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ ।

ଦକ୍ଷତା ପ୍ରଦର୍ଶନ ମେଳା ଅନୁଷ୍ଠିତ

ପୁରୀ, (ହି.ସ.) : ସ୍ଥାନୀୟ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ପରିସରରେ ଏକ ଦକ୍ଷତା ପ୍ରଦର୍ଶନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ନିୟୋଜନ ଅଧିକାରୀ ସୁବାସ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଦକ୍ଷତା ବିକାଶ କ୍ଷେତ୍ରରେ ଛାତ୍ରଛାତ୍ରୀ ମାନଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଥିଲା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଉକ୍ତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି, ୩୦ ରୁ ଉର୍ଦ୍ଧ୍ୱ ପ୍ରୋଜେକ୍ଟ ପ୍ରଦର୍ଶନ କରିଥିଲେ । ବିଭିନ୍ନ ଅଦରକାରୀ ପଦାର୍ଥକୁ ନେଇ ଏକ ବ୍ୟବହାର ଉପଯୋଗୀ ବସ୍ତୁ କରିବା ଏବଂ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ ଦେବା,ଏହି ମେଳାର ମୂଳମନ୍ତ୍ର ଥିଲା । ବର୍ତମାନର ସମାଜକୁ ଆଖିଆଗରେ ରଖି ଛାତ୍ରଛାତ୍ରୀ ମାନେ ବିଭିନ୍ନ ଦକ୍ଷତାକୁ ଆପଣେଇ ନେବା ଏବଂ ନିଜକୁ ସ୍ୱାବଲମ୍ବୀ କରି ଗଢିତୋଳିବା ପାଇଁ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ଅଧ୍ୟକ୍ଷ ଇଂ. ଅରବିନ୍ଦ ଘୋଷ ନିଜର ବହୁମୂଲ୍ୟ ବକ୍ତବ୍ୟରେ ଅନୁପ୍ରାଣିତ କରିଥିଲେ । ଅନୁଷ୍ଠାନର ସମସ୍ତ କର୍ମଚାରୀଙ୍କ ମିଳିତ ସହଯୋଗରେ, କାର୍ଯ୍ୟକ୍ରମର ସଫଳ ସମ୍ପାଦନା ହୋଇଥିଲା ।

ଶିକ୍ଷକ ବିଜୟ ଭଟ୍ଟଙ୍କୁ ମିଳିଲା ପ୍ରକୃତି ବନ୍ଧୁ ପୁରସ୍କାର

ପ୍ରକୃତି ସଂରକ୍ଷଣରେ ୨୪ ବର୍ଷର ଅବଦାନ

କାକଟପୁର, (ପିପିଏସ) : ପେଷାରେ ଶିକ୍ଷକ, ନିଶା ତାଙ୍କର ପରିବେଶ ସୁରକ୍ଷା । ଉପକୂଳ ଅସ୍ତରଙ୍ଗ ଅଞ୍ଚଳରେ ନିଜ ଦୁଇ ଚକିଆ ଯାନରେ ସବୁବେଳେ ବସ୍ତା ପୂର୍ଣ୍ଣ ମଞ୍ଜି ଓ କୋଦାଳ ବାନ୍ଧି ସବୁଜ ଅସ୍ତରଙ୍ଗ ଗଠନରେ ଦଶନ୍ଧି ଧରି ବ୍ରତୀ ରହିଥିବା ଶିକ୍ଷକ ବିଜୟ କୁମାର ଭଟ୍ଟଙ୍କୁ ଅସ୍ତରଙ୍ଗ ବ୍ଲକ୍ ପାଇଁ ମିଳିଲା ଓଡ଼ିଶା ସରକାରଙ୍କ ପ୍ରକୃତି ବନ୍ଧୁ ପୁରସ୍କାର । ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ଅସ୍ତରଙ୍ଗ ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମ ଅବସରରେ ପରିବେଶ କ୍ଷେତ୍ରରେ ଶ୍ରୀ ଭଟ୍ଟଙ୍କ ୨୪ ବର୍ଷର ଉଲ୍ଲେଖନୀୟ ଅବଦାନ ପାଇଁ ଏହି ପୁରସ୍କାରରେ ସମ୍ମାନିତ କରାଯାଇଛି । କାର୍ଯ୍ୟକ୍ରମ ଅବସରରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତଥା ରାଷ୍ଟ୍ର ଗୃହ ମନ୍ତ୍ରୀ ଶ୍ରୀଯୁକ୍ତ ତୁଷାରକାନ୍ତି ବେହେରା, ପୁରୀ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ଓ ଅସ୍ତରଙ୍ଗ

ବ୍ଲକ୍ ଅଧ୍ୟକ୍ଷା ଆରତୀ ନାୟକ, ପୁରୀ ବନଖଣ୍ଡ ଅଧିକାରୀ ପି. ରାମସ୍ୱାମୀ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ଭଟ୍ଟଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ସାଙ୍ଗକୁ ୧୦,୦୦୦ ଟଙ୍କାର ଚେକ୍ ଦେଇ ଶୁଭେଚ୍ଛା ଜଣାଇଛନ୍ତି । ଏଥିସହିତ ଜିଲ୍ଲାର ସୁବାସ ଚନ୍ଦ୍ର ପ୍ରଧାନ, ରବୀନ୍ଦ୍ରନାଥ ସ୍ୱାଇଁ, କାଶୀନାଥ ନାୟକ, ସୋମନାଥ ଦାସ, ବଦ୍ରି ମିଶ୍ର ଓ ଗୋବିନ୍ଦ୍ର ଚନ୍ଦ୍ର ପ୍ରଧାନ ପ୍ରମୁଖ ବିଭିନ୍ନ ବ୍ଲକର ପରିବେଶ କର୍ମୀଙ୍କୁ ମଧ୍ୟ ଏହି କାର୍ଯ୍ୟକ୍ରମ ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ୧୯୯୯ ମହାବାତ୍ୟାରେ ଛାରଖାର ହୋଇଥିବା ବିଦ୍ୟାଳୟ ଓ ଆଖପାଖ ପରିବେଶକୁ ସଜାଡ଼ିବା ପାଇଁ ସଂକଳ୍ପ ନେଇ ଶ୍ରୀ ଭଟ୍ଟ ସ୍ଥାନୀୟ ଅଞ୍ଚଳରେ ବୃକ୍ଷରୋପଣ, ନିମ୍ବ ଓ ଡାଳ ଦେଶୀ ମଞ୍ଜି ସଂଗ୍ରହ ଓ ରୋପଣ ପରି ନିରବଚ୍ଛିନ୍ନ ପ୍ରୟାସ ସମଗ୍ର ଅଞ୍ଚଳରେ ଆଜି ପ୍ରେରଣା ସୃଷ୍ଟି କରିଛି । ସୁରେନ୍ଦ୍ରନା

ବେଆଇନ ଗୋରୁ ବୋଝେଇ ଗାଡି ଜବତ, ଚାଳକ ଗିରଫ

ତେଲକୋଇ (ହି.ସ): କେନ୍ଦୁଝର ଜିଲ୍ଲା ତେଲକୋଇଠାରେ ଆଜି ଭୋର ସମୟରେ ଏକ ବେଆଇନ ଗୋରୁ ବୋଝେଇ ପିକ୍ ଗାଡି ଜବତ ହୋଇଛି । ତେଲକୋଇ ଥାନା ଅନ୍ତର୍ଗତ ୪୯ ନଂ ଜାତୀୟ ରାଜପଥ ବିଞ୍ଚବାହାଳ ଗ୍ରାମରୁ ବେଆଇନ ଗୋରୁ ବୋଝେଇ ପିକ୍ ଗାଡି ସହିତ ୧୦ ଗୋରୁ ଜବତ ହୋଇଛନ୍ତି । ଏହି ଘଟଣାରେ ଗାଡ଼ି ଚାଳକଙ୍କୁ ଗିରଫ କରାଯାଇଛି । ଭୋର ପ୍ରାୟ ୪ଟା ବେଳେ ଅନୁଗୁଳ ଜିଲ୍ଲା ଖମାର ଅଞ୍ଚଳରୁ ୩ଟି ବେଆଇନ ଗୋରୁ ବୋଝେଇ ଗାଡି ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଅଞ୍ଚଳକୁ ଯାଉଥିଲା । ଖବର ପାଇ ସ୍ଥାନୀୟ ଲୋକେ ଗାଡ଼ିକୁ ଅଟକାଇ ପୁଲିସକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ପୁଲିସ ପହଞ୍ଚି ଗୋଟିଏ ଗାଡି, ୧୦ ଗୋରୁକୁ ଜବତ କରିବା ସହିତ ଚାଳକକୁ ଗିରଫ କରିଛି ।

ଅମଲାଙ୍କ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ

ମାଲକାନଗିରି, (ହି.ସ.): ମାଲକାନଗିରି ଜିଲ୍ଲାସ୍ତରୀୟ ମିଳିତ ଅମଲା ମଂଚ ଡାକରାରେ ୧ ତାରିଖରୁ ସମସ୍ତ ଅମଲା ସମୂହ ଛୁଟି ନେଇ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦେଇଛନ୍ତି । ଅମଲାଙ୍କ ଆନ୍ଦୋଳନ ଆଜି ଷଷ୍ଠ ଦିନରେ ପହଁଚିଛି । ଜିଲ୍ଲା ଓକିଲ ସଂଘ ଅମଲାଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି । ଜିଲ୍ଲା ଓକିଲ ସଂଘର ସଭାପତି ଲମ୍ବୋଧର ତୁରୁକୁ, ସମ୍ପାଦକ ନୃସିଂହ ଚରଣ ମହାନ୍ତି, ରାମ ପ୍ରସାଦ ପଟ୍ଟନାୟକ, ଗୋପାଳ ପଣ୍ଡା, ଦିଲୀପ ପଟିଛା ପ୍ରମୁଖ ଓକିଲ ସଂଘର ସଦସ୍ୟ ମାନେ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣାରେ ବସିଥିବା ଅମଲା ମାନଙ୍କ ନିକଟକୁ ଯାଇ ସେମାନଙ୍କ ଦାବି ପ୍ରତି ସରକାର ଗୁରୁତ୍ୱ ଦିଅନ୍ତୁ ବୋଲି ଦାବି କରି ସମର୍ଥନ ଜଣାଇଥିଲେ । ଅମଲା ମାନଙ୍କ ଆନ୍ଦୋଳନ ଷଷ୍ଠ ଦିନରେ ପହଂଚିଥିବା ବେଳେ ଜିଲ୍ଲାର ସମସ୍ତ କାର୍ଯ୍ୟାଳୟ ଅଚଳ ହୋଇଯାଇଛି । ବିଭିନ୍ନ କାଗଜପତ୍ର କାମ ସବୁ ବନ୍ଦ ହୋଇଯାଇଛି । ବାଲେଶ୍ୱର ବାହାନଗା ଷ୍ଟେସନ ଠାରେ ଦୁଇଟି ସୁପର ଫାଷ୍ଟ ଟ୍ରେନ ଓ ଗୋଟିଏ ମାଲ ବାହୀ ଟ୍ରେନ ଦୁର୍ଘଟଣାଗସ୍ତ ହୋଇ ଶତାଧିକ ଯାତ୍ରୀଙ୍କ ମୃତ୍ୟୁ ହେବା ସହିତ ହଜାରେରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିଲେ । ଟ୍ରେନ ଦୁର୍ଘଟଣାରେ ମୃତକଙ୍କ ଆତ୍ମାର ସଦଗତି କାମନା କରି ଧାରଣାରତ ଅମଲା ମାନେ ପ୍ରଦୀପ ପ୍ରଜ୍ୱଳନ କରି ଦୁଇ ମିନିଟ ନିରବ ପ୍ରାର୍ଥନା କରିବା ସହିତ ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ ଓ ଆହତଙ୍କ ଆଶୁ ଆରୋଗ୍ୟ କାମନା କରି ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ୬ ଦିନ ହେଲା ନିଜର ହକ ପାଇଁ ଅମଲାଙ୍କ ସମୂହ ଛୁଟିନେବା ଓ ଗଣ ଧାରଣା ଦେବା ଫଳରେ ସମସ୍ତ ଅଫିସ ଗୁଡିକରେ ଚେୟାର ଖାଲି ପଡ଼ିଛି । ଏକ ରକମର ଅଫିସ ଅଚଳ ହୋଇ କାର୍ଯ୍ୟ ଠପ ହୋଇଯାଇଛି । ଦୂର ଦୁରାନ୍ତରୁ ବିଭିନ୍ନ ଅଫିସ କାମରେ ଆସୁଥିବା ଗ୍ରାମବାସୀମାନେ ନିରାଶ ହୋଇ ଫେରିଯାଉଥିବାର ଦେଖିବାକୁ ମିଳିଛି ।

ଧନଞ୍ଜୟ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ

ରାଉରକେଲା, (ପିପିଏସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପ୍ରଜାମଣ୍ଡଳ ନେତା, ପୂର୍ବତନ ସାଂସଦ ତଥା ରାଉରକେଲା ବିଧାୟକ ଧନଞ୍ଜୟ ମହାନ୍ତିଙ୍କ ୧୦୯ ତମ ଜୟନ୍ତୀ ସମାରୋହ ରାଉରକେଲା ତଥା କଟକର ୪୨ ମୌଜା ଠାରେ ଅନୁଷ୍ଠିତ ହୋଇଯାଇଛି । ଧନଞ୍ଜୟ ମହାନ୍ତି ସ୍ମାରକୀ ନିଧି ଆନୁକୂଲ୍ୟରେ ସିଭିଲଟାଉନସିପ ଠାରେ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଧନୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସ୍ମୃତି ଚାରଣ କରିଥିଲେ । ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ତଥା ଶ୍ରମିକ, କୃଷକ,ଓକିଲ ଓ କ୍ରୀଡାବିତଙ୍କ କ୍ଷେତ୍ରରେ ତାଙ୍କର ଅବଦାନକୁ ସ୍ମରଣ କରାଯାଇ ସ୍ମୃତି ଚାରଣ କରାଯାଇଥିଲା । ସ୍ମାରକୀ ନିଧି ର ସଭାପତି ବୈଦ୍ୟନାଥ ଦାସ ଙ୍କ ସଭାପତିତ୍ୱ ଉପସଭାପତି ପୁଷ୍ପା ଲେଙ୍କାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସର୍ବଶ୍ରୀ ପି ପି ରାୟ, ପ୍ରଭାତ ମହାପାତ୍ର, କୀର୍ତ୍ତନ ଦାସ, ଅକ୍ଷୟ ଦାସ, ସୁଦାମ ଦାଶ, ନିରଞ୍ଜନ ଦାସ, ବାଦଲ ଶ୍ରୀଚନ୍ଦନ, ଡାକ୍ତର ୟୁ.ସି.ଜେନା, ଅମରେଶ ତ୍ରିପାଠୀ, ଦେବାନନ୍ଦ ବେହେରା, ଶଙ୍କର ନାୟକ, ବାସୁ ବାନାର୍ଜୀ, ରାଜୀବ ସିଂ, ଚନ୍ଦ୍ରଶେଖର ପାଢୀ, ମନୋରଞ୍ଜନ ଦାଶ,ଡଃ କିଶୋରୀ ଦାଶ,ପ୍ରଭୁ ସାହୁ, କିଶୋର ସାହୁ, ପ୍ରମୋଦ ସାହୁ, କୁଞ୍ଜବିହାରୀ ରାଉତ ପ୍ରମୁଖ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ ମା ଇନ୍ଦିରା ମହିଳା ଏସଏଚଜି ଗ୍ରୁପ ତରଫରୁ ଦହି ସର୍ବତ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଂଗୀତା ଦାସ, ଲୀଳାବତୀ ସାହୁ, କମଳା ବାହାଦୁର,ଅନିତା ତ୍ରିପାଠୀ, ଶୁଭଶ୍ରୀ ଦାସ, ସ୍ୱର୍ଣ୍ଣ ପଲେଇ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ସଂଧାରେ ହୋଟେଲ ସୋଲାସ ଠାରେ ଶୈଳେନ୍ଦ୍ର ମହାନ୍ତି ଙ୍କ ଆବାହକତ୍ୱରେ ମ୍ୟୁଜିକ ଥେରାପି କାର୍ଯ୍ୟକ୍ରମ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ସର୍ବଶ୍ରୀ ସୁନିଲ୍ କୟାଲ, ଏମ ମାଲେଶ୍ୱରୀ, ଅଭୟ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିବା ବେଳେ ସର୍ବଶ୍ରୀ ଅନିଲ ବାଓ୍ଵରା, ନିଶି ନନ୍ଦ, ସ୍ମିତା ମିଶ୍ର, ଅଜୟ ଖଟୁଆ, ବିଜୟଲକ୍ଷ୍ମୀ ଶ୍ରୀଚନ୍ଦନ, ରଂଜିତ ଓ ସୁନିଲ୍ କୟାଲ ପ୍ରମୁଖ ସଂଗୀତ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବାଦ୍ୟଯନ୍ତ୍ରରେ ସରୋଜ ପଣ୍ଡା, ରଜନୀଶ,ତୀର୍ଥ ନାଥ, ବିଶ୍ୱନାଥ ପ୍ରମୁଖ ସହଯୋଗ କରିଥିଲେ । ସେହିପରି କଟକ ୪୨ ମୌଜା ଠାରେ ସ୍ୱର୍ଗତ ଧନଞ୍ଜୟ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସ୍ମୃତି ଚାରଣ କରାଯାଇଥିଲା । ଏଥିରେ ସର୍ବଶ୍ରୀ ତ୍ରିନାଥ ମହାନ୍ତି, ବଜେନ୍ଦ୍ର ମହାନ୍ତି , ବିଶ୍ୱମ୍ଭର, ବାନାମ୍ବର, ଦିଗମ୍ବର ଓ ବିଶ୍ୱନାଥ ପ୍ରମୁଖ ଉପସ୍ଥିତ ଥିଲେ ।ଏହି ଅବସରରେ ବେଣ୍ଟକାର ସ୍ଥିତ ଆନନ୍ଦ ଆଶ୍ରମରେ ଅନ୍ତେବାସୀଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା । ଶେଷରେ ମୁଖ୍ୟ ଆବାହକ ଶୈଳେନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

ଟ୍ରେନ୍‌ରେ କଟି ଯୁବକ ମୃତ

ଝାରସୁଗୁଡ଼ା (ହି.ସ): ଝାରସୁଗୁଡ଼ା-ଗଡ଼ପୋଷ ଲାଇନ୍‌ର ବାଲୀଜୁରି ନିକଟରେ ମଙ୍ଗଳବାର ସକାଳୁ କୌଣସି ଟ୍ରେନ୍ ଧକ୍କାରେ ଜଣେ ଅଜଣା ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ବୟସ ୪୦ରୁ ୪୫ ବର୍ଷ ମଧ୍ୟରେ ହୋଇଥିବା ବେଳେ ସେ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ବୋଲି ଅନୁମାନ କରାଯାଉଛି । ସୂଚନା ପାଇ ଝାରସୁଗୁଡ଼ା ଜିଆର୍‌ପି ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଖବର ଲେଖାଯିବା ପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳିପାରି ନାହିଁ ।

ପୋଖରୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ୨ ମହିଳା ମୃତ

ଘୁ ଉଦୟଗିରି (ହି.ସ): କନ୍ଧମାଳ ଜିଲ୍ଲା ଘୁ ଉଦୟଗିରି ବ୍ଲକ ଅଧିନରେ ଥିବା ଲିଙ୍ଗାଗଡ ପଞ୍ଚାୟତର କୁତୁଲୁମ୍ବା ନିକଟରେ ନୂଆ କରି ଖୋଳା ଯାଇଥିବା ଏକ ପୋଖରୀରେ ବୁଡି ଦୁଇ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତ ମହିଳାମାନେ ହେଲେ ବଳଦେବ ପ୍ରଧାନଙ୍କ ପତ୍ନୀ କୁରମୁଣୀ ପ୍ରଧାନ (୫୭) ଓ ଜସେନ୍ଦ୍ର ପ୍ରଧାନଙ୍କ ପତ୍ନୀ ସୂର୍ଯ୍ୟକାନ୍ତୀ ପ୍ରଧାନ(୪୦)। ସୂଚନା ଅନୁସାରେ, ଲିଙ୍ଗାଗଡ଼ ଅଞ୍ଚଳରେ ରହିଥିବା ବିଭିନ୍ନ ପୋଖରୀରେ ଗାଧୋଇବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା । ମୃତକ ଦୁଇ ମହିଳା ଗାଧୋଇବା ପାଇଁ କୁତୁଲୁମ୍ବା ନିକଟରେ ନୂଆ କରି ଖୋଳା ଯାଇଥିବା ପୋଖରୀକୁ ଯାଇଥିଲେ । ସକାଳ ପ୍ରାୟ ୭ ଟା ବେଳକୁ ସେମାନେ ଗାଧୋଇବା ପାଇଁ ଯାଇଥିବା ବେଳେ ଅସାବଧାନତା ଯୋଗୁ କୁରମୁଣୀ ପ୍ରଧାନ ପାଣିରେ ବୁଡିଯାଇଥିଲେ । ତାଙ୍କୁ ଉଦ୍ଧାର ପାଇଁ ସୂର୍ଯ୍ୟକାନ୍ତୀ ପ୍ରଧାନ ଉଦ୍ୟମ କରିଥିଲେ କିନ୍ତୁ ଦୁର୍ଭାଗ୍ୟବଶତଃ ଦୁଇଜଣ ଯାକ ପାଣିରେ ବୁଡି ମୃତ୍ୟୁ ବରଣ କରିଥିବା ଦେଖିବାକୁ ମିଳିଛି । ଘଟଣାସ୍ଥଳରେ ଦୁଇ ମହିଳା ନିଜର ଲୁଗା ପଟା ବାହାରେ ରଖି ଗାଧେଇବା ପାଇଁ ଯାଇଥିଲେ । ଅନ୍ୟ ଜଣେ ମହିଳା ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କର ଜିନିଷ ପତ୍ର ଦେଖି ଥିଲେ । ମହିଳାମାନେ ସେଠାରେ ନଥିବାରୁ ସେମାନେ ପାଣିରେ ବୁଡ଼ିଯାଇଛନ୍ତି ବୋଲି ଭାବି ଲୋକମାନଙ୍କୁ ଡାକିଥିଲେ । ତେବେ ଖବର ପାଇ ସ୍ଥାନୀୟ ସରପଞ୍ଚ ଅବଲାକର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀକୁ ଯୋଗାଯୋଗ କରିବା ପରେ ଘଟଣାସ୍ଥଳରେ ଅଗ୍ନିଶମ ଅଧିକାରୀ ମନରଞ୍ଜନ ପାଢୀଙ୍କ ନେତୃତ୍ୱରେ ଉଦ୍ଧାରକାରୀ ଦଳ ପହଞ୍ଚିଥିଲେ । ପରେ ସ୍ଥାନୀୟ ଲୋକ ଥାନା ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ । ଖବର ପାଇ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଘୁ ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଣିଥିଲେ । ସେଠାରେ କାର୍ଯ୍ୟରତ ଡାକ୍ତର ସେମାନଙ୍କୁ ପ୍ରାଥମିକ ଚିକିତ୍ସା କରି ମୃତ ଘୋଷଣା କରିଥିଲେ । କୁରମୁଣୀ ପ୍ରଧାନଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ରହିଥିବା ବେଳେ ଅନ୍ୟ ମହିଳା ସୂର୍ଯ୍ୟକାନ୍ତୀ ପ୍ରଧାନଙ୍କର କୌଣସି ସନ୍ତାନ ନାହାନ୍ତି । ସେପଟେ ସ୍ଥାନୀୟ ଥାନାରେ ଦୁଇଟି ପୃଥକ ପୃଥକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ୧୦ ଓ ୧୧/୨୦୨୩ରେ ଦୁଇଟି ମାମଲା ରୁଜୁ କରି ଶରୀର ବ୍ୟବଚ୍ଛେଦ କରି ପରିବାରଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ରହିଛି ।

ଖପ୍ରାଖୋଲରେ ମିଶନଶକ୍ତି କେଫ୍ ଉଦ୍‌ଘାଟିତ

ଖପ୍ରାଖୋଲ,(ପିପିଏସ): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି କେଫେ ପ୍ରତିଷ୍ଠା କରାଯାଇଛି । ପାଟଣାଗଡ଼ ବିଧାୟକ ତଥା ସରକାରଙ୍କ ଉପମୁଖ୍ୟ ସଚେତକ ସରୋଜ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି କେଫେକୁ ଉଦଘାଟନ କରିଥିବାବେଳେ ସମ୍ମାନୀତ ଅତିଥିରୂପେ ଜିଲ୍ଲାପାଳ ଚଞ୍ଚଳ ରାଣା, ଉପଜିଲ୍ଲାପାଳ ବିଜୟାନନ୍ଦ ସେଠୀ ତଥା ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ ଉପସ୍ଥିତ ଥିଲେ । ରାଜ୍ୟ ସରକାର ମହିଳା ମାନଙ୍କର ସର୍ବାଙ୍ଗୀନ ଉନ୍ନତି ସହ ମହିଳା ସଶକ୍ତିକରଣକୁ ପ୍ରାଧାନ୍ୟତା ଦେଇ ଆସୁଛନ୍ତି । ଏହି ମିଶନ ଶକ୍ତି କେଫେ ମହିଳା ସଶକ୍ତିକରଣ ଦିଗରେ ଆଉ ଏକ ପାଦ ଆଗକୁ ଯାଇ ଅନେକ ମହିଳାଙ୍କୁ ସ୍ୱାବଲମ୍ବୀ କରିବାରେ ଅନୁପ୍ରାଣିତ କରିବ ବୋଲି ବିଧାୟକ ମହୋଦୟ ଏଠାରେ ମତ ପ୍ରକାଶ କରିଥିଲେ । ସେହିପରି ସମ୍ପୂର୍ଣ୍ଣ ଭାବେ ମହିଳାଙ୍କ ଦ୍ୱାରା ପରିଚାଳିତ ଏହି ଅଭିନୂ କେଫେ ସ୍ୱାବଲମ୍ବନ ହେବାରେ ଅନେକ ମହିଳାଙ୍କୁ ଅନୁପ୍ରାଣିତ କରିବ ବୋଲି ଜିଲ୍ଲାପାଳ ମହୋଦୟ ଏହାର ଉଦଘାଟନ ଅବସରରେ କହିଛନ୍ତି କ୍ଷ ଖପ୍ରାଖୋଲର ମାଁ ଗଜଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ଏହି କେଫେର ପରିଚାଳନା ଦାୟିତ୍ୱ ଦିଆଯାଇଛି । ଏହି କେଫେ ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ ହୋତା, ମିଶନ ଶକ୍ତିର ଜିଲ୍ଲା ପ୍ରକଳ୍ପ ପ୍ରଯୋଜକ ସୁମନ ଦ୍ୱିବ୍ଦି, ଖପ୍ରାଖୋଲ ସିଡ଼ିପିଓ ସୁଜାତା ଦୋରା, ମିଶନ ଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜକ ମନୋଜ କେରକେଟା, ବିଏଲସି ପ୍ରଶାନ୍ତ ନନ୍ଦ, ବିଧାୟକ ପ୍ରତିନିଧି ରମେଶ ପଧାନ, ବ୍ଲକ ଉପାଧକ୍ଷ ଶୁଖିରାମ ଷାଣ୍ଡ, ଜୋନ ୪ ଜିଲ୍ଲାପରିଷଦ ସଭ୍ୟା ପ୍ରମିଳା ପାଥର, ଜୋନ ୩ ଜିଲ୍ଲାପରିଷଦ ସଭ୍ୟା ସଞ୍ଜୁକ୍ତା ମେହେର, ଖପ୍ରାଖୋଲ ସମିତି ସଭ୍ୟା ଶୁଶିଲା ଭୁଏ, ଖପ୍ରାଖୋଲ ସରପଞ୍ଚ ବେଟିଖାଇ ସେନ୍ଦ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ ।

ପେଟ୍ରୋଲିଂ ବେଳେ ଖଇର ଗଣ୍ଡି ବୋଝେଇ ଗାଡ଼ି ଜବତ

ବଲାଙ୍ଗିର (ହି.ସ.): ମୁରିବାହାଲ ରେଞ୍ଜ କର୍ମଚାରୀମାନେ ଏକ ଗାଡି ଜବତ କରିଥିଲେ । ଯାହାକି ଜୁନ୍ ୭, ୨୦୨୩ରେ ରାତି ପାଟ୍ରୋଲିଂ ସମୟରେ ପ୍ରାୟ ୧:୩୦ଟା ସମୟରେ ଖଇର ଲଗ ଧାରଣ କରିଥିଲା । ଗୁଡ଼ିଘାଟ ବିଭାଗର ବଡ଼ସାଇମାରା ଗ୍ରାମ ନିକଟରେ ଏହା ଜବତ ହୋଇଛି । ଡ୍ରାଇଭର ଏବଂ ହେଲପର ଘଟଣାସ୍ଥଳରୁ ପଳାଇବାରେ ସଫଳ ହୋଇଥିଲେ । ଚଢ଼ାଉ ପରେ ସାମଗ୍ରୀକୁ ଅଧିକ ଅନୁସନ୍ଧାନ ପାଇଁ ରେଞ୍ଜ ଅଫିସ୍ କ୍ୟାମ୍ପସକୁ ଅଣାଯାଇଥିଲା । ରେଞ୍ଜ ଅଫିସର ଶ୍ରୀମତୀ ନୀଳାଦ୍ରି ଭୋଇଙ୍କ ନିର୍ଦ୍ଦେଶରେ ଏହି ଅପରେସନ୍ ଫରେଷ୍ଟର ଶ୍ରୀ ଧ୍ରୁବ ଚରଣ ବଗର୍ତିଙ୍କ; ଶ୍ରୀ ମନୋଜ ଦଣ୍ଡସେନା, ଫରେଷ୍ଟ ଗାର୍ଡ; ଶ୍ରୀ ସାନ୍ତନୁ ସିଙ୍ଗ ନୀନା, ଫରେଷ୍ଟ ଗାର୍ଡ; ଶ୍ରୀ ଅଜିତ ବେହେରା, ଫରେଷ୍ଟ ଗାର୍ଡ; ଏବଂ ମୁରିବାହାଲ୍ ରେଞ୍ଜ ର ପାରା ଷ୍ଟାଫ୍ ଦ୍ୱାରା କରାଯାଇଥିଲା ।

ରାଉରକେଲା ମହାନଗରରେ 'ଗାଁ ଆମ୍ବ ପସରା'

ରାଉରକେଲା, (ପିପିଏସ): ରାଉରକେଲା ମହାନଗରବାସୀ ଚାଖିବେ ଗାଁ ଆମ୍ବର ସୁଆଦ । ଏଥିପାଇଁ ସ୍ଥାନୀୟ ରାଉରକେଲାର ଆମବାଗାନ ଠାରେ ଖୋଲିଛି 'ଗାଁ ଆମ୍ବ ପସରା'। ଜିଲ୍ଲାପ୍ରଶାସନ, ଓରମାସ ଓ ମିଶନ ଶକ୍ତିର ମିଳିତ ସହଯୋଗରେ ଏହା ଖୋଲାଯାଇଛି । ବୁଧବାର ଦିନ ଏହି ଷ୍ଟଲକୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତି ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଉଦଘାଟନ କରିଛନ୍ତି । ଉଦଘାଟନ ସମୟରେ ଅନ୍ୟ ସମ୍ମାନୀୟ ଅତିଥି ଭାବରେ ଜିଲ୍ଲାପାଳ ଡାକ୍ତର ପରାଗ ବର୍ଷ ଗାଭାଲି, ରାଉରକେଲା ଏସପି ମିତ୍ରଭାନୁ ମହାପାତ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ମନୋଜ ମହାଜନ, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର, ଡିଏଫଓ ଯଶୋବନ୍ତ ସେଠୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ଏ ଅବସରରେ ଜିଲ୍ଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି କହିଛନ୍ତି ଯେ ରାଉରକେଲା ସହରରେ ରହୁଥିବା ଲୋକଙ୍କୁ ଉଚିତ ଦାମରେ ଭଲ ଆମ୍ବ ଯୋଗାଇ ଦେବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଛି । ମିଶନ ଶକ୍ତିର ମା'ମାନେ ଏଥିରେ ଯୋଡ଼ି ହୋଇଥିବାରୁ ସେମାନଙ୍କ ସ୍ଥିତି ମଧ୍ୟ ସୁଦୃଢ଼ ହୋଇ ପାରିବ ବୋଲି କହିଛନ୍ତି । 'ଗାଁ ଆମ୍ବ ପସରା' ରେ ମୋଟ ୧୩ ଟି ଷ୍ଟଲରେ ମିଳୁଥିବା ଆମ୍ବ ସୁନ୍ଦର ଗଡ ଜିଲ୍ଲା ବ୍ୟତୀତ କେନ୍ଦୁଝର, ରାୟଗଡ଼ା, ବହ୍ମପୁର ଜିଲ୍ଲା ର ବିଭିନ୍ନ ଅଞ୍ଚଳରୁ ଆସିଛି । ଏହି ଷ୍ଟଲରେ ଗ୍ରାମାଞ୍ଚଳରୁ ଅମଳ ହୋଇଥିବା ଭଳିକି ଭଳି ଆମ୍ବ ରହିଛି । ଲେଙ୍ଗଡା, ସୁନ୍ଦରୀ, ମଲ୍ଲିକା, ବାଇଗଣପଲେଇ, ଦସେରୀ ତଥା ହୀମସାଗର, ଆମ୍ରପାଲି, ବାଇଗଣଫଲି ଭଳି ଆମ୍ବ ଆଦି ଉପଲବ୍ଧ ରହିଛି । ଏହା ବ୍ୟତୀତ ଗୋଟିଏ ଷ୍ଟଲ୍ ରେ ଉପରୋକ୍ତ ଫଳ ଆଦି ରୁ ପ୍ରସ୍ତୁତ ସଦ୍ୟ ଫଳ ରସ ମଧ୍ୟ ଉପଲବ୍ଧ ରହି ଥିବା ବେଳେ ଆମ୍ବ ଆଚାର ମଧ୍ୟ ଉପଲବ୍ଧ ରହିଛି । ୧୫ ତାରିଖ ପର୍ଯ୍ୟନ୍ତ ଏହି ଷ୍ଟଲ୍ ଖୋଲା ରହିବ । ଏହା ସକାଳ ୧୦ଟାରୁ ସଂଧ୍ୟା ୫ଟା ଯାଏଁ ଷ୍ଟଲ ଖୋଲା ରହିବ ।

ମିତଲ କମ୍ପାନୀ ପାଇପ ଫାଟି ଜଣେ ଗ୍ରାମବାସୀ ଆହତ

ମାଲକାନଗିରି, (ହି. ସ.): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଠାରେ ଥିବା ମିତଲ ଷ୍ଟିଲ କମ୍ପାନୀ ର ବୁଷ୍ଟର ପ୍ଲାଂଟ ନିକଟରୁ ଅଳ୍ପ ଦୂରରେ ଥିବା ବଡ଼ପଦର ପଂଚାୟତ ର ବାଙ୍ଗୁରୁପଡ଼ାରେ କମ୍ପାନୀର ତରଳ ଲୁହା ଯାଉଥିବା ପାଇପ ଲାଇନ ଫାଟି ଯିବାରୁ ବାଙ୍ଗୁରୁପଡା ଗ୍ରାମର ଜଣେ ଗ୍ରାମବାସୀ ଆହତ ହୋଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ ଜୟରା ମ ବଡ଼ନାୟକ ନାମକ ବ୍ୟକ୍ତି ଗ୍ରାମ ନିକଟରେ ଥିବା ଏକ ନାଳକୁ ଯାଇଥିବାବେଳେ ହଠାତ ମାଟି ତଳେ ଯାଇଥିବା ପାଇପ ଫାଟି ଯାଇଥିଲା । ପାଇପ ଫାଟି ଯିବାରୁ ୬ ଫୁଟ ଉଚ୍ଚରେ ତରଳ ଲୁହା ପାଣି ଜୟରାମଙ୍କ ଦେହରେ ପଡିବାରୁ ତାଙ୍କର ବିଭିନ୍ନ ସ୍ଥାନରେ ଫୋଟକା ହୋଇଯାଇ ଥିଲା । ତାଙ୍କର ଚିତ୍କାର ଶୁଣି ପାଖରେ ଥିବା ଗ୍ରାମବାସୀ ମାନେ ଆସି ଉଦ୍ଧାର କରିଥିଲେ । ଏ ସମ୍ପର୍କରେ ଚିତ୍ରକୋଣ୍ଡା ଠାରେ ଥିବା କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଗ୍ରାମବାସୀ ଘଟଣା ବିଷୟରେ ଜଣାଇଥି

ଭୋଟ ପାଇଯାଇ ମନ୍ତ୍ରୀ ହୋଇଗଲେ ଲୋକଶାସନ ହୁଏନାହିଁ । ଶାସନର ପ୍ରତି କ୍ଷେତ୍ରରେ କଅଣ ହେଉଛି ଓ କେଉଁଠି କଅଣ ହେବା ଉଚିତ ସେ ବିଷୟରେ ମତ ଦେବା, ଏ ସବୁ ଲୋକଶାସନ ପାଇଁ ଅତି ଦରକାରୀ ।

(ଗାଁ ମଜଲିସ, ୧ମ ଖଣ୍ଡ, ପୃଷ୍ଠା-୧୯୭)

-ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର

ତା ୦୯।୦୬।୨୦୨୩ ଶୁକ୍ରବାର

ବହୁତ ବିଳମ୍ବିତ ଦଣ୍ଡବିଧାନ

ପ୍ରାୟ ୩୨ ବର୍ଷ ତଳେ କରାଯାଇଥିବା ଅପରାଧ ନେଇ ବାରଣାସୀର ଏକ କୋର୍ଟ ଦଣ୍ଡ ଘୋଷଣା କରିଛି । ଏହା ଏକ ପ୍ରକାରେ ସକରାତ୍ମକ ନିର୍ଣ୍ଣୟ ହୋଇଥିବା ବେଳେ, ଏହା ସହିତ ଅବସୋଷ ମଧ୍ୟ ଯୋଡ଼ି ହୋଇ ରହିଛି । ତାହା ହେଉଛି, ହତ୍ୟା ଭଳି ଜଘନ୍ୟ ଅପରାଧ ମାମଲାରେ ଆଗରୁ ଦଣ୍ଡିତ କରାଯାଇଥିଲେ, ୟୁପି ପୂର୍ବାଞ୍ଚଳର ରାଜନୀତି ଓ ସମାଜର ସରୂପ ସମ୍ଭବତଃ କିଛି ଭିନ୍ନ ହୋଇଥାନ୍ତା । ଏବେ ଏ ରାୟ ଇତିହାସରେ ଲିପିବଦ୍ଧ ହୋଇଯାଇଛି କାରଣ ୧୯୯୧ର ଅବଧେଶ ରାୟ ହତ୍ୟାକାଣ୍ଡରେ ଗ୍ୟାଙ୍ଗଷ୍ଟର- ରାଜନେତା ମୁଖତାର ଅନସାରୀକୁ ବାରଣାସୀର ଏକ ଅଦାଲତ ଗତ ସୋମବାର ଦିନ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛି । କଂଗ୍ରେସ ନେତା ଅଜୟ ରାୟଙ୍କ ଭାଇ ଅବଧେଶ ରାୟଙ୍କୁ ୧୯୯୧ ଅଗଷ୍ଟ ୩ ତାରିଖରେ ତାଙ୍କ ଘର ଗେଟ୍ ପାଖରେ ଗୁଳିକରି ହତ୍ୟାର କରାହୋଇଥିଲା । ସେବେଠାରୁ ମୁଖତାର ବିରୁଦ୍ଧରେ ମକଦ୍ଦମା ଚାଲିଥିଲା । କିନ୍ତୁ ସେ ନିରନ୍ତର ରାଜନୀତି ଓ ସମାଜରେ ବେଶ ସକ୍ରୀୟ ଥିଲା, କ'ଣ ଏହା ଚିନ୍ତାର ବିଷୟ ନୁହେଁ ? ସେ ପୀଡ଼ିତ ପରିବାରକୁ ପ୍ରଶଂସା କରିବା ଦରକାର ଯେଉଁମାନେ ଏତେ ଦଶନ୍ଧି ଧରି ନ୍ୟାୟ ପାଇଁ ଅପେକ୍ଷା କଲେ, ଅନେକ ସରକାର ଆସିଲେ ଓ ଗଲେ, ସମୟ ସହିତ ଅଭିଯୁକ୍ତ ମଧ୍ୟ ପ୍ରଭାବ ବିସ୍ତାର କରି ଚାଲିଥିଲା । ଏହା ଆମ ସମାଜର ଏକ କୃଷ୍ଣପକ୍ଷ ଯେଉଁଠି ଆମେ ଅପରାଧୀଙ୍କ ପ୍ରତି ସଜାଗ ନୁହନ୍ତି ।

ଗଣତନ୍ତ୍ରରେ ଜନତା କୌଣସି ବିଭ୍ରଷ୍ଟ କି ଅପରାଧୀକୁ ପ୍ରତିନିଧିଭାବେ ଆଗକୁ ଆସିବାକୁ ନଦେବା ପ୍ରାଥମିକତା ହେବା କଥା, ଆମ ଗଣତନ୍ତ୍ରରେ ଏକ ଦୁଃଖଦ ଦିଗ ହେଉଛି ଯେଉଁ ବ୍ୟକ୍ତିକୁ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ପରେ ଦୋଷୀ ସାବ୍ୟସ୍ତ କରାଯାଉଛି, ସିଏ ଇତିମଧ୍ୟରେ ପାଞ୍ଚଥର ବିଧାୟକ ଭାବେ ନିର୍ବାଚିତ ହୋଇଛି । ଯଦି ଏ ନେତା ୧୯୯୧ରେ ହତ୍ୟା କରିଥିଲା, ତେବେ କ'ଣ ତାକୁ କୌଣସି ପ୍ରକାରେ ବିଧାନସଭାର ସଦସ୍ୟ ହେବାକୁ ଦିଆଯିବାର ଥିଲା ? ରାଜନୈତିକ ଦଳମାନେ ଏ ନେଇ ବିଶେଷ ବିଚାର କରନ୍ତି ନାହିଁ, କାରଣ ନିର୍ବାଚନ ଜିତିପାରିବା ବ୍ୟକ୍ତିଙ୍କୁ ହିଁ ପ୍ରାର୍ଥୀ କରାଯାଇଥାଏ । ଏହି ହେଉଛି ଆମ ଗଣତନ୍ତ୍ରର ଦୁର୍ବଳତା । ଭଲ ପ୍ରାର୍ଥୀ ଅପେକ୍ଷା ନିର୍ବାଚନ ଜିତିପାରୁଥିବା ବ୍ୟକ୍ତିଙ୍କୁ ହିଁ ପ୍ରାଧାନ୍ୟ ଦିଆହୋଇ ଆସୁଛି । ଲୋକଙ୍କ ମଧ୍ୟରେ ବି ସଚେତନତା ସୃଷ୍ଟି ହେବା ଦରକାର । ସ୍ମରଣଯୋଗ୍ୟ ଯେ ୨୦୦୯ ଲୋକସଭା ନିର୍ବାଚନରେ ମୁଖତାର ପରାଜିତ ହୋଇଥିଲେ ମଧ୍ୟ ସିଏ ଜେଲରେ ଥାଇ ବି ୨୭ ପ୍ରତିଶତରୁ ଅଧିକ ଭୋଟ ପାଇବାକୁ ସକ୍ଷମ ହୋଇଥିଲା । ତେଣୁ ବିବେଚନା କରିବା ଦରକାର କ'ଣ ବିଚାର କରି ଲୋକେ ତାକୁ ଭୋଟ ଦେଇଥିଲେ । ରାଜନୈତିକ ଦଳ କେଉଁ ଭିତ୍ତିରେ ତାକୁ ସଂରକ୍ଷଣ ପ୍ରଦାନ କରୁଥିଲେ ? କ'ଣ କୌଣସି ଅପରାଧୀ ସେଯାଏ ମାନବୀୟ ରହିଥାଏ ଯେ ପର୍ଯ୍ୟନ୍ତ ତାକୁ ଅଦାଲତ ଦୋଷୀ ବୋଲି ଘୋଷଣା ନ କରିଛି ?

ବଡ଼ ନେତାମାନେ ମଧ୍ୟ ଦାଗୀ ମାନଙ୍କୁ ବଞ୍ଚାଇବାକୁ ଉଦ୍ୟମ କରି କହିଥାନ୍ତି ଅମୁକ ବିରୋଧରେ ଥିବା ଅପରାଧ ଏଯାଏ ପ୍ରମାଣିତ ହୋଇନାହିଁ । ଅବଶ୍ୟ ଅପରାଧ ସିଦ୍ଧ ହେବା ଦରକାର, କିନ୍ତୁ ଅପରାଧ ସିଦ୍ଧ ହେବା ସକାଶେ ଯେଉଁଠି ୩୨ ବର୍ଷ ଲାଗିଯାଏ, ତେବେ କାହାକୁ ଦୋଷ ଦିଆଯିବ ? କ'ଣ ପ୍ରଚଳିତ ବ୍ୟବସ୍ଥା ଦାୟୀ ନୁହେଁ, ଯେଉଁଠି ଅପରାଧୀଙ୍କୁ ଦଣ୍ଡିତ କରିବା ଲାଗି ଆବଶ୍ୟକତା ଠାରୁ ଢେର ଅଧିକ ସମୟ ଲାଗୁଛି ? ବିଳମ୍ବିତ ନ୍ୟାୟ କ'ଣ କୌଣସି ଅନ୍ୟାୟଠାରୁ କମ୍ ? ଅବଶ୍ୟ କୃଷ୍ଣାନନ୍ଦ ରାୟ ହତ୍ୟା ମାମଲାରେ ମୁଖତାର ଅନସାରୀକୁ ଆଗରୁ ଦଶ ବର୍ଷ କାରାବାସ ଦଣ୍ଡ ହୋଇଛି, ସିଏ ଏବେ ଜେଲରେ ଅଛି । କିନ୍ତୁ ତା'ର ଜୀବନ ଶୈଳୀରେ କୌଣସି ପ୍ରଭାବ ପଡ଼ିନାହିଁ । ଗତବର୍ଷ ତା'ପୁଅ ବିଧାନସଭା ନିର୍ବାଚନରେ ବିଜୟୀ ହୋଇଛି । ନେତୃତ୍ୱ ଲାଗି ଭୁଲ୍‌ନେତାଙ୍କ ଚୟନ ଓ ନ୍ୟାୟପାଳିକା ତଥା ଆଇନ ଶୃଙ୍ଖଳା ବ୍ୟବସ୍ଥାରେ ଢିଲାପଣ ଯେପରି ଏକ ପରମ୍ପରା ହୋଇଯାଇଛି । ସମ୍ଭବତଃ ଏହି କାରଣରୁ ଏବେକାର ଲୋକସଭା ଓ ବିଧାନସଭା ମାନଙ୍କରେ ଅନେକ ଦାଗୀ ବିଦ୍ୟମାନ । ଆମ ଦେଶରେ ଏପରି କେତେ ସାଂସଦ ଓ ବିଧାୟକ ଅଛନ୍ତି ଯେଉଁମାନେ ଜଘନ୍ୟ ଅପରାଧ କରିଛନ୍ତି, କିନ୍ତୁ ଦୋଷ ସିଦ୍ଧ ନ ହୋଇଥିବା କାରଣରୁ କ୍ଷମତାର ସୁଖ ଉପଯୋଗ କରୁଛନ୍ତି, ସେ ସଂପର୍କରେ କ'ଣ କେହି ଚିନ୍ତା କରୁ ନାହାଁନ୍ତି । ❑❑

–ଭର୍ତ୍ତୃହରି ମହତାବ

ମୌସୁମୀର ଲୁଚକାଳି ଖେଳ

ଭାରତୀୟ କୃଷିର ଜୀବନରେଖା ଭାବେ ପରିଚିତ ଦକ୍ଷିଣ-ପଶ୍ଚିମ ମୌସୁମୀ ଏ ବର୍ଷ ଆହୁରି ବିଳମ୍ବରେ ପହଁଚିବା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର ସର୍ବଶେଷ ପୂର୍ବାନୁମାନରୁ ଜଣାଯାଇଛି । ତେବେ କେବେ ମୌସୁମୀ କେରଳ ଛୁଇଁବ, ସେନେଇ ଆଇଏମଡି କୌଣସି ନିର୍ଦ୍ଦିଷ୍ଟ ସମୟ ସୀମା ସମ୍ପର୍କରେ ସୂଚନା ଦେଇନାହିଁ । ଉଲ୍ଲେଖଯୋଗ୍ୟ ଯେ, ଏକ ମାସ ପୂର୍ବରୁ ଆଇଏମଡି ସମ୍ଭବତଃ ତାର ପ୍ରଥମିକ ମୌସୁମୀ ଆକନଳ ବିବରଣୀରେ ଜୁନ ପହିଲାରେ କେରଳ ଛୁଇଁବା ନେଇ ଭବିଷ୍ୟବାଣୀ କରିଥିବା ସମୟରେ ପରବର୍ତ୍ତୀ ସମୟରେ ଜୁନ ୪ସୁଦ୍ଧା ପହଁଚିବା ନେଇ ଘୋଷଣା କରିଥିଲା । ମାତ୍ର ଆଇଏମଡିର ନିର୍ଦ୍ଧାରିତ ସମୟସୀମା ଅତିକ୍ରମ କରି ଆଉ ୩ଦିନ ବିତିଯାଇଥିଲେ ମଧ୍ୟ ମୌସୁମୀର ଆଗମନ ନେଇ କୌଣସି ସୂଚନା ନାହିଁ । ଆରମ ସାଗରରେ ସୃଷ୍ଟି ଘୂର୍ଣ୍ଣିବାଳୟ ପ୍ରଭାବରେ ମୌସୁମୀ ଆଗମନ ବିଳମ୍ବ ହେବ ବୋଲି କୁହାଯାଇଛି । ଏହା ନିଶ୍ଚିତ ଯେ, କେରଳରେ ମୌସୁମୀ ପହଁଚିବା ବିଳମ୍ବ ହେଲେ, ଓଡିଶାରେ ପହଁଚିବା ବିଳମ୍ବ ହେବ । ଯାହା ଅନୁମାନ କରାଯାଏ, ଆସନ୍ତା ୨୦ତାରିଖ ପୂର୍ବରୁ ପହଁଚିବା ସମ୍ଭାବନା ନାହିଁ । ଓଡିଶାରେ ମୌସୁମୀ ପହଁଚିବା ଯେତିକି ବିଳମ୍ବ ହେବ, ଚାଷକାର୍ଯ୍ୟ ବ୍ୟାହତ ହେବା ସହ ରାଜ୍ୟବାସୀ ସେତିକି ଦିନ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହେବା ନିଶ୍ଚିତ । କେବଳ ଏତିକି ନୁହେଁ, ଜୁନରେ ନିଅଟିଂଆ ବର୍ଷା ବା ମରୁଡିଜନିତ ପରିସ୍ଥିତି ସୃଷ୍ଟି ହେବା ଏବେଠାରୁ ସ୍ପଷ୍ଟ ହୋଇଗଲାଣି । ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷ ଦେଶରେ ମୌସୁମୀ ବର୍ଷା ପରିମାଣ ସ୍ୱଭାବିକଠାରୁ କମ ରହିବା ନେଇ ବହୁ ବେସରକାରୀ ପାଣିପାଗ ସଂସ୍ଥା ପୂର୍ବାନୁମାନ କରିଥିବା ସମୟରେ ଆଇଏମଡି ସ୍ୱାଭାବିକ ବର୍ଷା ହେବା ନେଇ ଆକଳନ କରିଛି । ଯାହାକି ଦେଶର କୃଷି ପାଇଁ ସୁଖଦ ଖବର ଥିଲା । ମାତ୍ର ଆରମ୍ଭରୁ ମୌସୁମୀ ଏବେ ଯେପରି ଧୋକା ଦେବା ଆରମ୍ଭ କଲାଣି, ତାହା ନିଅଟିଂଆ ବର୍ଷାର ପୂର୍ବାଭାଷ ବୋଲି କୁହାଯାଇପାରେ । ନିଅଟିଂଆ ବର୍ଷାର କାରଣ ଭାବେ ଇଏଲ-ନିନୋର ପ୍ରଭାବ ବୋଲି କୁହାଯାଇଛି । ସାଧାରଣତଃ ଇଏଲ-ନିନୋ ପ୍ରଭାବରେ ଆମ ଦେଶରେ ନିଅଟିଂଆ ବର୍ଷା ହୋଇଥାଏ । ଯାହାର ପ୍ରଭାବ ସ୍ୱରୂପ ଦେଶରେ ମରୁଡି ପଡିଥାଏ । ସ୍ମରଣ କରାଯାଇପାରେ ଯେ, ୨୦୧୪ ଓ ୨୦୧୫ ବର୍ଷରେ ଇଏଲ-ନିନୋ ପ୍ରଭାବରେ କ୍ରମାଗତ ଦୁଇବର୍ଷ ଧରି ୧୦ପ୍ରତିଶତ ନିଅଟିଂଆ ବର୍ଷା ଯୋଗୁ ମରୁଡି ପରିସ୍ଥିତି ସୃଷ୍ଟି ହୋଇଥିଲା । ତେବେ ଚଳିତ ବର୍ଷ ମରୁଡି ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ଜଳ ହୋଇ ଦେଖାଗଲାଣି । ଏହା ନିଶ୍ଚିତ ଯେ, ଭାରତୀୟ କୃଷିର ଜୀବନ ରେଖା ହେଉଛି ମୌସୁମୀ, ସ୍ୱାଭବିକ ମୌସମ୍ବୀ ବର୍ଷା ଆମ ଦେଶରେ କୃଷି ଓ କୃଷକ ପାଇଁ ଆଶୀର୍ବାଦ ହୋଇଥିବାବେଳ ନିଅଟିଂଆ ବର୍ଷା ତଥା ଅନାବୃଷ୍ଟି ଓ ଅତିବୃଷ୍ଟି ଅଭୀଶାପ ପାଲଟିଥାଏ । ଆଇଏମଡିର ଆକଳନ ଅନୁଯାୟୀ ୯୬ ପ୍ରତିଶରୁ ୧୦୪ ପ୍ରତିଶତ ବର୍ଷା ସ୍ୱଭାବିକ ହୋଇଥିବାବେଳେ ଏହାଠାରୁ ଅଧିକକୁ ଅତିବୃଷ୍ଟି କୁହାଯାଇଥାଏ । ଚଳିତ ବର୍ଷ ଜୁନ, ଜୁଲାଇ ଓ ଅଗଷ୍ଟ ମାସରେ ଦେଶରେ ନିଅଟିଂଆ ବର୍ଷା ହେବା ନେଇ ସ୍କାଏମେଟ୍, ସହ ବହୁ ଘରୋଇ ପାଣିପାଗ ସଂସ୍ଥା ପୂର୍ବାନୁମାନ କରିଥିବା ବେଳେ ଆଇଏମଡି ପୂର୍ବାନୁମାନ କିନ୍ତୁ କରିଥିଲା । ଯଦ୍ୱାରା ଦେଶରେ କେନ୍ଦ୍ରୀୟ ଅଂଚଳରେ କୃଷିକ୍ଷେତ୍ର ଗୁରୁତ୍ୱର ଭାବେ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଥିଲା । ଆଇଏମଡି ଆକଳନ କିନ୍ତୁ ଭିନ୍ନ ଥିବାବେଳେ ଏବେ ମୌସୁମୀର ଯେଉଁ ସ୍ଥିତି, ସେଥିରୁ ଦେଶରେ ଚଳିତ ବର୍ଷ ଚାଷକାର୍ଯ୍ୟ ଗୁରୁତ୍ୱର ଭାବେ ପ୍ରଭାବିତ ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ।

ସୌଭାଗ୍ୟ ରଂଜନ ମହାନ୍ତି
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋ-୯୪୩୭୯୯୪୩୭୯

ପରିବେଶ ସୁରକ୍ଷାରେ ସୌରଶକ୍ତି

ଡକ୍ଟର ଲକ୍ଷ୍ମଣ ସାହୁ

କହିରଖେ ଅଧିକାଂଶ ପାରମ୍ପରିକ ଉତ୍ସଗୁଡିକ ଶକ୍ତି ଆବଶ୍ୟକତା ପୂରଣ ପାଇଁ ବ୍ୟବହୃତ ହୁଏ । ଯେଉଁଥିରେ ପେଟ୍ରୋଲିୟମ ଉତ୍ପାଦ, କୋଇଲା, ଗ୍ୟାସ୍, କାଠ, ଗୋବର, କୃଷି ଘାସ ଇତ୍ୟାଦି ଅଣ-ଅକ୍ଷୟ ଶକ୍ତି ଉତ୍ସ ଅନ୍ତର୍ଭୁକ୍ତ । ହଜାରେ ବର୍ଷ ଧରି ପୃଥିବୀ ତଳେ ପୋତି ହୋଇଥିବା ଉଦ୍ଭିଦ ଓ ପ୍ରାଣୀମାନଙ୍କର ଜୀବାଶ୍ମରୁ ଜୀବାଶ୍ମ ଇନ୍ଧନର ସୀମିତ ସଂରକ୍ଷଣ ଅଛି । ସମୟ ଗତିବା ସହିତ ଶକ୍ତି ଆବଶ୍ୟକତା ବଢିବାରେ ଲାଗିଛି । ଏଭଳି ପରିସ୍ଥିତିରେ ଭାରତ ସମେତ ସମଗ୍ର ବିଶ୍ୱରେ ଶକ୍ତି ସଙ୍କଟ ଗଂଭୀର ହେବାରେ ଲାଗିଛି । ଏଥିସହ ଜୀବାଶ୍ମ ଇନ୍ଧନ ପରିବେଶକୁ ପ୍ରଦୂଷିତ କରୁଛି । ପାରମ୍ପାରିକ ଉତ୍ସରୁ ଉତ୍ପନ୍ନ ବିଦ୍ୟୁତର ମୂଲ୍ୟ ବୃଦ୍ଧି ଏବଂ ସମଗ୍ର ବିଶ୍ୱରେ ପରିବେଶ ସୁରକ୍ଷା ବିଷୟରେ ସଚେତନତା ହେତୁ ଅକ୍ଷୟ ଶକ୍ତି କିମ୍ବା ସବୁଜ ଶକ୍ତିର ଚାହିଦା ବଢିଛି ।

ଭାରତର ବଢୁଥିବା ଜନସଂଖ୍ୟା ଅନୁଯାୟୀ ଶକ୍ତିର ଆବଶ୍ୟକତା ପୂରଣ କରିବା ଏକ ବଡ ଆହ୍ୱାନ ପାଲଟିଛି । ସହରାଞ୍ଚଳ ତଥା ଗ୍ରାମାଞ୍ଚଳରେ ବିଦ୍ୟୁତର ଚାହିଦା ବିକାଶଶୀଳ ଅର୍ଥନୀତି ସହିତ ଭାରତର ଶିଳ୍ପ ବିକାଶ ଓ କୃଷି କାର୍ଯ୍ୟ ପାଇଁ କ୍ରମାଗତ ଭାବରେ ବୃଦ୍ଧି ପାଉଛି । ତେଣୁ ବର୍ତ୍ତମାନ ନିୟମିତ ବିଦ୍ୟୁତ୍ ଯୋଗାଣ ପାଇଁ ଭାରତ ସର୍ବନିମ୍ନ ମୂଲ୍ୟ ସହିତ ବିଦ୍ୟୁତ୍ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବା ଆବଶ୍ୟକ । ଯାହା ଶିଳ୍ପ ବିକାଶ ତଥା ଅର୍ଥନୀତିକୁ ବୃଦ୍ଧି କରିବାରେ ସହାୟକ ହେବ । ପରିବେଶ ପ୍ରଦୂଷଣକୁ ହ୍ରାସ କରିବା ଏବଂ ସ୍ୱଚ୍ଛ ଶକ୍ତି ପ୍ରୋତ୍ସାହନ ଦିଗରେ ସୌର ଶକ୍ତି ଏକ ଗୁରୁତ୍ୱପୂର୍ଣ୍ଣ ବିକଳ୍ପ ଭାବରେ ବିଦ୍ୟମାନ । ସୌର ଶକ୍ତି ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ସରକାର ବିଭିନ୍ନ ଯୋଜନା ଚଳାଉଛନ୍ତି । ଭାରତ ୨୦୩୦ ସୁଦ୍ଧା ଅଢେଇ ଗିଗାୱାଟ ଅକ୍ଷୟ ଶକ୍ତି କ୍ଷମତା ସ୍ଥାପନ କରିବାର ଲକ୍ଷ୍ୟ ସ୍ଥିର କରିଛି । ସୌର ଶକ୍ତି ଉପରେ ଏକ ବିଶେଷ ଧ୍ୟାନ ଦେଇ ଚଳିତ ବର୍ଷ ସୁଦ୍ଧା ୧୭୫ ଜିଡବ୍ଲୁ (୧୭୫ ଏଡ) ଅକ୍ଷୟ ଶକ୍ତି ସ୍ଥାପନ କରିବାକୁ ପ୍ରୟାସ ଚାଲିଛି । ବର୍ତ୍ତମାନ ପର୍ଯ୍ୟନ୍ତ ଭାରତରେ ପ୍ରାୟ ସତୁରି ଗିଗାୱାଟ ସୌର ଶକ୍ତି ସ୍ଥାପନ କରାଯାଇଛି , ଏପରିକି ବିଭିନ୍ନ ପର୍ଯ୍ୟାୟରେ ପ୍ରାୟ ଚାଳିଶ ଗିଗାୱାଟ ନିର୍ମାଣ କରାଯାଉଛି । ଏହି ଉପାୟରେ, ଭାରତ ୧୭୫ ଜିଡବ୍ଲୁ (୧୭୫ ଏଡ) ନବୀକରଣ ଯୋଗ୍ୟ ଶକ୍ତି କ୍ଷମତା ବିକାଶର ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ହାସଲ କରିବା ଦିଗରେ ଅଗ୍ରସର ହେଉଛି । ଏପରିକି ବିଶ୍ୱର ଅନ୍ୟ ଦେଶମାନଙ୍କ ସହିତ ମଧ୍ୟ ସହଯୋଗ କରୁଛି ।

ଆଧୁନିକ ବିକାଶ ପ୍ରକୃତି ଏବଂ ପରିବେଶ ପାଇଁ ବହୁତ କ୍ଷତି କରିଛି । ତେଣୁ ବର୍ତ୍ତମାନ କେବଳ ସୂର୍ଯ୍ୟ କିରଣ ସହିତ ଜଡିତ ହୋଇ ଆମେ ଏହି ବିଚଳିତ ପ୍ରାକୃତିକ ସନ୍ତୁଳନକୁ ଏକାଠି କରିପାରିବା । ସୂର୍ଯ୍ୟ କେବେ ବି ଅସ୍ତ ହୁଅନ୍ତି ନାହିଁ, ଏହାର ଆଲୋକ ଦୁନିଆର କିଛି କିମ୍ବା ଅନ୍ୟ କୋଣରେ ସବୁବେଳେ ପହଞ୍ଚି ଥାଏ । ଦୁନିଆର ଏପରି ଅନେକ ଦେଶ ଅଛି, ଯେଉଁଠାରେ ସୂର୍ଯ୍ୟକିରଣ ପ୍ରଚୁର ପରିମାଣରେ ପହଞ୍ଚିଥାଏ । କିନ୍ତୁ ଟେକ୍ନୋଲୋଜି ଏବଂ ସମ୍ବଳର ଅଭାବ ହେତୁ ସେଠାରେ ସୋ ?ର ଶକ୍ତି ବ୍ୟବହାର କରାଯାଉନାହିଁ । ଉନ୍ନତ ବୈଜ୍ଞାନିକ ଜ୍ଞାନ ବିଜ୍ଞାନ କୌଶଳରେ ଉପଲବ୍ଧତା, ଅର୍ଥନୈତିକ ସମ୍ବଳ, ମୂଲ୍ୟ ହ୍ରାସ, ଷ୍ଟୋରେଜ୍ ଟେକ୍ନୋଲୋଜିର ବିକାଶ , ବୃହତ ପରିମାଣର ଉତ୍ପାଦନ । ନବସୃଜନ ପରି ଆବଶ୍ୟକୀୟ ଉତ୍ସଗୁଡ଼ିକ ସୌର ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଅତ୍ୟନ୍ତ ଜରୁରୀ । ବ୍ୟାନ୍ ସାନ୍ ବ୍ୟାନ୍ ଓ୍ୱାର୍ଲ୍ଡ, ବ୍ୟାନ୍ ଗ୍ରୀଡ୍ ପ୍ରୋଜେକ୍ଟ ହେଉଛି ସମଗ୍ର ବିଶ୍ୱରେ ସୌର ବିଦ୍ୟୁତ୍ ଯୋଗାଣ କରୁଥିବା ଏକ ଟ୍ରାନ୍ସନାଲ୍ ବିଦ୍ୟୁତ୍ ବିକାଶର ଲକ୍ଷ୍ୟ ସହିତ ବିଶ୍ୱର ସମସ୍ତ ଦେଶକୁ ଏକାଠି କରିବା ପାଇଁ ଏକ ଉତ୍ତମ ପ୍ରୟାସ । ଭାରତର ଉଚ୍ଚାଭିଳାଷୀ ସୌର ଶକ୍ତି ପ୍ରକଳ୍ପ ସାଧାରଣ ସମ୍ବଳ ବ୍ୟବହାର କରି ଭିତ୍ତିଭୂମି ଏବଂ ସୌର ଶକ୍ତିର ଲାଭକୁ ବ୍ୟବହାର କରିବାକୁ ଲକ୍ଷ୍ୟ ରଖିଛି ।

ବିଶ୍ୱ ଗ୍ଲୋବାଲ (ଶକ୍ଷକ୍ତଭବକ୍ଷ) ସହଯୋଗ ମାଧ୍ୟମରେ ଅଂଶୀଦାର ହେଉଛି । ଏହି ଆନ୍ତର୍ଜାତୀୟ ଗ୍ରୀଡ୍ ଉତ୍ପାଦିତ ସୌର ଶକ୍ତିକୁ ବିଶ୍ୱର ବିଭିନ୍ନ କେନ୍ଦ୍ରକୁ ପରିବହନ କରିବ । ଅକ୍ଷୟ ଶକ୍ତି, ବିଶେଷକରି ସୌର ଶକ୍ତି ପାଇଁ ବିଶ୍ୱର ଅନ୍ୟ ଦେଶମାନଙ୍କ ସହ ସହଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଥିପାଇଁ ମଧ୍ୟ ଆନ୍ତର୍ଜାତୀୟ ସୌରାର ମିଳିତ ମଞ୍ଚ ପ୍ରତିଷ୍ଠା କରାଯାଇଛି । ଆନ୍ତର୍ଜାତୀୟ ସୌରାର ଆଲାଇନ୍ସ ହେଉଛି ଏକ ଚୁକ୍ତିନାମା ଭିତ୍ତିକ ଆନ୍ତର୍ଜାତୀୟ ଆନ୍ତଃ ରାଜ୍ୟ ସଂଗଠନ, ଯାହାର ମୂଳ ଉଦ୍ଦେଶ୍ୟ ହେଉଛି ସଦସ୍ୟ ଦେଶମାନଙ୍କୁ ସୁଲଭ ସୌର ପ୍ରଯୁକ୍ତିବିଦ୍ୟା ଯୋଗାଇବା । ଏହି କ୍ଷେତ୍ରରେ ଅନୁସନ୍ଧାନ ତଥା ବିକାଶକୁ ପ୍ରୋତ୍ସାହିତ କରିବା । ଏପର୍ଯ୍ୟନ୍ତ ଏକ ଶହ ଦଶ ଦେଶ ଏହି ଚୁକ୍ତିନାମା ସାକ୍ଷର କରିଛନ୍ତି ଏବଂ ନଅ ଦେଶ ଏହାକୁ ସାକ୍ଷର କରିବାକୁ ରାଜି ହୋଇଛନ୍ତି । ୨୦୨୧ ମସିହାରେ ଆନ୍ତର୍ଜାତୀୟ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ ସିଓପି-୨୬ (COP-୨୬) ସମୟରେ ଭାରତ ସରକାର, ବ୍ରିଟେନ ଏବଂ ଆନ୍ତର୍ଜାତୀୟ ସୌର ଆଲାଇନ୍ସ ବିଶ୍ୱ ବ୍ୟାଙ୍କ ସହଯୋଗରେ ବିଶ୍ୱ ଗ୍ରୀନ୍ ଗ୍ରୀଡ୍ ପଦକ୍ଷେପ ଓ୍ୱାନ୍ ସନ୍, ଓ୍ୱାନ୍ ଓ୍ୱାର୍ଲ୍ଡ, ଓ୍ୱାନ୍ ଗ୍ରୀଡ୍ ଆରମ୍ଭ କରିଥିଲେ ।

ଏହି ପ୍ରକଳ୍ପରେ ଥିବା ସଦସ୍ୟ ଦେଶଗୁଡ଼ିକ ଟେକ୍ନୋଲୋଜି, ଅର୍ଥ ଏବଂ ଦକ୍ଷତା ମାଧ୍ୟମରେ ଅକ୍ଷୟ ଶକ୍ତି ଉତ୍ସରେ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରୁଛନ୍ତି । ସମସ୍ତ ଦେଶର ସହଯୋଗରେ ଏହି ପ୍ରକଳ୍ପର ମୂଲ୍ୟ ହ୍ରାସ ପାଇ ଏହାର କ୍ଷମତା ବୃଦ୍ଧି ପାଇବ । ଯାହା ଫଳରେ ସମସ୍ତେ ଏହାର ଲାଭ ପାଇବେ । 'ଗୋଟିଏ ସୂର୍ଯ୍ୟ, ଗୋଟିଏ ବିଶ୍ୱ, ଗୋଟିଏ ଗ୍ରୀଡ୍' ଅଧୀନରେ ଆଞ୍ଚଳିକ ତଥା ଆନ୍ତର୍ଜାତୀୟ ସ୍ତରରେ ପରସ୍ପର ସହ ଜଡିତ ସବୁଜ ଗ୍ରୀଡ୍ ମାଧ୍ୟମରେ ବିଭିନ୍ନ ଦେଶ ମଧ୍ୟରେ ଶକ୍ତି ଯୋଗାଣ ଏବଂ ଶକ୍ତି ଯୋଗାଣକୁ ସନ୍ତୁଳିତ କରିବାକୁ ପ୍ରୟାସ କରାଯାଉଛି । ଏହି ପ୍ରକଳ୍ପର ତିନୋଟି ପର୍ଯ୍ୟାୟ ଅଛି । ଯେଉଁଥିରୁ ପ୍ରଥମ ପର୍ଯ୍ୟାୟ ମଧ୍ୟ ଏସିଆ, ଦକ୍ଷିଣ ଏସିଆ ଏବଂ ଦକ୍ଷିଣ ପୂର୍ବ ଏସିଆ ମଧ୍ୟରେ ସବୁଜ ଶକ୍ତି ଉତ୍ସ ସହିତ ସୌର ଶକ୍ତି ଭଳି ଏକ ସଂଯୋଗକୁ ଯୋଗ କରିବା ହେଉଛି ଲକ୍ଷ୍ୟ । ଦ୍ୱିତୀୟ ପର୍ଯ୍ୟାୟରେ, ଏସିଆରେ ଯୋଡି ହୋଇଥିବା ଘେଟୋ ଆଫ୍ରିକା ସହିତ ସଂଯୁକ୍ତ ହେବ ଏବଂ । ତୃତୀୟ ପର୍ଯ୍ୟାୟରେ ବିଦ୍ୟୁତ୍ ଉତ୍ପାଦନକୁ ବିଶ୍ୱ ସ୍ତରରେ ସଂଯୋଗ କରିବା ପାଇଁ ଏକ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସୌର ଶକ୍ତି ହେଉଛି ସବୁଠାରୁ ପରିଷ୍କାର ଏବଂ ସବୁଠାରୁ ଦକ୍ଷ ।

ମିଳିତ ଜାତିସଂଘର ଆନ୍ତର୍ଜାତୀୟ ସଂଗଠନ ଏବଂ ଆନ୍ତର୍ଜାତୀୟ ନବୀକରଣ ଯୋଗ୍ୟ ଶକ୍ତି ଏଜେନ୍ସିକୁ ଦିଆଯାଇଥିବା ରିପୋର୍ଟ ଅନୁଯାୟୀ ଏହା ସମଗ୍ର ବିଶ୍ୱରେ ବହୁ ସଂ

ବିପଦପୂର୍ଣ୍ଣ ଅବସ୍ଥାରେ ବିଦ୍ୟୁତ ଖୁଣ୍ଟ: ଜୀବନ ପ୍ରତି ବିପଦ

ବ୍ରହ୍ମପୁର (ପିପିଏସ୍): ବ୍ରହ୍ମପୁର ସହରରେ ବହୁ ସ୍ଥାନରେ ବିଦ୍ୟୁତ ଖୁଣ୍ଟଗୁଡ଼ିକ ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିବା ବେଳେ ଉକ୍ତ ଖୁଣ୍ଟରେ ଥିବା ବିଦ୍ୟୁତ ତାର ଗୁଡ଼ିକ ଝୁଲି ରହିଛି। ଫଳରେ ଉକ୍ତ ରାସ୍ତା ଦେଇ ଯାଉଥିବା ବହୁ ଲୋକ, ପଶୁପକ୍ଷୀ ଉକ୍ତ ତାର ସଂସ୍ପର୍ଶରେ ଆସି ଜୀବନ ହାନି ଘଟିବା ସହ ବିପଦ ସୃଷ୍ଟି କରୁଛି। ଏପରିକି ବହୁ ଦୂର ଦୂରରେ ଖୁଣ୍ଟ ପୁତା

ହୋଇଥିବାରୁ ତାର ଗୁଡ଼ିକ ଝୁଲି ରହିଛି। କେତେକ ସ୍ଥାନରେ ଦୁଇ ଖୁଣ୍ଟି ମଝିରେ ଥିବା ଗଛରେ ବିଦ୍ୟୁତ୍ ତାର ଗୁଡାଇ ହୋଇ ରହିଥିବା ବେଳେ କେତେବେଳେ ଯେ ବିଦ୍ୟୁତ୍ ପ୍ରଭାବିତ ହୋଇ ଗଛ ଦ୍ୱାରା ଉକ୍ତ ରାସ୍ତା ଦେଇ ଯାଉଥିବା ଜୀବନ ପ୍ରତି ବିପଦର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ । ପ୍ରକାଶ ଥାଉ କି ତଳ ଦିନେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଏକ ମାଙ୍କଡ଼, ଦୁଇଟି ପକ୍ଷୀ, ଏକ ବାଛୁରୀ ବହୁ ଗାଇଙ୍କର ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥିବା ନଜିର୍ ରହିଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ନଦେଲେ କେତେବଳେ ଯେ ମନୁଷ୍ୟ ଜୀବନ ଚାଲିଯିବ ତାହା କହିହେବନାହିଁ। ଏହାକୁ ଦେଖିଲେ ସ୍ପଷ୍ଟ ଭାବରେ ଜଣା ପଡୁଛି ବିଦ୍ୟୁତ୍ ଶୁଳ୍କ ଆଦାୟରେ ପ୍ରାଥମିକତା ଦେଉଥିବା ଟି.ପି.ଏସ.ଓ.ଡି.ଏଲ୍ କମ୍ପାନୀ ବିପର୍ଯ୍ୟସ୍ତ ତଥା ବିପଦ ଜନକ ଅବସ୍ଥାରେ ଥିବା ଭିତ୍ତିଭୂମି ସଜାଡିବା ଦିଗରେ ଆଦୌ ଦୃଷ୍ଟି ଦେଉ ନ ଥିବାର ପରିଲକ୍ଷିତ ହେଉଛି। ଏହାର ଏକ ନିଛକ ଉଦାହରଣ ଦେଖିବାକୁ ମିଳିଛି ସ୍ଥାନୀୟ ୱାର୍ଡ ନମ୍ବର ୨୬ ସ୍ଥିତ ନିଳକଣ୍ଠନଗର ୩ୟ ଓ ଏହାର ଆଖପାଖ ଗଳିରେ। ନିଳକଣ୍ଠ ନଗର ୩ୟ ଗଳିର ବିଦ୍ୟୁତ ଖୁଣ୍ଟ ଓ ୧୧କେଭି ତାର ଗୁଡିକ ଅତି ବିପଦଜନକ ଅବସ୍ଥାରେ ଥିବା ଦେଖାଦେଇଛି । ବିଭାଗୀୟ କର୍ତ୍ତୃପକ୍ଷ ଏହାର ପ୍ରତିକାର କରୁ ନଥିବାରୁ ସାହିବସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ସାହିବସିନ୍ଦାଙ୍କ କହିବା ଅନୁଯାୟୀ କିଛି ବର୍ଷ ତଳେ କୌଣସି ଏକ ଭାରି ଯାନ ଧକ୍କାରେ ବିଦ୍ୟୁତ୍? ଖୁଣ୍ଟଟି ଢଳି ପଡ଼ିଥିଲା ଦୀର୍ଘ ଦିନ ବିତିଯିବା ସତ୍ତ୍ୱେ ନୂତନ ଖୁଣ୍ଟ ଲଗାଇବାର ବ୍ୟବସ୍ଥା କରାଯାଇ ନାହିଁ। ଫଳରେ ବିପଦ ଜନକ ଅବସ୍ଥାରେ ଖୁଣ୍ଟଟି ଝୁଲି ରହିଛି । ସେହିଭଳି ନିଳକଣ୍ଠ ନଗର ୩ୟ ଗଳି ଛକରେ ଏକ ଇଲେକ୍ଟ୍ରିକ୍ କେବୁଲକୁ ବିଭିନ୍ନ ଜାଗାରେ ଯୋଇଣ୍ଟ କରି ୨ଟି ନଡ଼ିଆ ଗଛରେ କଣ୍ଟା ଦେଇ ଟଙ୍ଗା ଯାଇଛି। ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଦୃଶ୍ୟ ଦେଖିଲେ ଧନଜୀବନ ହାନି ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ ବୋଲି ଅଞ୍ଚଳବାସୀ ଆଶଙ୍କା ପ୍ରକାଶ କରୁଛନ୍ତି। ସେହିଭଳି ୪ର୍ଥ ଗଳିରେ ବହୁ ଦୂର ଦୂରରେ ଖୁଣ୍ଟ ପୁତା ହୋଇଥିବାରୁ ତାର ଗୁଡ଼ିକ ଝୁଲି ରହିଛି। କୌଣସି ଅଘଟଣ ଘଟିବା ପୂର୍ବରୁ ବିଭାଗୀୟ କର୍ତ୍ତୃପକ୍ଷ ଏହାର ଆଶୁ ପ୍ରତିକାର ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି।

ମୌଳିକ ସୁବିଧାରୁ ବଞ୍ଚିତ ନୂଆଗୁଡା ଗ୍ରାମର ୮ ପରିବାର

ମାଲକାନଗିରି : ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସୋମନାଥପୁର ପଂଚାୟତର ନୂଆଁଗୁଡା ଗ୍ରାମ। ପଂଚାୟତ ସଦରଠାରୁ ମାତ୍ର ୫ କି.ମି. ଓ ବ୍ଲକ ସଦରରୁ ୨୦ କି.ମି. ଦୂରରେ ରହିଛି। ଗ୍ରାମଟି ପ୍ରଥମେ କୁଡୁମୁଲୁଗୁମ୍ପା ଅଧୀନରେ ଥିଲା। ୨୦୧୭ରେ ସୋମନାଥପୁର ପଂଚାୟତ କୋରୁକୋଣ୍ଡା ବ୍ଲକରେ ସାମିଲ ହେଲା। ନୂଆଗୁଡା ଗ୍ରାମବାସୀ ପୂର୍ବରୁ କୁଡୁମୁଲୁଗୁମ୍ପା ଅଧୀନରେ ପ୍ରାୟ ୧୯ ବର୍ଷ ରହିଥିବା ବେଳେ ବର୍ତମାନ କୋରୁକୋଣ୍ଡା ବ୍ଲକ ଅଧୀନରେ ୬ ବର୍ଷ ରହିଲେଣି। ନୂଆଗୁଡାରେ ରହୁଥିବା ୧୫ ପରିବାରକୁ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବାରେ ପ୍ରଶାସନ ବିଫଳ ହୋଇଛି। କୌଣସି ମୌଳିକ ସୁବିଧା ନ ପାଇବାରୁ ୭ ପରିବାର ଅନ୍ୟତ୍ର ଯାଇ ବସବାସ କରୁଛନ୍ତି। ବର୍ତମାନ ଗ୍ରାମରେ ୮ଟି ପରିବାରର ୫୫ ଜଣ ବସବାସ କରୁଛନ୍ତି। ଉକ୍ତ ଗ୍ରାମକୁ ଯିବାକୁ ହେଲେ ହାତୀଆମ୍ବ ଗ୍ରାମକୁ ଯାଇ ସେଠାରୁ ଜଙ୍ଗଲ ରାସ୍ତାରେ ଚାଲି ଚାଲି ୩ କି.ମି. ଗଲେ ପଡେ ନୂଆଗୁଡା ଗ୍ରାମ। ଏବେ ମଧ୍ୟ ରୋଗୀଙ୍କୁ ଭାରରେ ୩ କି.ମି. ବୋହି ହାତୀଆମ୍ବ ଗ୍ରାମକୁ ନେଲାପରେ ଆମ୍ବୁଲାନ୍ସ ସାହାଯ୍ୟରେ ଡାକ୍ତରଖାନାକୁ ନେବାକୁ ପଡୁଥିବା କହିଛନ୍ତି ଗ୍ରାମବାସୀ। ୩ ମାସ ତଳେ ଗ୍ରାମର ଅଭି ଗୁଡିଆଙ୍କ ସ୍ତ୍ରୀ ଲକ୍ଷ୍ମୀଙ୍କ ଗର୍ଭ ଯନ୍ତ୍ରଣା ହେବାରୁ ତାଙ୍କୁ ଭାରରେ ବୋହି ହାତୀଆମ୍ବ ପର୍ଯ୍ୟନ୍ତ ନିଆଯାଇଥିଲା। ପାହାଡ ଚଲା ରାସ୍ତାରେ ସେ ଗୋଟିଏ ଶିଶୁ ପୁତ୍ର ଜନ୍ମ ଦେଇଥିଲେ। ପରେ ସେଠାରୁ ଲକ୍ଷ୍ମୀଙ୍କୁ ଆତୀଆମ୍ବ ପର୍ଯ୍ୟନ୍ତ ନେଇ ସେଠାରୁ ଆମ୍ବୁଲାନ୍ସ ଯୋଗେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲୁ ବୋଲି କହିଛନ୍ତି। ଅନ୍ୟପକ୍ଷରେ ରାସ୍ତା ସମସ୍ୟା ନେଇ ବ୍ଲକ ପ୍ରଶାସନକୁ ବାରମ୍ବାର ଜଣାଇବା ପରେ ରାସ୍ତାକାମ କରିବା ଲାଗି ଉଦ୍ୟମ ଆରମ୍ଭ ହୋଇଥିଲା। ମାତ୍ର, ପରେ ଏହା ବନ୍ଦ ହୋଇଯାଇଥିଲା। ସେହିପରି ଏଯାଏ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଗ୍ରାମରେ ବିଦ୍ୟୁତ୍ ବିଭାଗ ତାର ଟାଣି କିଛି ଦିନ ପକାଇ ରଖି ଏବ ୧୫ ଦିନ ତଳେ ଟ୍ରାନ୍ସଫର୍ମର ବସାଇଛି। ମାତ୍ର ଗ୍ରାମରେ କୌଣସି ପରିବାରକୁ ବର୍ତମାନ ସୁଦ୍ଧା ବିଦ୍ୟୁତ୍ ସଂଯୋଗ ଦେଇନାହିଁ। ଗ୍ରାମବାସୀଙ୍କ ଜଳକଷ୍ଟ କଥା ମଧ୍ୟ ନ କହିବା ଭଲ। ଗ୍ରାମଠାରୁ ୧ କି.ମି. ଦୂରରେ ଥିବା ଏକ ଝରଣାରୁ ପାଣି ଗ୍ରାମବାସୀ ବ୍ୟବହାର କରୁଛନ୍ତି। ଅନେକ ଥର ଗ୍ରାମବାସୀ ଗ୍ରାମରେ ନଳକୂପଟିଏ ଖନନ ଲାଗି କହି ଆସୁଥିଲେ ମଧ୍ୟ ପ୍ରଶାସନ ଗୁରୁତ୍ୱ ଦେଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କୋରୁକୋଣ୍ଡା ବିଡିଓ ବେଦବ୍ୟାସ ଭୋଇଙ୍କୁ ପଚାରିବାରୁ ସେ କହିଲେ, ଖୁବ୍‌ଶୀଘ୍ର ଉକ୍ତ ଗ୍ରାମର ରାସ୍ତା ସହ ଅନ୍ୟ ସମସ୍ୟା ସମାଧାନ କରିବାକୁ ସେ ପଦକ୍ଷେପ ନେବେ।

ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି ଜାତୀୟ ରାଜପଥ

୭ ବର୍ଷ ପୂରିଯିବା ସତ୍ତ୍ୱେ ସରୁନି କାମ

ଆନନ୍ଦପୁର: ପାଣିକୋଇଲି-ରିମୁଲି ୨୦ନମ୍ବର ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ହେଁ ଶାଳପଡ଼ା ନିକଟରେ ଅଧାପନ୍ତରିଆ ହୋଇ ପଡ଼ିଛି। ଆନନ୍ଦପୁରର ପ୍ରମୁଖ ଛକ ଶାଳପଡ଼ା ନିକଟରେ ଗୋଟିଏ ପାର୍ଶ୍ୱରେ ଗାଡି ଚଳାଚଳ କରୁଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଏନେଇ ପ୍ରଶାସନ କିମ୍ବା ଜାତୀୟ ରାଜପଥ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ଜନ ଅସନ୍ତୋଷ ବଢିବାରେ ଲାଗିଛି। କେନ୍ଦୁଝର ସମେତ ଯାଜପୁର, ଭଦ୍ରକ, ମୟୂରଭଞ୍ଜ ଜିଲ୍ଲାକୁ ସଂଯୋଗ କରୁଥିବା ବ୍ୟସ୍ତବହୁଳ ଅଞ୍ଚଳ ହେଉଛି ୨୦ନମ୍ବର ଜାତୀୟ ରାଜପଥର ଶାଳପଡ଼ା ଛକ। ଏହି ଛକଦେଇ ପ୍ରତିଦିନ ଶହଶହ ଗାଡ଼ି ଚଳାଚଳ କରୁଥିବାବେଳେ ଦୀର୍ଘବର୍ଷ ହେଲା ରାସ୍ତା ନିର୍ମାଣ ଅଟକିଛି। ସ୍ଥାନୀୟ ଜନସାଧାରଣ ଏଠାରେ ଏକ ଅଣ୍ଡରପାସ୍ ନିର୍ମାଣ ପାଇଁ ଦାବି କରି ଆସୁଥିବାବେଳେ ଏନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏପଟେ ଠିକାସଂସ୍ଥାର ନିର୍ମାଣକୁ ବିରୋଧ କରାଯାଉଥିବାରୁ ଗତ ଦୁଇବର୍ଷ ହେଲା ନିର୍ମାଣ ହୋଇପାରୁ ନଥିବା ଅଭିଯୋଗ ହୋଇଛି। ସାତବର୍ଷ ହେଲା ଏଠାରେ ଜାତୀୟ ରାଜପଥ ରାସ୍ତା ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି। ଖପରାଖାଇ ବାଏପାସଠାରୁ ଅଶୋକ ରାଜପଥ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ପାଖାପାଖି ଏକକିମି ରାସ୍ତାର ଗୋଟିଏ ପାର୍ଶ୍ୱ ନିର୍ମାଣ ହୋଇଥିବାବେଳେ ଅନ୍ୟ ପାର୍ଶ୍ୱ ରାସ୍ତା ନିର୍ମାଣ ହୋଇପାରି ନାହିଁ। ବହୁବାର ଦାବିପରେ ୨୦୨୧ ଜାନୁଆରିରେ ଠିକାସଂସ୍ଥା ଏଆରଏସ୍‌ଏସ୍ ନିର୍ମାଣ ଆରମ୍ଭ କରିଥିଲା। ମାତ୍ର ଫେବୁଆରିରେ ଠିକାସଂସ୍ଥା କାମ ଛାଡି ଚାଲିଯାଇଥିଲା। ଏପଟେ ଧକୋଠା, ଦରଖଳାଠାରେ ଅଧାପ୍ତରିଆ ରାସ୍ତା ନିର୍ମାଣ ସରିଥିବାବେଳେ ଶାଳପଡ଼ାକୁ ଅବହେଳା କାହିଁକି କରାଯାଉଛି ବୋଲି ପ୍ରଶ୍ନ ଉଠିଛି।

ଶାଳପଡ଼ାର ଜନସାଧାରଣଙ୍କ ଦାବି ଅନୁସାରେ ଆଇଟିଆଇ ନିକଟରେ ରହିଥିବା ଛକ ଉପରେ ଶାଳପଡ଼ା ସହିତ ସେହି ପାର୍ଶ୍ୱରେ ଥିବା ୪ଟି ପଞ୍ଚାୟତର ଜନସାଧାରଣ ନିର୍ଭର କରିଥାନ୍ତି। ରାସ୍ତାର ଅପରପାର୍ଶ୍ୱରେ ଜଳସମ୍ପଦ ବିଭାଗ, ଗ୍ରାମ୍ୟଜଳ ଯୋଗାଣ, ଗ୍ରୀଡ଼, କନକମଞ୍ଜରୀ ମହିଳା ମହାବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଉଦ୍ୟାନବିଭାଗ କାର୍ଯ୍ୟାଳୟ, ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଜଳସମ୍ପଦ ଅତିଥିଭବନ, କଲ୍ୟାଣମଣ୍ଡପ, ଆରଏମସି, ସମବାୟ ନିବନ୍ଧକଙ୍କ କାର୍ଯ୍ୟାଳୟ, ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ, ଜଗନ୍ନାଥ ମନ୍ଦିର, ପେଟ୍ରୋଲପମ୍ପ, ଗ୍ରାମ୍ୟ ନ୍ୟାୟାଳୟ ରହିଥିବାବେଳେ ଲୋକମାନଙ୍କ ଯାତାୟାତରେ ବଡ଼ ସମସ୍ୟା ସୃଷ୍ଟି ହେଉଛି। ଲୋକମାନେ ରାସ୍ତା ପାରହେବା ସମୟରେ ଦୁର୍ଘଟଣା ଘଟିବାର ମଧ୍ୟ ସମ୍ଭାବନା ରହିଛି। ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀଙ୍କ କାର୍ଯ୍ୟାଳୟର ଚିଠିନମ୍ବର ୧୧୦୧୨/ଆରଓ,ଓଡି/୨୦୧୭ ଅନୁସାରେ ଶାଳପଡ଼ ?ାରେ ଏକ ନୂତନ ଅଣ୍ଡର ପାସ୍ ନିର୍ମାଣ ପାଇଁ ମଞ୍ଜୁରି ସରିଥିବାବେଳେ ଏଥିପାଇଁ ୨କୋଟି ୨୦ଲକ୍ଷ ୩୭ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ଅଦ୍ୟାବଧି କାହିଁକି ଏହାର ନିର୍ମାଣ କରାଯାଉନାହିଁ ବୋଲି ଶାଳପଡ଼ା ଜନସାଧାରଣ ପ୍ରଶ୍ନ ଉଠାଇଛନ୍ତି।

କାଳ ସାଜିଲା କାଳବୈଶାଖୀ

ପବନରେ ଝଡ଼ିଗଲା ବର୍ଷକର ରୋଜଗାର

ମାଲକାନଗିରି: ରଜ ପୂର୍ବରୁ ବଗିଚାରେ ଲାଗିଥାଏ ଲୋକଙ୍କ ଭିଡ। ମାଲକାନଗିରି ଓ ବାଲିମେଳା ସହର ବେପାରୀ ଆସି ନେଇ ଯାଆନ୍ତି ଆମ୍ବ। ବଳକାକୁ ରାସ୍ତାକଡ଼ରେ ବସି ବିକ୍ରି ହୋଇ ଯାଇଥାଏ। ସୁବ ବର୍ଷ ପରି ଚଳିତବର୍ଷ ମଧ୍ୟ ଭଲ ଆମ୍ବ ଆସିଥିଲା। ବିକ୍ରି କରି ଟଙ୍କା ରୋଜଗାର କରିବାର ଆଶା ରହିଥିଲା। କିନ୍ତୁ ବିକ୍ରି କରିବା ପୂର୍ବରୁ ବର୍ଷା ପବନରେ ସବୁ ଆମ୍ବ ଝଡି ନଷ୍ଟ ହୋଇଗଲା। ବଗିଚାରେ ହିଁ ସବୁ ଆମ୍ବ ପଚିସଢ଼ି ନଷ୍ଟ ହେଇଗଲା। ମାଲକାନଗିରି ବ୍ଲକ ଅନ୍ତର୍ଗତ କାଦବାହାଲ ଗ୍ରାମରେ ଆମ୍ବ ଚାଷୀଙ୍କ କ୍ଷେତ୍ରରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଆମ୍ବ ଚାଷରୁ ବର୍ଷକର ରୋଜଗାର ପାଇଁ ଅପେକ୍ଷା କରିଥିବା ବ?ଳେ କାଳବେ?ଶାଖୀ ସେମାନଙ୍କ ପାଇଁ କାଳ ସାଜିଥିଲା। ସୂଚନା ଅନୁଯାୟୀ, ମାଲକାନଗିରି ଜିଲ୍ଲାରେ ଉଦ୍ୟାନ ବିଭାଗ ପକ୍ଷରୁ ବିଭିନ୍ନ ଚାଷୀଙ୍କୁ ସହାୟତା ଯୋଗାଇ ଦିଆଯାଉଥିବା ବ?ଳେ ସେମାନେ ଆମ୍ବ ସହ ଅନ୍ୟାନ ଚାଷ ମଧ୍ୟ କରିଥାନ୍ତି। ଜିଲ୍ଲାରେ ପାଖାପାଖି ବର୍ଷରେ ପଖାପାଖି ୮୬୨୦ ହେକ୍ଟର ଜମିରେ ଆମ୍ବ ଚାଷ ହୋଇଥାଏ। ସେଥିରୁ ବର୍ଷକୁ ପାଖାପାଖି ୪୧୬୦୬ ମେଟ୍ରିକ୍ ଟନ୍ ଆମ୍ବ ଉତ୍ପାଦନ ହୋଇଥାଏ। ସ୍ଥାନୀୟ ବଜାରରେ ଆମ୍ବ ବିକ୍ରି କରିବା ସହ ବେପାରୀ ମାନେ ପଡୋଶୀ ରାଜ୍ୟକୁ ନେଇ ବିକ୍ରି କରିଥାନ୍ତି। ଏଥିସହ କେତେକ ଛୋଟ ଚାଷୀ ୫ଟାରୁ ଆରମ୍ଭ କରି ୨୦, ୨୫ଟି ଆମ୍ବ ଗଛ ଲଗାଇ ସେଥିରୁ ଆମ୍ବ ଅମଳ କରିଥାନ୍ତି। ବର୍ଷକୁ ସେଥିରୁ ପାଖାପାଖି ୩୦ ହଜାରରୁ ଆରମ୍ଭ କରି ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିଥାନ୍ତି।

ସେହି ରୋଜଗାର ଟଙ୍କା ପରିବାର ଚଳାଇବାରେ ବହୁ ସହାୟକ ହୋଇଥାଏ। କିନ୍ତୁ ଏଭଳି କେତେକ ଚାଷୀଙ୍କ ପାଇଁ କାଳବେ?ଶାଖୀ ବର୍ଷା ଫସଲକୁ ଉଜାଡି ଦେଇଛି। ଗୋଟିଏ କି ଦୁଇଟି ଚାଷୀ ନୁହେଁ ମାଲକାନଗିରି ବ୍ଲକର ବହୁ ଚାଷୀଙ୍କ ଆମ୍ବ ଫସଲ ନଷ୍ଟ ହୋଇଯାଇଛି। ସରକାରଙ୍କ ପକ୍ଷରୁ ସହାୟତା ପାଇଁ ଚାଷୀ ନିବେଦନ କରିଛନ୍ତି। ଗେ?ଡଗୁଡା

ପଞ୍ଚାୟତ କାଦବାହାଲ ଗ୍ରାମର ଘାସିରାମ ଡୁରୁକାଙ୍କ କହିବାନୁଯାୟୀ, ବହୁ ବର୍ଷ ପୂର୍ବରୁ ୨୫ଟି ଆମ୍ବ ଗଛ ଲଗାଇଥିଲେ। ସେଥିରୁ ପ୍ରତ୍ୟେକ ବର୍ଷ ଆମ୍ବ ଆସିଥାଏ। କାଁ ଭାଁ କେଉଁ ବର୍ଷ କୁହୁଡି ଯୋଗୁଁ ବଉଳ ନଷ୍ଟ ହୋଇଥାଏ କିନ୍ତୁ ଅଧିକାଂଶ ବର୍ଷ ଭଲ ଆମ୍ବ ଫଳିଥାଏ। ତାଙ୍କର ବଗିଚାରେ ବାଇଗଣପଲ୍ଲୀ, ହାତିମୁଣ୍ଡ, ବାରମାସୀ, ନଡିଆ ଆମ୍ବ ଓ କଲେକ୍ଟର ଆମ୍ବ ଆଦି ଗଛ ରହିଛି। ଏହି ସୁଆଦିଆ ଆମ୍ବର ସ୍ଥାନୀୟ ଅଞ୍ଚଳରେ ବହୁ ଚାହିଦା ରହିଥାଏ। ବେ?ଶାଖ ମାସ ଆରମ୍ଭ ହେବା ପୂର୍ବରୁ ଆମ୍ବ ବିକ୍ରି ଆରମ୍ଭ ହୋଇଯାଏ। ସାବିତ୍ରୀ ଅମାବାସ୍ୟା ସମୟରେ ଅଧିକ ଚାହିଦା ରହୁଥିବା ବେଳେ ରଜ ପର୍ଯ୍ୟନ୍ତ ଆମ୍ବର ବିକ୍ରି ବହୁତ ହୋଇଥାଏ। ସ୍ଥାନୀୟ ?ଅଞ୍ଚଳରୁ ବେପରୀ ଆସି ଆମ୍ବ କିଣି ନିଅନ୍ତି, ନଚେତ ପତ୍ନୀ ଓ ଝିଅ ରାସ୍ତା କଡରେ ବସି ଆମ୍ବ ବିକ୍ରି କରିଥାନ୍ତି। ଚାହିଦା ଅନୁସା?ରେ ଆମ୍ବକୁ ତୋଳି ପାଳ ଦ୍ୱାରା ପଚାଇ ବିକ୍ରି କରିଥାନ୍ତି। ପ୍ରତିବର୍ଷ ୬୦ରୁ ୭୦ ହଜାର ଟଙ୍କାର ଆମ୍ବ ବିକ୍ରି କରି ହୋଇଥାଏ। ଚଳିତବର୍ଷ ମଧ୍ୟ ଭଲ ଆମ୍ବ ଆସିଥିଲା, ବିକ୍ରି କରିବା ଆରମ୍ଭ ହୋଇଥିବା ବେଳେ କାଳବେ?ଶାଖୀ ବର୍ଷାରେ ଆମ୍ବ ଝଡିଗଲା। କେତେକ ଆମ୍ବ କଞ୍ଚା ଥିବା ବେଳେ ଆଉ କିଛି ପାଚିଥିଲା। ତଳେ ପଡି ସେହି ଆମ୍ବ ନଷ୍ଟ ହୋଇଗଲା।

ସେହି ଆମ୍ବ ବଗିଚାରେ ପଚି ନଷ୍ଟ ହେଲା। ସେଥିରୁ ଆଉ କଣ ଟଙ୍କା ମିଳିବ ବର୍ଷକର ରୋଜଗାର ପଳାଇଲା ବୋଲି କହିଛନ୍ତି। ଏତିକି ମଧ୍ୟରେ ୪ ଜଣିଆ କୁଟୁମ୍ବ ଚଳାଇବା କଷ୍ଟକର ହେବ ବୋଲି ସେ କହିଛନ୍ତି। ଆମ୍ବଚାଷୀ ମଙ୍ଗରାଜ ପୂଜାରୀଙ୍କ କହିବାନୁଯାୟୀ, ସେ ୨୭ଟି ଆମ୍ବ ଗଛ ଲଗାଇଛନ୍ତି। ସେଥିରେ କଲମୀ, ସୁବର୍ଣ୍ଣରେଖା, ହାତୀମୁଣ୍ଡ ଓ ଠୁରୀ ଆମ୍ବ ରହିଛି। ସେଥିରୁ ବର୍ଷକୁ ସେ ମଧ୍ୟ ୫୦ ହଜାର ଟଙ୍କାର ରୋଜଗାର କରିଥାନ୍ତି। ଆମ୍ବ ଗଛ ପାଇଁ କେ?ଣସି ଖର୍ଚ୍ଚ କରିବାକୁ ପଡୁନଥିବା ବ?ଳେ ବର୍ଷକୁ ସେଥିରୁ ଭଲ ରୋଜଗାର ହେଉଛି। ସେଥିରୁ ଯେଉଁ ଆମ୍ବ ମିଳୁଛି ସ୍ତ୍ରୀ ତାହାକୁ ରାସ୍ତା କଡରେ ବସି ବିକ୍ରି କରିଥାନ୍ତି। କିଛି ଢ଼େପ ଜମି ଥିବା ବ?ଳେ ସେଥିରେ ଧାନ ଚାଷ ହେଉଥିବାରୁ ତାହା ଖାଇବାକୁ ହୋଇଯାଉଛି ଓ ଆମ୍ବ ଗଛରୁ ମିଳୁଥିବା ଲାଭ ପରିବାର ଚଳାଇବା ସୁବିଧା ହେଉଛି। ଗତ ୩ ଦିନ ତଳେ ହୋଇଥିବା କାଳବୈଶାଖୀ ପବନରେ ସବୁ ଆମ୍ବ ପଡି ନଷ୍ଟ ହୋଇଗଲା ବୋଲି କହିଛନ୍ତି।

ଗୋପରେ ଟ୍ରାଫିକ ସମସ୍ୟା ଗୁରୁତର

ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ପର୍ଯ୍ୟଟକ

ଗୋପ, (ପିପିଏସ): ବର୍ତ୍ତମାନ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ର ନିମନ୍ତେ ନିମାପଡା ଠାରୁ କୋଣାର୍କ ଦେଇ ପୁରୀ ଶତାଧିକ ଗାଡି ମଟର ଯାତାୟାତ କରୁଥିବା ସମୟରେ ଗୋପ ଠାରେ ମାତ୍ରାଧିକ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଦେଶ ବିଦେଶରୁ ଅନେକ ପର୍ଯ୍ୟଟକ ଗୋପ ରାସ୍ତା ଦେଇ ପୁରୀ ଓ କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ଯାତାୟାତ କରିଥାନ୍ତି। କିନ୍ତୁ ଗୋପ କୁଶୁପୁର ଠାରେ ଅଏଲ ଇଣ୍ଡିଆ କମ୍ପାନୀ ପ୍ରାକୃତିକ ଗ୍ୟାସ ଓ ତୈଳ ଉତ୍ପାଦନ ନିମନ୍ତେ ରିଗ ମେସିନ ସାହାଯ୍ୟରେ ଖନନ କାର୍ଯ୍ୟ ଚାଲିଥିଲା। କିନ୍ତୁ ସେଠାରେ ତୈଳ ଉତ୍ପାଦନ କାର୍ଯ୍ୟ ଅଧାରୁ ବନ୍ଦ ହେବାରୁ ଫଳରେ ଗୋପ ର କୁଶୁପୁର ଠାରୁ ଗିରିମା ପଞ୍ଚାୟତ ର ଚିତ୍ରା ଗାଁକୁ ଉକ୍ତ କମ୍ପାନୀର ତୈଳ ଉତ୍ପାଦନ ନିମନ୍ତେ ବଡ ବଡ଼ ଭାରି ଯାନ ସହିତ ବଡ଼ ବଡ଼ ଯନ୍ତ୍ରାଂଶ ଗୁଡିକ ସ୍ଥାନାନ୍ତରିତ କାର୍ଯ୍ୟ ଚାଲିଛି। ଉକ୍ତ ଯାନ ଓ ଯନ୍ତ୍ରାଂଶ ଗୁଡିକ ରାତି ୧୧ ପରେ ନେବା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ଜିଲ୍ଲା ଓ ସ୍ଥାନୀୟ ପ୍ରଶାସନିକଙ୍କ ଅଧିକାରୀଙ୍କଠାରୁ ଏକ ଲିଖିତ ପତ୍ର ମାଧ୍ୟମରେ ଆବେଦନ କରିଥିଲେ। ସେଥିପାଇଁ ବିଭାଗୀୟ ଅଧିକାରୀଙ୍କ ଠାରୁ ମଧ୍ୟ ଅନୁମତି ମିଳିଥିଲା ଯେ ରାତ୍ରୀ ୧୧ ଟା ପରେ ଯାତାୟାତ

କରିପାରିବେ କିନ୍ତୁ ତାହା ରାତି ୧୧ ଟା ପରିବର୍ତ୍ତେ ସକାଳ ଓ ସନ୍ଧ୍ୟା ସମୟରେ ରେ ଯାତାୟାତ କରୁଥିବାରୁ ଗୋପର କୁଶୁପୁର ଠାରୁ ବେଗୁନିଆ ଛକ ପର୍ଯ

ଓମ୍ ଶାନ୍ତି ଯୋଗପୀଠର ତ୍ରୟୋମାସିକ ସଭା

ବଲାଙ୍ଗିର, (ହି.ସ.)- ସ୍ଥାନୀୟ ରାଜେନ୍ଦ୍ର ପାର୍କ ଠାରେ ଓମ୍ ଶାନ୍ତି ଯୋଗପୀଠ ର ତ୍ରୟୋମାସିକ ସଭା ସଭାପତି ନାରାୟଣ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ସଂପାଦକ ଚୁଡେନ୍ଦ୍ର କୁମାର ବେହେରା ପୂର୍ବ ସଭାର ବିଷୟବସ୍ତୁ କୁ ଅନୁମୋଦନ କଲା ପରେ ସଭା କାର୍ଯ୍ୟକୁ ଆଗେଇ ନେଇଥିଲେ । ଏଥିରେ ମୁଖ୍ୟତଃ ସଭ୍ୟମାନେ ନିୟମିତ ଯୋଗ କେନ୍ଦ୍ରରେ ଯୋଗଦାନ, ନୂତନ ସଭ୍ୟ ସଂଗ୍ରହ, ବାର୍ଷିକ ସଭ୍ୟ ଚାନ୍ଦା, ଆଗାମୀ ଦିନ ରେ ଯୋଗ କେନ୍ଦ୍ର ତରଫରୁ ହେବାକୁ ଥିବା ବାର୍ଷିକ ଉତ୍ସବ ପାଳନ, ବାର୍ଷିକ ବଣଭୋଜି, ବାର୍ଷିକ ଅଡିଟ, ଗୁରୁ ପୂର୍ଣ୍ଣିମା, ଜଳସାଇ ଇତ୍ୟାଦି ପାଳନ ଉପରେ ସମସ୍ତ ସଭ୍ୟଙ୍କ ମତାମତ ନେଇଥିଲେ । ଟ୍ରେଜେରର୍ ସତ୍ୟନାରାୟଣ ନାୟକ ତାଙ୍କ ବାର୍ଷିକ ଆୟବ୍ୟୟ ଉପସ୍ଥାପନ କରିଥିଲେ । ଏହି ସଭାରେ ସତ୍ୟାନନ୍ଦ ସାହୁଙ୍କୁ ନୂତନ ସଭ୍ୟ ଭାବରେ ଗ୍ରହଣ କରାଯାଇଥିଲା । ସଭାରେ ସର୍ବଶ୍ରୀ ତ୍ରିଲୋଚନ ଦାଶ, ବିନୟ କୁମାର ମିଶ୍ର, ଦାମୋଦର ଓଡା, ଜଗଦିଶ ପ୍ରସାଦ ଅଗ୍ରୱାଲ, ସୁରଥ ବେହେରା, ପ୍ରମୋଦ ଗୁରୁ, ସୁରେନ୍ଦ୍ର ନେଗୀ, ଶିବ ନାରାୟଣ ମାହାଣା, ମନୋରଂଜନ ମିଶ୍ର, ଚିତ୍ତ ରଂଜନ ପଟେଲ, ଦେବୀ ପ୍ରସାଦ ଅଗ୍ରୱାଲ, ସାଜନ ଅଗ୍ରୱାଲ, ସୁଦାମ ପ୍ରସାଦ ଅଗ୍ରୱାଲ, ଚନ୍ଦ୍ର ପ୍ରସାଦ ଅଗ୍ରୱାଲ ଓ ସତ୍ୟାନନ୍ଦ ସାହୁ ଉପସ୍ଥିତ ରହି ସମସ୍ତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ସହ-ସଂପାଦକ ରୋହିତ କୁମାର ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ ।

କନ୍ଧମାଳ ଜିଲ୍ଲାରେ ଜଳପ୍ରକଳ୍ପ ପାଇଁ ମିଳିତ ନାଗରିକ କମିଟି ପକ୍ଷରୁ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀଙ୍କୁ ଦାବିପତ୍ର

କନ୍ଧମାଳ (ହି.ସ.) : କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଦୁଇ ଦିନିଆ କନ୍ଧମାଳ ଗସ୍ତରେ ଆସିଥିବାରୁ ମିଳିତ ନାଗରିକ କମିଟି ପକ୍ଷରୁ ଜିଲାରେ ଜଳ ସମସ୍ୟା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସମୁଦ୍ର ପତ୍ତନଠାରୁ ପ୍ରାୟ ୧୫୦୦ମିଟର ଉଚ୍ଚତାରେ ଥିବା ୭୪ ପ୍ରତିଶତ ଅନୁସୂଚିତ ଜାତି ଓ ଜନଜାତି ବହୁଳ କନ୍ଧମାଳ ଜିଲାରେ ଗ୍ରୀଷ୍ମ ଋତୁରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରୁଥିବା ମନ୍ତ୍ରୀଙ୍କୁ ଅବଗତ କରାଯାଇଛି । ଫୁଲବାଣୀ ପୌର ପରିଷଦ ଦେଇ ବହି ଯାଉଥିବା ପିଲାସାଲକି ନଦୀର ପିଅନପଡା ଠାରେ ,ଏବଂ ଫୁଲବାଣୀ ସାହିଠାରେ ଦୁଇଟି ବ୍ୟାରେଜ ନିର୍ମାଣ ସହ ବଡସାଲୁଙ୍କି ନଦୀରେ କେରେଡି, ବିଶିପଡା ତୁଡିପାଜୁ ଓ ପର୍ଯ୍ୟଟନ ସ୍ଥଳ ପୁତୁଡି ଠାରେ ପ୍ରାଥମିକ ପର୍ଯ୍ୟାୟରେ ବ୍ୟାରେଜ ନିର୍ମାଣ କରାଗଲେ ଭୂପୃଷ୍ଠସ୍ଥ ଜଳସ୍ତର ବୃଦ୍ଧି ପାଇବ, କୃଷି ପାଇଁ ଜଳସେଚନ ଓ ପାନୀୟ ଜଳ ଯୋଗାଣ ହୋଇପାରିବ ବୋଲି ଲିଖିତ ଭାବେ ଦିଆଯାଇଛି ।ଏହି ଦୁଇଟି ନଦୀରେ ୬ଟି ପ୍ରକଳ୍ପ ପାଇଁ ପ୍ରାୟ ୨୫-୩୦ କୋଟି ଟଙ୍କା ବ୍ୟୟ ହେବ । ଏହା ବ୍ୟତୀତ ଜିଲାର ଆଠ ଦଶଟି ଜଳପ୍ରପାତ ସ୍ଥାନରେ ବା ନିକଟବର୍ତ୍ତୀ ଅଂଚଳରେ ବ୍ୟାରେଜ ପାଇଁ ଜଳସମ୍ପଦ ମନ୍ତ୍ରୀଙ୍କୁ ଅବଗତ କରାଯାଇଛି । ଜିଲାର ଅନ୍ୟ ୧୧ଗୋଟି ବ୍ଲକରେ ଥିବା ଛୋଟ ଛୋଟ ନଦୀରେ ତିନି ଚାରୋଟି ଲେଖାଏଁ ଆଡିବନ୍ଧ ବା ବ୍ୟାରେଜ ନିର୍ମାଣ କଲେ କନ୍ଧମାଳ ଜିଲାରେ ଜଳ ସମସ୍ୟା ଦୁର ହେବା ସହ ନଦୀ ଉପକଣ୍ଠରେ ଥିବା ଜମିକୁ ଜଳସେଚନ କରି ଚାଷୀମାନେ ଲାଭବାନ ହେବା ସହ ପାନୀୟ ଜଳ ସମସ୍ୟା ଦୁର ହୋଇପାରିବ । କନ୍ଧମାଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ନଦୀରେ ବ୍ରିଜ ନଥିବା ହେତୁ ଲୋକମାନେ ଗଛରେ ତାର ବାନ୍ଧି ବିପଦସଂଙ୍କୁଳ ଅବସ୍ଥାରେ ନଦୀ ପାରି ହେଉଥିବାର ଦୟନୀୟ ଚିତ୍ର କେବଳ ଭାରତରେ ନୁହେଁ ସମଗ୍ର ବିଶ୍ୱରେ ବର୍ଷା ଦିନେ ଚର୍ଚ୍ଚାର ବିଷୟ ହେଉଥିବାରୁ ଉକ୍ତ ସ୍ଥାନ ଚିହ୍ନଟ କରି ବ୍ୟାରେଜ ଓ ବ୍ରିଜ ଉଭୟ ଅଗ୍ରାଧିକାର ଭିତ୍ତିରେ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ନାଗରିକ କମିଟିର ଆବାହକ ଅଶୋକ ପରିଡା କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।

ଅତିରିକ୍ତ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର କ୍ଷେତ୍ରପାଳ ସମ୍ମାନରେ ସମ୍ମାନିତ

ରାଉରକେଲା(ପିପିଏସ): ରାଉରକେଲାର ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମର ଆୟୁକ୍ତ ଡଃ ଶୁଭଙ୍କର ମହାପାତ୍ରଙ୍କୁ ରାଉରକେଲାର ଅଗ୍ରଣୀ ସାହିତ୍ୟନୁଷ୍ଠାନ ଶ୍ରୀଧର ସ୍ମୃତିଜ୍ଞାନ ବିକାଶ କେନ୍ଦ୍ର ପକ୍ଷରୁ ଅନୁଷ୍ଠାନ ର ସାଧାରଣ ସମ୍ପାଦକ ଡଃ ସୁବାସଚନ୍ଦ୍ର ଲେଙ୍କାଙ୍କ ଦ୍ୱାରା ମହାନଗର ନିଗମ କାର୍ଯ୍ୟାଳୟରେ ପୁଷ୍ପଗୁଚ୍ଛ , ଉତ୍ତରୀୟ , ମେମୋଣ୍ଟୋ ସହିତ କ୍ଷେତ୍ରପାଳ ସମ୍ମାନର ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ଏହି ନିରାଡମ୍ବର ସମାରୋହ ରେ ଅନ୍ୟମାନଙ୍କ ମଧ୍ୟରେ ମହାନଗର ନିଗମ ର ଉପାୟୁକ୍ତ ସୁଧାଂଶୁ ଶେଖର ଭୋଇ, ନାଟ୍ୟକାର ନିକୁଞ୍ଜ ବିହାରୀ ଦାଶ, କବି କିଶୋରୀ ମୋହନ କର,

ଉମାଶଙ୍କର ତିୱାରି, କେ.କେ.ଠାକୁର , ଶଶଧର ପଣ୍ଡା ଙ୍କ ବ୍ୟତୀତ ଅନୁଷ୍ଠାନର ବହୁ ପଦାଧିକାରୀ ଗଣ ଉପସ୍ଥିତ ରହି ସମ୍ବର୍ଦ୍ଧନା ସମାରୋହ ରେ ସହଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ ଅନୁଷ୍ଠାନର ୪୨ ତମ ବାର୍ଷିକ ସାରସ୍ୱତ ସମାରୋହ ରେ ଡଃ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବବୋଲି ସ୍ଥିର କରାଯାଇଥିଲା । ଅନିର୍ବାର୍ଯ୍ୟ କାରଣବସତଃ ଯୋଗୁଁସେ ଯୋଗଦେଇ ପାରି ନଥିବାରୁ ତାଙ୍କ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଥିଲା ।

ବାହାନଗା ମର୍ମନ୍ତୁଦ ରେଳ ଦୁର୍ଘଟଣା ପ୍ରସଙ୍ଗ

ବିରୋଧୀ ରାଜନୈତିକ ଦଳ ତରଫରୁ ରାଉରକେଲା ରେଳଷ୍ଟେସନ ଆଗରେ ଗଣଧାରଣା ପାଇଁ ପ୍ରସ୍ତୁତି

ରାଉରକେଲା(ପିପିଏସ):ସୁପ୍ରିମକୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସତନ୍ତ୍ର ଅନୁସନ୍ଧାନକାରୀ ଦଳ(ଏସଆଇଟି) ଦ୍ୱାରା ବାହାନଗା ରେଳ ଦୁର୍ଘଟଣାର ତଦନ୍ତ, କେନ୍ଦ୍ର ସରକାରଙ୍କ ହାତ ବାରିସୀ ସାଜି ଲୋକଙ୍କର ବିଶ୍ୱାସ ହରାଇଥିବା ସିବିଆଇ ତଦନ୍ତକୁ ପ୍ରତ୍ୟାହାର କରିବା, ରେଳ ଦୁର୍ଘଟଣାର ନିରପେକ୍ଷ ତଦନ୍ତ ପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନୈତିକତା ଦୃଷ୍ଟିରୁ ତୁରନ୍ତ ଇସ୍ତଫା,ମୃତକମାନଙ୍କର ନାମ ତାଲିକା ଫଟୋ ସହିତ ସାର୍ବଜନୀନ ଭାବେ ସବୁ ଭାଷାର ଦୈନିକ ଖବର କାଗଜରେ ପ୍ରକାଶ କରିବା ଏବଂ ମୃତକଙ୍କୁ ଚିହ୍ନଟ ପ୍ରକ୍ରିୟା ସରଳୀକରଣ, ପ୍ରତ୍ୟେକ ମୃତକ ପରିବାରକୁ ତତ୍‌କ୍ଷଣାତ ୫୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ,ସମସ୍ତ ଆହତମାନଙ୍କୁ ଉନ୍ନତ ଏବଂ ଅତ୍ୟାଧୁନିକ ମାଗଣା ଚିକିତ୍ସା ପ୍ରଦାନ କରିବା ସହିତ କାର୍ଯ୍ୟକ୍ଷମ ହେବା ପର୍ଯ୍ୟନ୍ତ ବଞ୍ଚିବା ପାଇଁ ଆର୍ଥିକ ସହାୟତା ପ୍ରଦାନ,ପ୍ରତ୍ୟେକ ମୃତକ ପରିବାର ଏବଂ ଗୁରୁତର ଆହତ ହୋଇ ସମ୍ପୂର୍ଣ୍ଣ ଭିନ୍ନକ୍ଷମ ହୋଇଥିବା ପ୍ରତ୍ୟେକ ପରିବାରର ଜଣେ ସଦସ୍ୟଙ୍କୁ ନିଯୁକ୍ତି, ରେଳ ବିଭାଗରେ ଖାଲି ପଡ଼ିଥିବା ୩ ଲକ୍ଷ ୧୨ ହଜାର ପଦବୀ ଅବିଳମ୍ବେ ପୂରଣ କରିବା, ରେଳ ବ୍ୟବସ୍ଥା ର ସାମଗ୍ରିକ ଭିତ୍ତିଭୂମି ର ବିକାଶ, ରେଳ ଧାରଣା ର ରକ୍ଷଣା-ବେକ୍ଷଣ, ଆସନ୍ନ ଦୁର୍ଘଟଣା ରୋକିବା ପାଇଁ ଅତ୍ୟାଧୁନିକ

କାରିଗରୀ କୌଶଳ 'କବଚ' ବ୍ୟବହାର କରିବା ଘରୋଇକରଣ ପ୍ରକ୍ରିୟା ବନ୍ଦ,ରେଳ ଯାତ୍ରା ରେ ସବୁ ଯାତ୍ରୀଙ୍କ ନିରାପତ୍ତା, ପାନୀୟ ଜଳ, ଉନ୍ନତ ପାଇଖାନା,ସଫେଇ ବ୍ୟବସ୍ଥା, ଖାଦ୍ୟ ସାମଗ୍ରୀ ର ଗୁଣ ବୃଦ୍ଧି,ସାସ୍ଥ୍ୟ ବ୍ୟବସ୍ଥା,ଲୋକ ରନିଙ୍ଗ ଷ୍ଟାଫ, ଗାର୍ଡ ଏବଂ ଅନ୍ୟାନ୍ୟ ଷ୍ଟାଫଙ୍କ କାର୍ଯ୍ୟ ସମୟ କମାଇବା ଇତ୍ୟାଦି ଉପରେ ବିଶେଷ ଧ୍ୟାନ ଦେଇ ବଜେଟରେ ଅର୍ଥ ବିନିଯୋଗ କରିବା,ସାଧାରଣ ଯାତ୍ରୀଙ୍କ ଯାତାୟତ ପାଇଁ ଅଧିକ ରୁ ଅଧିକ ସ୍ଲିପର କୋଚ,ସାଧାରଣ କୋଚ ପ୍ରଚଳନ କରିବା ସହିତ ସୁଲଭ ମୂଲ୍ୟ ରେ ରେଳ ଯାତ୍ରା କରିବା ସୁବିଧା ଇତ୍ୟାଦି ଯୋଗାଇବା ପାଇଁ ବ୍ୟବସ୍ଥା କରିବା ଏବଂ ୨୦୧୪ ମସିହାରେ କେନ୍ଦ୍ର ରେ ଏନ ଡ଼ିଏ ସରକାର କ୍ଷମତା କୁ ଆସିଲା ପରେ ରେଳବାଇର ଘରୋଇ କରଣ କରିବା ପାଇଁ ବିବେକ ଦେବରାୟ କମିଟିର ସୁପାରିଶ ରେଳ ଭିତ୍ତିଭୂମିକୁ ବିପର୍ଯ୍ୟୟରେ ପରିଣତ କରିଛି କ୍ଷ ରେଳବାଇର ଘରୋଇ କରଣ ରୋକିବା ପାଇଁ ତୁରନ୍ତ ଦେବରାୟ କମିଟି ସୁପାରିଶକୁ ପ୍ରତ୍ୟାହାର କରିବା ପାଇଁ ଦାବିରେ ଆଗାମୀ ୧୨ ଜୁନ୍ ଭୁବନେଶ୍ୱର, ବ୍ରହ୍ମପୁର, ବାଲେଶ୍ୱର ଓ ରାଉରକେଲା ରେଳଷ୍ଟେସନ ଆଗରେ ବିକ୍ଷୋଭ, ଗଣଧାରଣା କାର୍ଯ୍ୟକ୍ରମ ସଂଗଠିତ କରିବା ପାଇଁ ଆହ୍ୱାନ କରାଯାଇଥିଲା ବେଳେ ରାଉରକେଲା ରେଳଷ୍ଟେସନ ଆଗରେ ଗଣଧାରଣା କାର୍ଯ୍ୟକ୍ରମ ସଂଗଠିତ କରିବା ପାଇଁ ରାଉରକେଲା ଠାରେ ମିଳିତ ବିରୋଧୀ ରାଜନୈତିକ ଦଳ ଜାତୀୟ କଂଗ୍ରେସ,ସିପିଆଇଏମ୍, ସିପିଆଇ,ସିପିଆଇ -ଏମ୍ ଏଲ୍(ଲିବେରେସନ) ଓ ଆମ୍ ଆଦମୀ ପାର୍ଟିର ଏକ ବୈଠକ ସିପିଆଇଏମ୍ ଜିଲ୍ଲା କାର୍ଯ୍ୟାଳୟ ଏକେଜି ଭବନ ଶକ୍ତିନଗର ଠାରେ ସିପିଆଇ ଏମ୍ ଜିଲ୍ଲା ସଂପାଦକ ମଣ୍ଡଳୀ ସଦସ୍ୟ ଜାହାଙ୍ଗୀର ଅଲ୍ଲୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜାତୀୟ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ବୀରେନ ସେନାପତି, ଆଇନଜୀବୀ ଗଣେଶ ପ୍ରଧାନ,ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ,ଇସ୍ତେହର ମହମ୍ମଦ,ସି ପି ଆଇ ଜିଲ୍ଲା ସଂପାଦକ ପ୍ରଦୋଷ ମହାନ୍ତି, ସୁଶାନ୍ତ କୁମାର ଲେଙ୍କା, ସଂଜୟ ମହେସୁରୀ,ସି ପି ଆଇ ଏମ୍ ଜିଲ୍ଲା ସଂପାଦକ ମଣ୍ଡଳୀ ସଦସ୍ୟ ବିମାନ ମାଇତି, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ରାଜ କିଶୋର ପ୍ରଧାନ, ସୁରେନ୍ଦ୍ର ମହାନ୍ତି, ଦିବାକର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ । ଆଗାମୀ ଜୁନ ୧୨ ସକାଳ ୮ ଟା ରୁ ଅପରାହ୍ନ ୧୨ ଟା ପର୍ଯ୍ୟନ୍ତ ରାଉରକେଲା ରେଳଷ୍ଟେସନ ଆଗରେ ଗଣଧାରଣା କାର୍ଯ୍ୟକ୍ରମ ସଂଗଠିତ କରାଯିବା ସହ ଏଆରଏମ୍ ଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି ।ଏକ ୧୫ ଜଣିଆ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ ଦଫା ସମ୍ବଳିତ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ଜୁନ ୧୨ ତାରିଖ ରେ ଏହି ଦାବୀ ନେଇ ଭୁବନେଶ୍ୱର ପୂର୍ବତଟ ରେଳପଥ ହେଡ଼ କ୍ୱାର୍ଟର, ବାଲେଶ୍ୱର ବ୍ରହ୍ମପୁର, ଏବଂ ରାଉରକେଲା ଥରେ ଅନୁରୂପ ଭାବେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଘୋଷଣା କରାଯାଇଛି ।

ପରିବାର ଲୋକଙ୍କୁ ବାନ୍ଧି ଲୁଟିନେଲେ ଲକ୍ଷାଧିକ ଟଙ୍କା ଓ ସମ୍ପତ୍ତି

ନୂଆପଡ଼ା, (ହି.ସ.): ଖଡ଼ିଆଳ ବ୍ଲକ ଖୁଦପେଜ ଗ୍ରାମରେ ସୁନ୍ଦର ସୁନ୍ଦରଶ୍ୟାମ ଶତପଥୀଙ୍କ ଘରେ ରାତିରେ ସଶସ୍ତ୍ର ଡକାୟତି । ଘରର ଜଣେ ଶିଶୁ ମୁଣ୍ଡରେ ବନ୍ଧୁକ ରଖି ପରିବାର ଲୋକଙ୍କୁ ବାନ୍ଧି ଦେଇ ଘରରୁ ଲକ୍ଷାଧିକ ଟଙ୍କା ଓ ସୁନା ରୁପା ନେଇ ଯାଇଛନ୍ତି । ଡକାୟତ ମାନେ ୩ଜଣଙ୍କୁ ଆଘାତ କରିଛନ୍ତି । ସୁନ୍ଦର ଶ୍ୟାମଙ୍କୁ ମୁଣ୍ଡ ପଛ ପଟେ ବନ୍ଧୁକରେ ଆଘାତ କରିଥିବା ବେଳେ ତାଙ୍କୁ ପ୍ରଥମେ ଖଡ଼ିଆଳ ହସ୍ପିଟାଲ ଓ ପରେ ନୂଆପଡା ହସ୍ପିଟାଲରେ ଭର୍ତି କରାଯାଇଥିଲା । ବର୍ତମାନ ତାଙ୍କୁ ବୁର୍ଲା ସ୍ଥାନାନ୍ତରିତ କରାଯାଇଥିବା ପରିବାର ଲୋକେ କହିଛନ୍ତି । ସୁନ୍ଦରଙ୍କ ବାପା ଭରତଙ୍କ ମୁଣ୍ଡରେ ଆଘାତ କରିଛନ୍ତି ଓ ମାଆ ଜମୁଙ୍କ ଗୋଡ଼ରେ ବାଡେଇଛନ୍ତି । ସଶସ୍ତ୍ର ଡ଼କାୟତ ମାନଙ୍କ ମଧ୍ୟରୁ କିଛି ଚିହ୍ନା ମୁହଁ ଥିବା ବେଳେ ଅନେକ ମୁଖା ପିନ୍ଧିଥିବା ପରିବାର ଲୋକେ କହିଛନ୍ତି । ଘଟଣା ପରେ ଖଡ଼ିଆଳ ପୋଲିସକୁ ଯୋଗାଯୋଗ କରିବାରୁ ପୋଲିସ ତୁରନ୍ତ ଘଟଣା ସ୍ଥଳରେ ପହଂଚି ତଦନ୍ତ ଚଳାଇଥିବା ସୂଚନା ମିଳିଛି । ନୂଆପଡା ଏସ ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଆସି ତଦନ୍ତ କରିଛନ୍ତି । ପରିବାର ଲୋକ ଓ ଘଟଣା ବିଷୟରେ ଜାଣିଥିବା ଲୋକଙ୍କୁ ସେ ଘଟଣା ବିଷୟରେ ପଚାରିବା ସହ ତଦନ୍ତ ପରେ ସବୁକଥା ଜଣାପଡିବ ବୋଲି କହିଛନ୍ତି । ଖଡ଼ିଆଳ ଏସଡିପିଓ ଅରୁପ ଅଭିଷେକ ବେହେରା ଓ ଆଇଆଇସି ଅନିରୁଦ୍ଧ ମୁଦୁଲି ମଧ୍ୟ ଘଟଣାର ତଦନ୍ତ କରୁଛନ୍ତି । ଡଗ ସ୍କୁଓ୍ୱାର୍ଡ ମଧ୍ୟ ତଦନ୍ତ ଚଳାଇଛି । ଖବର ଲେଖି ହେବା ପର୍ଯ୍ୟନ୍ତ ଡ଼କାୟତି ସାମଗ୍ରୀ କିମ୍ବା ଡକାୟତ ମାନଙ୍କୁ ଗିରଫ କରାଯାଇପାରିନଥିବା ସୂଚନା ମିଳିଛି ।

ଭାରସାମ୍ୟ ହରାଇ ଓଲଟିଲା ପେଟ୍ରୋଲ ବୋଝେଇ ଗାଡି

ବାଲିଗୁଡ଼ା(ପିପିଏସ୍): ବାଲିଗୁଡାରୁ ତୁମୁଡିବନ୍ଧ ଏନ. ଏଚ ୫୯ ଜାତୀୟ ରାଜପଥର ଗଦ୍ରିଙ୍ଗିଆ ଘାଟିରେ ଘଟିଛି ଦୁର୍ଘଟଣା । ତେବେ ମୃତ୍ୟୁ ମୁଖରୁ ଅଳ୍ପକେ ବଞ୍ଚିଲେ ଗାଡି ଡ୍ରାଇଭର । ପ୍ରକାଶ ଯେ, ପାରାଦ୍ୱୀପରୁ ରାଇଘର ଏକ ପେଟ୍ରୋଲ ବୋଝେଇ ଗାଡି ଯାଉଥିବା ବେଳେ ଗଦ୍ରିଙ୍ଗିଆ ନିକଟରେ ଗାଡି ଆଗରେ ଏକ ବାଇକ୍ ଚାଲି ଆସିଥିଲା । ବାଇକ୍‌ରେ ବସିଥିବା ପରିବାରକୁ ବଞ୍ଚେଇବାକୁ ଯାଇ ଗାଡି ଡ୍ରାଇଭର ଉପସ୍ଥିତ ବୁଦ୍ଧି ପ୍ରୟୋଗ କରିଥିଲେ । କିନ୍ତୁ ଏକ ଗାଈକୁ ଧକ୍କା ଦେବାରୁ ଘଟଣାସ୍ଥଳରେ ଗାଈର ମୃତ୍ୟୁ ହୋଇଛି । ଦୁର୍ଘଟଣା ପରେ ଗାଡିଟି ଜାତୀୟ ରାଜପଥ ଉପରେ ଓଲଟିବା ପରେ ଗାଡିରେ ଥିବା ପେଟ୍ରୋଲ ଲିକ୍ ହୋଇଥିଲା । ଦୁର୍ଘଟଣାସ୍ଥଳରେ ଲୋକମାନେ ଜାର୍ ଓ ବାଲଟି ଧରି ପେଟ୍ରୋଲ ବୋହି ନେବାର ଚିତ୍ର ସାମ୍ନାକୁ ଆସିଛି । ବାଲିଗୁଡା ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି ।

ଗ୍ରୀଷ୍ମକାଳୀନ ନାଟକ ମହୋତ୍ସବ

ରାଉରକେଲା(ପିପିଏସ୍): ନ୍ୟାସନାଲ୍ ସ୍କୁଲ୍ ଅଫ୍ ଡ୍ରାମା (ଏନଏସଡ଼ି), ନୂଆଦିଲ୍ଲୀ ଦ୍ୱାରା ସେଲ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସହଯୋଗରେ ଗ୍ରୀଷ୍ମକାଳୀନ ନାଟକ ମହୋତ୍ସବର ଆୟୋଜନ କରୁଛି । ଏହି ମହୋତ୍ସବ ଜୁନ୍ ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ରାଉରକେଲାର ସିଭିକ୍ ସେଣ୍ଟର ଠାରେ ଅନୁଷ୍ଠିତ ହେବ । ଥିଏଟର କ୍ଷେତ୍ରରୁ ସର୍ବଶ୍ରେଷ୍ଠ ପ୍ରତିଭାମାନଙ୍କୁ ଏକାଠି କରି ଗ୍ରୀଷ୍ମକାଳୀନ ନାଟକ ମହୋତ୍ସବର ଆୟୋଜନ ସୃଜନଶୀଳତା, କଳ୍ପନା ଏବଂ କାହାଣୀର ଏକ ଚିତ୍ତାକର୍ଷକ ପ୍ରଦର୍ଶନ ହେବାକୁଯାଉଛି । ଏନଏସଡ଼ି ରେପର୍ଟୋରୀ କମ୍ପାନୀ ଏବଂ ଆରଏସପିର ଏହି ଯୁଗ୍ମ ପ୍ରୟାସ ଥିଏଟର କଳାକୁ ପ୍ରୋତ୍ସାହିତ କରିବା ସହିତ ସାଂସ୍କୃତିକ ବିନିମୟକୁ ଅନୁପ୍ରେରିତ କରିବ । ଉକ୍ତ ଉତ୍ସବର ଉଦଘାଟନୀ ସନ୍ଧ୍ୟା ଜୁନ୍ ୭ ତାରିଖରେ ଅନୁଷ୍ଠିତ ହେବ । ଏଥିରେ ଭେଟେରାନ୍ ଥିଏଟର ତଥା ସିନେ କଳାକାର ହିମାନୀ ଶିବପୁରୀ ସ୍ୱତନ୍ତ୍ର ଅତିଥି ରୂପେ ଉପସ୍ଥିତ ରହିବେ । ଚମତ୍କାର ସିନେ କ୍ୟାରିଅର୍ ସହିତ ଅଭିନୟ ଜଗତ ପାଇଁ ଅମୂଲ୍ୟ ଅବଦାନ ଦେଇଥିବା ନ୍ୟାସନାଲ୍ ସ୍କୁଲ୍ ଅଫ୍ ଡ୍ରାମାର ପୁରାତନ ବିଦ୍ୟାର୍ଥୀ, ଶ୍ରୀମତୀ ଶିବପୁରୀଙ୍କ ଉପସ୍ଥିତି ଏହି ଉତ୍ସବର ଉତ୍ସାହକୁ ବହୁଗୁଣିତ କରୁଛି । ଉଲ୍ଲେଖଯୋଗ୍ୟ ଯେ, 'ହମ୍ ଆପକେ ହେ କୌନ', 'ଦିଲୱାଲେ ଦୁଲହନିଆ ଲେ ଜାୟେଙ୍ଗେ','କୁଛ କୁଛ ହୋତା ହୈ', 'କଭି ଖୁସି କଭି ଗମ ' ଭଳି ସୁପର ହିଟ୍ ଚଳଚ୍ଚିତ୍ରରେ ତଥା ଅନ୍ୟାନ୍ୟ ଲୋକପ୍ରିୟ ସିନେମା ଏବଂ ଟେଲିଭିଜନ୍ ସିରିଏଲ୍ ଚରିତ୍ର ଭୂମିକାରେ ନିଖୁଣ ଅଭିନୟ ପାଇଁ ଏହି ଲୋକପ୍ରିୟ ସେଲିବ୍ରିଟି ଅଭିନେତ୍ରୀ ବେଶ୍ ଜଣାଶୁଣା । ତାଙ୍କ ଉପସ୍ଥିତି ଉତ୍ସବରେ ଗ୍ଲାମରର ସ୍ପର୍ଶ ଦେବା ସହ ଆକର୍ଷକ ଗଢିବ । ଏହି ନାଟକ ଦେଖିବାରେ କୌଣସି ପ୍ରକାରର ବ୍ୟାଘାତ ସୃଷ୍ଟି ନହେବା ତଥା ଏକ ପୂର୍ଣ୍ଣ ନାଟକୀୟ ଅନୁଭୂତି ସୁନିଶ୍ଚିତ କରିବାକୁ, ଦର୍ଶକଙ୍କୁ ଅଡିଟୋରିୟମରେ ପ୍ରବେଶ କରିବା ପରେ ମୋବାଇଲ୍ ଫୋନ୍ କୁ ନୀରବ ମୋଡ (ସାଇଲେଣ୍ଟ ମୋଡ)କୁ ବଦଳାଇବା ପାଇଁ ଅନୁରୋଧ କରାଯାଇଛି । ଆୟୋଜକମାନେ ଏକ ଶାନ୍ତ ଏବଂ ବାଧାମୁକ୍ତ ପରିବେଶ ସୃଷ୍ଟି କରିବାକୁ ପ୍ରାଥମିକତା ଦେଉଛନ୍ତି ଯେଉଁଠାରେ ସମସ୍ତେ ନିମଜ୍ଜିତ ରୂପେ ନାଟକର ପ୍ରକୃତ ଆନନ୍ଦ ନେଇପାରିବେ । ଏହା ଧ୍ୟାନ ଦେବା ଜରୁରୀ ଯେ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଅଡିଟୋରିୟମକୁ ପ୍ରବେଶ ଅନୁମତି ଦି

ମଦ ପିଇବାକୁ କେନ୍ଦ୍ରକରି ଯୁବକକୁ ହାଣିଲେ

ଭୁବନେଶ୍ୱର (ପିପିଏସ୍): ବାର୍‌ରେ ମଦ ପିଇବାକୁ କେନ୍ଦ୍ରକରି ଜଣେ ଯୁବକକୁ ହାଣିଛନ୍ତି ଦୁର୍ବୃତ୍ତ । ଏଥିରେ ମାନସ ଜେନା ଗୁରୁତର ଆହତ ହୋଇଛନ୍ତି । କ୍ୟାପିଟାଲ ଥାନା ଅଞ୍ଚଳର ଏକ ବାର୍‌ରେ ଏଭଳି ଘଟଣା ଘଟିଛି । ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି । ଏଥିରେ ସମ୍ପୃକ୍ତି ରହିଥିବା ସମସ୍ତ ଯୁବକ ଫେରାର୍ ରହିଛନ୍ତି । ପୁଲିସର କହିବା ଅନୁଯାୟୀ, ମାନସ ଉକ୍ତ ବାର୍‌କୁ ଆସିଥିଲେ । ସେଠାରେ ପୂର୍ବରୁ ମଦ ପିଉଥିବା ଯୁବକଙ୍କ ସହ ମାନସଙ୍କ ବଚସା ହୋଇଥିଲା । ମଦ ପିଇବାକୁ ନେଇ ବିବାଦ ହେବା ପରେ ଯୁବକମାନେ ମିଶି ମାନସଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ । ଏଥିରେ ସେ ଗୁରୁତର ହେବା ପରେ ଚିକିତ୍ସା ଲାଗି କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦିଆଯାଇଛି । ମାତ୍ର ସେଠାରେ ଅବସ୍ଥା ଆହୁରି ବିଗିଡ଼ି ଯିବାରୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତରିତ କରାଯାଇଛି ।

ବିଏମ୍‌ସି କର୍ମଚାରୀଙ୍କୁ ଧମକ, ଯୁବକ ଗିରଫ

ଭୁବନେଶ୍ୱର (ପିପିଏସ୍) : ବିଏମ୍‌ସି କର୍ମଚାରୀଙ୍କୁ ଧମକ ଦେବା ଅଭିଯୋଗରେ ଲିଙ୍ଗରାଜ ଥାନା ପୁଲିସ ବଡ଼ଦାଣ୍ଡ ସାହିର ସୁଶୀଲ ପ୍ରହରାଜ(୨୮)ଙ୍କୁ ଗିରଫ କରିଛି । ପୁଲିସ ସୂଚନାନୁଯାୟୀ ବିଏମ୍‌ସିର ଉଚ୍ଛେଦ ଦଳରେ କାର୍ଯ୍ୟ କରୁଥିବା ପ୍ରମୋଦ କୁମାର ଜେନା ରଥରୋଡ୍‌ରେ ଏକ ଉଚ୍ଛେଦ କାର୍ଯ୍ୟକ୍ରମରେ ଟିମ୍ ସହ ଆସିଥିଲେ । ସୁଶୀଲଙ୍କ ଦୋକାନଟି ରାସ୍ତାକୁ ସଙ୍କୁଚିତ କରୁଥିବାରୁ ପ୍ରମୋଦ ପଚାରିଥିଲେ । ଏଥିରେ ସୁଶୀଲ ଉତ୍ୟକ୍ତ ହୋଇ ପ୍ରମୋଦଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ । ଏନେଇ ପ୍ରମୋଦ ଥାନାରେ ଅଭିଯୋଗ କରିଥିଲେ ।

ମାସେ ପୂରିନି, ଉଜୁଡ଼ିଗଲା ସଂସାର

ଭୁବନେଶ୍ୱର (ପିପିଏସ୍): ବିବାହକୁ ଗୋଟିଏ ମାସ ନପୂରୁଣୁ ଉଜୁଡ଼ିଗଲା ସଂସାର । । ବାହାନଗା ଟ୍ରେନ୍ ଦୁର୍ଘଟଣା ସବୁକିଛି ସାରିଦେଲା । ବାହାନଗା ଟ୍ରେନ୍ ଦୁର୍ଘଟଣାଗ୍ରସ୍ତ ଚିକିତ୍ସିତ ହେଉଥିବା ବିଭିନ୍ନ ଡାକ୍ତରଖାନା ହେଉ ବା ମୃତକଙ୍କ ଶବ ରଖାଯାଇଥିବା ସ୍ଥାନରେ ପୁଅ ଅଖିଳେଶଙ୍କୁ ଖୋଜି ପାଇନଥିବାବେଳେ ତାଙ୍କ ସାଥୀରେ ସାଙ୍ଗ ହୋଇଯାଉଥିବା ଜଣେ ସାଙ୍ଗଙ୍କ ମୃତଦେହ ମିଳିଥିବାରୁ ଏଭଳି ଧାରଣା ଦୃଢ଼ ହୋଇଛି । ତେବେ ଅଖିଳେଶଙ୍କୁ ହରାଇ ନବବିବାହିତା ପତ୍ନୀଙ୍କ ସମେତ ପୂରା ପରିବାର ଭାଙ୍ଗି ପଡ଼ିଥିବାବେଳେ ମୃତଦେହ ନମିଳିବା ତାଙ୍କ କଷ୍ଟକୁ ଆହୁରି ବଢ଼ାଇ ଦେଇଛି । ବିହାର ଦରଭଙ୍ଗା ଲାଲସାପୁରର ଅଖିଳେଶ ଯାଦବ । ସେ ଚେନ୍ନାଇରେ ଶ୍ରମିକ ଭାବେ କାମ କରୁଥିଲେ । ଗତ ମାସରେ ସେ ବିବାହ କରିବା ପାଇଁ ଘରକୁ ଆସିଥିଲେ । ମେ ୭ ତାରିଖ ଦିନ ବିବାହ ହୋଇଥିଲା । ସବୁ କାମ ସରିବା ପରେ ଅଖିଳେଶ ଓ ତାଙ୍କ ସାଙ୍ଗ ବାବୁ ସାହେବ କରମଣ୍ଡଳ ଏକ୍ସପ୍ରେସରେ କର୍ମକ୍ଷେତ୍ର ଚେନ୍ନାଇକୁ ଫେରୁଥିଲେ । ଟ୍ରେନ୍‌ରେ ବସିବା ପରେ ଦାଦା ପୁଅ ଭାଇ ମିଥିଲେଶ ଯାଦବଙ୍କୁ ଫୋନ୍ କରି ଜଣାଇଥିଲେ । ହେଲେ ବାହାନଗାରେ ଦୁର୍ଘଟଣା ହେବା ପରେ ଉଭୟ ଅଖିଳେଶ ଓ ବାବୁଙ୍କ ଫୋନ୍ ସୁଇଚ୍‌ଡ ଅଫ୍ ହୋଇଯାଇଥିଲା । କରମଣ୍ଡଳ ଏକ୍ସପ୍ରେସ୍ ଦୁର୍ଘଟଣାଗ୍ରସ୍ତ ହେବା ସହ ଏମାନଙ୍କ ସହ ଯୋଗାଯୋଗ ହୋଇନପାରିବାରୁ ବାଧହୋଇ ଚେନ୍ନାଇରେ ଥିବା ଦାଦାପୁଅ ଭାଇ ମିଥିଲେଶ ଭୁବନେଶ୍ୱର ବାହାରିଥିଲେ । ଟ୍ରେନ୍ ଚାଲୁ ନଥିବାରୁ ଅଟୋ, ବସ୍ ଯୋଗେ ସେ ଆସି ଭୁବନେଶ୍ୱର ଏମ୍‌ସରେ ପହଞ୍ଚିଥିଲେ । ହେଲେ ଏମ୍‌ସରେ ତାଙ୍କ ଭାଇ ଅଖିଳେଶଙ୍କ ମୃତଦେହ ପାଇନଥିଲେ । ସେଠାରୁ ସୂଚନା ନେଇ ଭୁବନେଶ୍ୱରର ବିଭିନ୍ନ ଡାକ୍ତରଖାନା, କଟକ ଏମିତିକି ଭଦ୍ରକ ଓ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ମଧ୍ୟ ଯାଇଥିଲେ । ୫ ଦିନ ଧରି ବିଭିନ୍ନ ଡାକ୍ତରଖାନା ବୁଲିଥିଲେ ବି କେଉଁଠାରେ ଭାଇକୁ ନପାଇବାରୁ ପୁଣି ଥରେ ଏମ୍‌ସକୁ ଫେରିଥିଲେ । ସେଠାରେ ଅଖିଳେଶଙ୍କ ସାଙ୍ଗରେ ଯାଉଥିବା ବାବୁ ସାହେବଙ୍କ ମୃତଦେହ ପାଇଥିଲେ । ହେଲେ ଅଖିଳେଶଙ୍କ ମୃତଦେହ ମିଳିନଥିବାରୁ ଏମ୍‌ସରେ ଡିଏନ୍‌ଏ ପରୀକ୍ଷା ପାଇଁ କୁହାଯାଇଥିଲା । ମିଥିଲେଶ ତାଙ୍କ ବଡ଼ବାପା ତଥା ଅଖିଳେଶଙ୍କ ବାପା ନରେଶ ଯାଦବଙ୍କୁ ଡକାଇଥିଲେ । ନରେଶଙ୍କ ପାଖରେ ଭୁବନେଶ୍ୱର ଆସିବାକୁ ମଧ୍ୟ ଟଙ୍କାଟିଏ ନଥିଲା । ଗାଁ ଲୋକେ ଟଙ୍କା ଆଦାୟ କରି ଗାଡ଼ି ଭଡ଼ା କରିବା ପରେ ନରେଶ ଭୁବନେଶ୍ୱର ଆସିଥିଲେ । ଡିଏନ୍‌ଏ ପରୀକ୍ଷା ପାଇଁ ଏମ୍‌ସ ପକ୍ଷରୁ ଆଜି ନରେଶଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଛି । ଅଖିଳେଶଙ୍କୁ ନପାଇ ବାପା ନରେଶ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି । ଅପରପକ୍ଷରେ ସାମୀଙ୍କ ଚିନ୍ତାରେ ନବବିବାହିତା ପତ୍ନୀଙ୍କ ଚେତା ରହୁନି ।

ଟ୍ରକ୍ ଚାଳକଙ୍କୁ ଲୁଟି ୨ ଗିରଫ

ଭୁବନେଶ୍ୱର (ପିପିଏସ୍): ଟ୍ରକ ଡ୍ରାଇଭରମାନଙ୍କ ଠାରୁ ମୋବାଇଲ ଲୁଟ୍ କରିବା ଅଭିଯୋଗରେ ନୂଆପଲ୍ଲୀ ଥାନା ପୁଲିସ ଆଜି ୨ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ନିମାପଡ଼ା ଅଞ୍ଚଳର ସନ୍ ତୋଷ ପ୍ରଧାନ(୨୬) ଓ ନୂଆପଲ୍ଲୀ ମୁଣ୍ଡାସାହିର ରାକେଶ ମୁଖୀ(୨୦) । ସୂଚନାନୁସାରେ ଗତକାଲି ରାତିରେ ଈଶ୍ୱର ସିଂ ରାଜପୁତ ତାଙ୍କ ଟ୍ରକକୁ ଫାୟାରଷ୍ଟେସନ୍ ନିକଟ ସର୍ଭିସ ରୋଡରେ ପାର୍କିଂ କରିଥିଲେ । ରାତି ପ୍ରାୟ ୧୧ଟା ୩୦ରେ ଅଭିଯୁକ୍ତ ସନ୍ତୋଷ ଏବଂ ରାକେଶ ତାଙ୍କର ଅନ୍ୟ ୨ ଜଣ ସହଯୋଗୀଙ୍କ ସହିତ ଆସି ଈଶ୍ୱରଙ୍କୁ ଆକ୍ରମଣ କରି ତାଙ୍କର ପକେଟରୁ ଗୋଟିଏ ମୋବାଇଲ ଫୋନ୍ ? ଲୁଟି ଚାଲି ଯାଇଥିଲେ । ଏନେଇ ଈଶ୍ୱର ନୂଆପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ମାମଲାର ତଦନ୍ତ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ଚୋରି ମୋବାଇଲ ଜବତ କରିଥିଲା ।

୨୦ ଜଣଙ୍କ ସମ୍ପର୍କରେ ସଠିକ୍ ତଥ୍ୟ ଦେଲାଣି 'ବିଏମସି ହେଲ୍‌ପ ଡେସ୍କ'

ଭୁବନେଶ୍ୱର (ପିପିଏସ୍): ବାଲେଶ୍ୱରସ୍ଥିତ ବାହାନଗା ଟ୍ରେନ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତି, ଗୁରୁତର ବ୍ୟକ୍ତି, ଶବ ଚିହ୍ନଟ ଆଦି ପ୍ରକ୍ରିୟା ନିମନ୍ତେ ବେଶ୍ ସହାୟକ ହେଉଛି ବିଏମ୍‌ସି କାର୍ଯ୍ୟାଳୟରେ ଖୋଲାଯାଇଥିବା 'ହେଲ୍‌ପ ଡେସ୍କ କମ୍ ଇନ୍‌ଫରମେସନ୍ ସେଣ୍ଟର' । ୩ଦିନ ମଧ୍ୟରେ ଏହି ହେଲ୍‌ପ୍ ଡେସ୍କ ମାଧ୍ୟମରେ ମୋଟ୍ ୪୪ଜଣ ଏଠାକୁ ଆସିଥିବାବେଳେ ବିଭିନ୍ନ ରାଜ୍ୟର ପ୍ରାୟ ୨୦ଜଣଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି । ସେମାନଙ୍କ ମଧ୍ୟରେ ଅନେକ ମୃତ ରହିଥିବାବେଳେ କେତେକ କଟକ ଏସ୍‌ସିବିରେ ଚିକିତ୍ସିତ ହେଉଛନ୍ତି । ବୁଧବାର ୩ଜଣ ଏଠାକୁ ଆସିଥିବାବେଳେ ୨ଜଣଙ୍କ ସୂଚନା ପାଇବାରେ ସଫଳ ହୋଇଛନ୍ତି ସମ୍ପର୍କୀୟ । ଏହି ହେଲପ୍ ଡେସ୍କରେ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସମସ୍ତଙ୍କର ତାଲିକା ଏବଂ ସେମାନଙ୍କ ପାଖରେ ପହଞ୍ଚିବାକୁ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଯୋଗାଯୋଗ ନମ୍ବର ରହିଛି । ଯାହାଦ୍ୱାରା ସମ୍ପର୍କୀୟମାନେ ସହଜରେ ପହଞ୍ଚି ନିଜ ଲୋକଙ୍କୁ ଭେଟିବା ସହ ତାଙ୍କ ସ୍ୱାସ୍ଥ୍ୟ ବିଷୟରେ ସୂଚନା ପାଇପାରିବେ । ସେହିପରି ଶବ ଚିହ୍ନଟ ପାଇଁ ମଧ୍ୟ ଏଠାରେ ମୃତ ବ୍ୟକ୍ତିଙ୍କ ଫଟୋ ରହିଛି । ଯାହାକୁ ଏକ ଏଲ୍‌ଇଡି ସ୍କ୍ରିନ୍‌ରେ ଡିସ୍‌ପ୍ଲେ କରାଯାଉଛି । ଫଳରେ ଶବକୁ ଚିହ୍ନଟ କରିବାକୁ ସହଜ ହେଉଛି । ଏହାସହ ଆତ୍ମୀୟଙ୍କୁ ହରାଇ ଦୁଃଖରେ ଭାଙ୍ଗିପଡ଼ିଥିବା ବ୍ୟକ୍ତିଙ୍କ ମାନସିକ ଭାରସାମ୍ୟକୁ ଦୃଢ଼ କରିବାକୁ କାଉନ୍‌ସେଲିଂ କରାଯାଉଛି । ଏଥିପାଇଁ ଏନ୍‌ଜିଓ ସଂସ୍ଥା ରୁଚିକାର ସଦସ୍ୟମାନେ ଉପସ୍ଥିତ ରହି କାଉନ୍‌ସେଲିଂ କରୁଛନ୍ତି । ତେବେ ବିହାର, ଝାଡ଼ଖଣ୍ଡ, କୋଲକାତା, ମଧ୍ୟପ୍ରଦେଶ ଆଦି ରାଜ୍ୟର ପୁଲିସ କର୍ମଚାରୀମାନେ ଏଠାରେ ରହିଥିବା କଣ୍ଟ୍ରୋଲ ଅଫିସ୍‌ରେ ଉପଲବ୍ଧ ରହିଛନ୍ତି । ଫଳରେ ବିଭିନ୍ନ ରାଜ୍ୟରୁ ଆସୁଥିବା ଲୋକମାନଙ୍କୁ ବୁଝାସୁଝା କରିବା ସହ ସେମାନଙ୍କ ସମ୍ପର୍କୀୟଙ୍କ ବାବାଦରେ ସୂଚନା ପାଇବାରେ ସହଜ ହେଉଛି ବୋଲି ହେଲ୍‌ପ ଡେସ୍କ ପକ୍ଷରୁ କୁହାଯାଇଛି । ଏଥିପାଇଁ ବିଏମ୍‌ସି ପକ୍ଷରୁ ଏକ ସତନ୍ତ୍ର ବସ୍ ବ୍ୟବସ୍ଥା କରାଯାଇଥିଲା । ଯେଉଁଥିରେ ବିଏମ୍‌ସି ଅଫିସ୍‌ସ୍ଥିତ ଡେଲପଡେସ୍କକୁ ବିଭିନ୍ନ ସ୍ଥାନରୁ ଆସୁଥିବା ଲୋକଙ୍କୁ ମୃତଦେହ ଚିହ୍ନଟ ପାଇଁ କ୍ୟାପିଟାଲ ହସ୍ପିଟାଲ, ଏମ୍‌ସ, ଆମ୍ରି, କିମସ୍ ଆଦିରେ ପହଞ୍ଚାଯାଇଥିଲା ।

ଅନ୍‌ଲାଇନ୍ ଲିଙ୍କ୍‌ରେ ଚାକିରି ଲୋଭ ଦେଖାଇ ଅଢ଼େଇ ଲକ୍ଷ ଠକେଇ

ଭୁବନେଶ୍ୱର (ପିପିଏସ୍): ଅନ୍‌ଲାଇନ୍‌ରେ ଲିଙ୍କ ଦେଇ ଚାକିରି ଲୋଭ ଦେଖାଇ ଜଣେ ଉଚ୍ଚଶିକ୍ଷିତ ଛାତ୍ରଙ୍କ ଠାରୁ ସାଇବର ଠକ ଅଢ଼େଇ ଲକ୍ଷ ଟଙ୍କା ଠକି ନେଇଛନ୍ତି । ଠକେଇର ଶିକାର ଯୁବକ ହେଲେ ଇନ୍‌ଫୋସିଟି ଅଞ୍ଚଳର ବିଭୁଦତ୍ତ ବଳ । ଏ ନେଇ ସେ ସାଇବର ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା ରୁଜୁ କରି ଟଙ୍କା ଯାଇଥିବା ଆକାଉଣ୍ଟକୁ ଅଚଳ କରିଛି ପୁଲିସ । ବିଭୁଦତ୍ତଙ୍କୁ ସାଇବର ଠକ ଘରେ ରହି ଟଙ୍କା ରୋଜଗାର କରିବାର ସପ୍ନ ଦେଖାଇଥିଲେ ।

ଅଭିଯୋଗ ଅନୁସାରେ, ବିଭୁଦତ୍ତ ସୋସିଆଲ ମିଡିଆରେ ସମୟ ଅତିବାହିତ କରିବା ସମୟରେ ଏକ ବିଜ୍ଞାପନ ଦେଖିଥିଲେ । ଘରେ ବସି ଅନ୍‌ଲାଇନ୍‌ରେ କାମ କରି ଟଙ୍କା ରୋଜଗାର କରିବାକୁ ସପ୍ନ ଦେଖାଇଥିଲେ ଠକ । ବିଭୁଦତ୍ତ ଚାକିରି ଛାଡ଼ିଥିବାରୁ ସେ ଏହି ଅନ୍‌ଲାଇନ୍ ଚାକିରି କରିବା ଲାଗି ଇଚ୍ଛା ପ୍ରକାଶ କରିଥିଲେ । ସେ ସାଇବର ଠକ ଦେଇଥିବା ଫୋନ୍ ନମ୍ବରକୁ କଲ୍ କରିଥିଲେ । ସାଇବର ଠକ ତାଙ୍କୁ ପ୍ରଥମେ ପଞ୍ଜୀକରଣ କରିବାକୁ ପଡ଼ିବ ବୋଲି କହିଥିଲେ । ପଞ୍ଜୀକରଣ ବାବଦକୁ ୩ହଜାର ଟଙ୍କା ନେଇ ପଞ୍ଜିକୃତ କରାଇଥିଲେ । ପରେ ତାଙ୍କୁ ଡିଜିଟାଲ ମାର୍କେଟିଂ କରି ବିଭିନ୍ନ କମ୍ପାନୀର ପ୍ରଡକ୍ଟ ବିକ୍ରି କରିବାକୁ କହିଥିଲେ । ଏଥିରେ ଅନିଚ୍ଛା ପ୍ରକାଶ କରିଥିଲେ ବିଭୁଦତ୍ତ । ଏଣୁ ଏଭଳି ଚାକିରି ଛାଡ଼ି ଅନ୍ୟ ଅନ୍‌ଲାଇନ୍ ଚାକିରି ଦେବାକୁ କହିଥିଲେ । ପଞ୍ଜୀକରଣ ଶେଷ ହୋଇଥିବାରୁ ଗୋଟିଏ ବର୍ଷ ଲାଗି ରହିବାକୁ ପଡ଼ିବ ବୋଲି ଠକ କହିଥିଲେ । ଏହାକୁ କ୍ୟାନ୍‌ସଲ କରିବାକୁ ହେଲେ ପୁଣି ୧୦ ହଜାର ଟଙ୍କା ଦେବାକୁ ପଡ଼ିବ ବୋଲି କହିଥିଲେ । ଏଥିରେ ବିଭୁଦତ୍ତ ରାଜି ହେବା ପରେ ବିଭିନ୍ନ ଆଳରେ ଅଢ଼େଇ ଲକ୍ଷ ଟଙ୍କା ନେଇଯାଇଥିଲେ ଅଦୃଶ୍ୟ ଠକ ।

ମହମବତି ଶୋଭାଯାତ୍ରା

ଭୁବନେଶ୍ୱର (ପିପିଏସ୍): ବାହାନଗା ରେଳ ଦୁର୍ଘଟଣାରେ ମୃତକଙ୍କ ଆତ୍ମାର ସଦ୍‌ଗତି ଓ ଆହତଙ୍କ ଆଶୁ ଆରୋଗ୍ୟ କାମନା କରି ଶୈଳଶ୍ରୀବିହାରରେ ବିଶାଳ ମହମବତି ଶୋଭାଯାତ୍ରା କରାଯାଇଛି । ସମାଜସେବୀ ତଥା ଯୁବନେତା ମନୋଜ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶୋଭାଯାତ୍ରା ଶୈଳଶ୍ରୀବିହାର ଛକ ତାରିଣୀ ମନ୍ଦିରଠାରୁ ବାହାରି ଜଗନ୍ନାଥ ମନ୍ଦିର ପାଖରେ ପହଞ୍ଚିଥିଲା । ସେଠାରେ ମୃତକଙ୍କ ଆତ୍ମାର ସଦ୍‌ଗତିକାମନା କରିବା ସହିତ ଆହତମାନଙ୍କର ଆଶୁ ଆରୋଗ୍ୟ କାମନା କରି ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶୈଳଶ୍ରୀବିହାର ଆବାସିକ ସଂଘ, ବିଭିନ୍ନସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ ।

'୨୯' ନମ୍ବର ମୃତଦେହ କାହାର ?

ଭୁବନେଶ୍ୱର (ପିପିଏସ୍): ଗୋଟିଏ ଶବ ପାଇଁ ଦୁଇଜଣ ଦାବିଦାର ହେବାରୁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ବାହାନଗା ରେଳ ଦୁର୍ଘଟଣାରେ ଝାଡ଼ଖଣ୍ଡର ଶ୍ରମିକ ହଂସରାଜଙ୍କର ମୃତ୍ୟୁ ହୋଇଛି । କରମଣ୍ଡଳରେ ଚେନ୍ନାଇ ଯାଉଥିବା ହଂସରାଜ ଏହି ଦୁର୍ଘଟଣାରେ ପ୍ରାଣ ହରାଇବା ପରେ ତାଙ୍କ ମୃତଦେହ ଏମ୍ସ ଆସିଥିଲା । ବର୍ତ୍ତମାନ ଏମ୍ସରେ ମୃତ ଦେହ ଚିହ୍ନଟ ପାଇଁ ଲଗାଯାଇଥିବା ଏଲ୍‌ଇଡିରେ ହଂସରାଜର ଫଟୋ ସହ ମୃତ ଦେହକୁ ମିଳିଥିବା '୨୯' ନଂ ଟ୍ୟାଗ୍ ପ୍ରଦର୍ଶନ କରାଯାଉଛି । ଏହି ଫଟୋ ଦେଖି ସୁଦୁର ଝାଡ଼ଖଣ୍ଡରୁ ଧାଇଁ ଆସିଥିବା ହଂସରାଜର ସାନ ଭାଇ ଫିରୋଜ ଭାଇର ମୃତ ଦେହ ନେବାକୁ ଉଦ୍ୟମ କରେ ତ ଭାଇର ମୃତ ଦେହ ଏମ୍ସରେ ନୁହେଁ ବରଂ ବିହାର ଭାଗଲପୁରକୁ ଚାଲିଯାଇଥିବା ଜାଣିବାକୁ ପାଇଛି । ବିହାର ଭାଗଲପୁରର ଏକ ପରିବାର ହଂସରାଜକୁ ନିଜ ପୁଅ ଦର୍ଶାଇ ମଙ୍ଗଳବାର ଏହି ମୃତ ଦେହକୁ ନେଇଯାଇଛନ୍ତି । ହେଲେ ଫିରୋଜ ନିଜ ବଡ଼ ଭାଇର ମୃତଦେହ ନେବାକୁ ଅଡ଼ି ବସିଥିବାରୁ ବର୍ତ୍ତମାନ ବିଏମସି ଓ ରେଳ ବିଭାଗ ପାଇଁ ଚିନ୍ତା ବଢ଼ିଛି । କାରଣ ଫିରୋଜ ନିକଟରେ ତା' ଭାଇର ଫଟୋ ଥିବା ବେଳେ ଏହି ଫଟୋରେ ତା ଭାଇ ହାତରେ ଟାଟୁ ରହିଛି । ଏହି ଟାଟୁରେ ହଂସରାଜ ଲେଖାଥିବା ବେଳେ ସେ ଆଣିଥିବା ଫଟୋ ମଧ୍ୟ ମୃତଦେହ ସହିତ ମେଳ ଖାଉଛି । ହେଲେ ଏଭଳି ଅବହେଳା କିପରି ହେଲା ଓ ଜଣଙ୍କ ମୃତଦେହ ଅନ୍ୟ ଗୋଟିଏ ପରିବାରକୁ କିପରି ହସ୍ତାନ୍ତର କରିଦିଆଗଲା ସେନେଇ ଫିରୋଜ ପ୍ରଶ୍ନ ଉଠାଇଛି ।

ଅନ୍ୟପଟେ ଏହି ଅଭିଯୋଗ ଆସିବା ପରେ ଘଟଣାକୁ ଗୁରୁତ୍ୱର ସହ ନିଆଯାଇଛି ଓ ଯେଉଁ ପରିବାର ହଂସରାଜର ମୃତ ଦେହ ନେଇଛନ୍ତି ତାଙ୍କ ସହ ଯୋଗାଯୋଗ କରାଯିବା ସହିତ ବିହାର ପ୍ରଶାସନକୁ ମଧ୍ୟ ଘଟଣା ସମ୍ପର୍କରେ ଅବଗତ କରାଯାଇଛି । ବିହାର ଓ ଝାଡ଼ଖଣ୍ଡ ପ୍ରଶାସନ ଏହି ପରିବାର ନିକଟରେ ପହଞ୍ଚିଥିବା ବେଳେ ଫିରୋଜଠାରୁ ଭୁବନେଶ୍ୱର ଏମ୍ସରେ ଡିଏନ୍‌ଏ ନିଆଯାଇଛି । ଯଦି ଫିରୋଜର ଡିଏନ୍‌ଏ ହଂସରାଜ ଡିଏନ୍‌ଏ ସହିତ ମ୍ୟାଚ ହୁଏ ତେବେ ବିହାର ଯାଇଥିବା ମୃତ ଦେହକୁ ଝାଡ଼ଖଣ୍ଡକୁ ସ୍ଥାନାନ୍ତର କରାଯିବା ନେଇ ପ୍ରକ୍ରିୟା କରାଯିବ ବୋଲି ଜଣାପଡ଼ିଛି । ଫିରୋଜ ଡିଏନ୍‌ଏ ସାମ୍ପୁଲ ଦେଇ ଏହି ରିପୋର୍ଟକୁ ଅପେକ୍ଷା କରି ବସିଛି ।

୯ମାସର ଗର୍ଭବତୀ ପତ୍ନୀଙ୍କୁ ଛାଡ଼ି ଚାଲିଗଲେ ଉପେନ୍ଦ୍ର

ଭୁବନେଶ୍ୱର (ପିପିଏସ୍): ତୁମେ ବ୍ୟସ୍ତ ହୁଅନି । ତୁମେ ମୋ ପରିବାରର କେତେ କେୟାର ନେଉଛ, ମୁଁ ତୁମର କେୟାର ନେବି । ଆମର ବେବି ପାଇଁ ବହୁତ କିଛି ପ୍ଲାନ୍ କରିବା । ଏମିତି ଫୋନ୍‌ରେ କଥା କହି ୯ମାସର ଗର୍ଭବତୀ ପତ୍ନୀଙ୍କୁ ବୁଝାଉଥିଲେ ବେଙ୍ଗାଲୁରରୁ ବିହାରସ୍ଥିତ ନିଜ ଘରକୁ ଫେରୁଥିବା ୨୪ ବର୍ଷୀୟ ଉପେନ୍ଦ୍ର ଶର୍ମା । ହେଲେ ସେ ଜାଣି ନଥିଲେ ଏହି ଫୋନ୍ କଲ୍ ତାଙ୍କର ଶେଷ ଫୋନ୍ କଲ୍ ହେବ ବୋଲି । ବାହାନଗା ଟ୍ରେନ୍ ଦୁର୍ଘଟଣା ସବୁକିଛି ବଦଳାଇଦେଲା । ପରିସ୍ଥିତି ଏମିତି ଥିଲା ଯେ, ବର୍ତ୍ତମାନ ଉପେନ୍ଦ୍ରଙ୍କ ଠିକଣା ମିଳୁନି । ସେ ମୃତ କି ଜୀବିତ ତାହା ବି ପରିବାର ଲୋକେ ଜାଣିପାରୁ ନାହାନ୍ତି ।

ଏ ହସ୍ପିଟାଲରୁ ସେ ହସ୍ପିଟାଲକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଛନ୍ତି ଉପେନ୍ଦ୍ରଙ୍କ ସମ୍ପର୍କୀୟ । ଆଉ ମାତ୍ର ଦିନ କେଇଟା ପରେ ଘରକୁ ଆସିବାକୁ ଥିବା ସନ୍ତାନଟି ବାପାର ସ୍ପର୍ଶ ପାଇ ପାରିବ କି ନାହିଁ ତାହା ଭାବି ଭାବି ଆଖିରୁ ଲୁହ ଶୁଖୁନି ପତ୍ନୀଙ୍କର । ଉପେନ୍ଦ୍ର ବେଙ୍ଗାଲୁରରେ ଏକ କମ୍ପାନୀରେ ଇଲେକ୍ଟ୍ରିସିଆନ୍ ଭାବେ କାମ କରନ୍ତି । ଦେଢ଼ ବର୍ଷ ତଳେ ବିବାହ କରିଥିବା ବେଳେ ଆଉ ମାତ୍ର ସପ୍ତାହେ ପରେ ଘରକୁ ଆସିବାକୁ ଥିବା ନୂଆ ଅତିଥି ପାଇଁ ବେଶ୍ ଖୁସି ଥିଲେ । ହେଲେ ବିଧିର ବିଧାନ କିଛି ଅଲଗା ଥିଲା । ନା ସେ ଘରକୁ ପହଞ୍ଚି ପାରିଲେ ନା ଏପର୍ଯ୍ୟନ୍ତ ତାଙ୍କର କିଛି ଠିକଣା ମିଳିପାରିଛି । ଟ୍ରେନ୍ ଦୁର୍ଘଟଣା ସମ୍ପର୍କରେ ଜାଣି ପରିବାର ଓ ସମ୍ପର୍କୀୟ ପ୍ରଥମେ ବାଲେଶ୍ୱର, ପରେ କଟକ ଏସ୍‌ସିବି ଓ ଆଜି ଭୁବନେଶ୍ୱରରେ ଖୋଜି ବୁଲୁଛନ୍ତି । ଏଥିପାଇଁ ସେ ବିଏମ୍‌ସି କାର୍ଯ୍ୟାଳୟରେ ପହଞ୍ଚି ସେଠାରେ ଥିବା ହେଲପ୍ ଡେସ୍କରେ ଉପେନ୍ଦ୍ରଙ୍କ ସମ୍ପର୍କରେ ପଚରାଉଚରା କରିବା ପରେ ସେଠାରେ ବିଭିନ୍ନ ଡାକ୍ତରଖାନାରେ ରହିଥିବା ଶବ ଗୁଡ଼ିକର ଫଟୋ, ଗୁପ୍ତୁତର ଭାବେ ଚିକିତ୍ସିତ ହେଉଥିବା ବ୍ୟକ୍ତି ଏବଂ ଆଇସିୟୁରେ ରହିଥିବା ବ୍ୟକ୍ତିଙ୍କ ସମ୍ପର୍କରେ ସମସ୍ତ ସୂଚନା ଦିଆଯାଇଥିଲେ ବି ସେଠାରେ କୌଣସି ଖବର ମିଳିପାରିନଥିଲା । ତେବେ ଉପେନ୍ଦ୍ରଙ୍କ ବାପା ଏବଂ ଭାଇଙ୍କ ଡିଏନ୍‌ଏ ଟେଷ୍ଟ କରାଯିବା ପରେ କିଛି ସୂଚନା ମିଳିପାରେ ବୋଲି ହସ୍ପିଟାଲ ପକ୍ଷରୁ କୁହାଯିବା ପରେ ତାଙ୍କ ବାପା ଓ ଭାଇ ପହଞ୍ଚିବେ ବୋଲି ସମ୍ପର୍କୀୟ ଭାଇ ମନୁ କହିଛନ୍ତି । ଏପଟେ ତାଙ୍କ ପତ୍ନୀଙ୍କ ବିଶ୍ୱାସ ସାମୀ ନିଶ୍ଚୟ ଫେରିବେ । ଅନ୍ତତଃ ତାଙ୍କ ସନ୍ତାନୁ ଦେଖିବାକୁ ସେ ଫେରିବେ ବୋଲି କାନ୍ଦି କାନ୍ଦି କହିଛନ୍ତି ।

ବାହାନଗା ଦୁର୍ଘଟଣା: ମେଳି ହେଲେ ୧୨ ରାଜନୈତିକ ଦଳ

ଭୁବନେଶ୍ୱର (ପିପିଏସ୍) : ବାହାନଗ

ତାଳବସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନଆରୋଗ୍ୟ ସମିତି ବୈଠକ

ବାଙ୍କୀ, (ପିପିଏସ) : ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଜନଆରୋଗ୍ୟ ସମିତି ବୈଠକ ଡମପନା ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ତଥା କଟକ ଜିଲ୍ଲା ପରିଷଦ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଆଶିଷ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ତାଳବସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ୨୪ଘଣ୍ଟିଆ ଉନ୍ନତମାନର ସ୍ୱାସ୍ଥ୍ୟ ସେବା କେନ୍ଦ୍ରରେ ପରିଣତ କରିବା ପାଇଁ ସରକାରଙ୍କ ଉଦ୍ୟମକୁ ପ୍ରଶଂସା କରାଯିବା ସହ ଏହାକୁ କାର୍ଯ୍ୟକାରୀ କରିବା ପାଇଁ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନିର୍ମାଣଧିନ ବର୍ଜ୍ୟବସ୍ତୁ ପରିଚାଳନା ଗୃହ ଓ ଔଷଧୀୟ ବୃକ୍ଷ ବଗିଚା କାର୍ଯ୍ୟକୁ ଶୀଘ୍ର ଶେଷ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କାଯାଇଛି । ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧ୍ୟକ୍ଷ ଡାକ୍ତର ପୁଷ୍ପଲତା ମହାପାତ୍ର ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନୟନ ମୂଳକ କାର୍ଯ୍ୟ ସଂପର୍କରେ ଅବଗତ କରାଇବା ସହ ଏହାର ଉନ୍ନତି ପାଇଁ ସମସ୍ତଙ୍କର ସହଯୋଗ ଲୋଡିଥିଲେ । ଏହି ବୈଠକରେ ଡାକ୍ତର ସୁମିତ୍ରା ସାହୁ, ପରିମଳ ବିଭାଗ ଯନ୍ତ୍ରୀ ବୈଷ୍ଣବ ଚରଣ ମଲ୍ଲିକ, ଗ୍ରାମ୍ୟଉନ୍ନୟନ ମୂଳକ ବିଭାଗ ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ନନ୍ଦ, ତାଳବସ୍ତ ସରପଞ୍ଚ ଜ୍ୟୋତିମୟୀ ସାହୁ, ଦୁଲଣାପୁର ସରପଞ୍ଚ ସବିତା ସାହୁ, ପୂର୍ବତନ ସରପଞ୍ଚ ଗଦାଧର ରାଉତ, ତାଳବସ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷକ ଫକୀର ମୋହନ ମିଶ୍ର, ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ଏମ୍.ବି.କେ ମମତା ମଞ୍ଜରୀ ପାଲ୍, ବିଜୟ ଲକ୍ଷ୍ମୀ ସାହୁ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଭାତୀ କିଷାନ୍, ପ୍ରଦ୍ୟୁମ୍ନ ପୂର୍ତ୍ତି , ଫର୍ମାଶିଷ୍ଟ ଛବିନ୍ଦ୍ର କୁମାର ବେହେରା, ଜନସଂପ୍ରସାରଣ ଅଧିକାରୀ ସଂଜୟ କୁମାର ଦାଶ, ତାଳବସ୍ତ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଏଠାରେ ସ୍ଥାୟୀ ଏଲୋପାଥିକ୍ ଡାକ୍ତର ନିଯୁକ୍ତି, ଲୋକମାନଙ୍କ ପାଇଁ ଥଣ୍ଡା ପାନୀୟ ଜଳ ମେସିନ୍‌ର ବ୍ୟବସ୍ଥା, ଟୀକାକରଣ ପାଇଁ ଆସୁଥିବା ଭ୍ୟାକସିନ୍ କୁ ସୁରକ୍ଷିତ ଗଚ୍ଛିତ ରଖିବା ପାଇଁ ରେଫ୍ରିଜେଟରର ବ୍ୟବସ୍ଥା, ଜେନେରେଟର ବ୍ୟବସ୍ଥା ନିମନ୍ତେ ରାଜ୍ୟସରକାରଙ୍କୁ ଅନୁରୋଧ କରାଯାଇଛି । ଉନ୍ନତମାନର ରକ୍ତ ପରୀକ୍ଷା ମେସିନ୍‌କୁ କାର୍ଯ୍ୟକ୍ଷମ କରାଇବା ଏବଂ ରୋଗୀ ସେବା ପ୍ରକୋଷ୍ଠକୁ ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା କରିବା ପ୍ରଭୃତି ବିଷୟରେ ଆଲୋଚନା କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ ନିଷ୍ପତ୍ତି ନିଆଯାଇଛି । ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଗାଡି ପାର୍କିଂର ସୁବନ୍ଦୋବସ୍ତ କରିବା ସହ ନାଗରିକ ଅଧିକାର ପତ୍ର ପ୍ରଦର୍ଶନ ନିମନ୍ତେ ଏକ ହୋଡିଂର ବ୍ୟବସ୍ଥା ବିଷୟରେ ଆଲୋଚନା କରାଯାଇଥିଲା ।

ବିଦ୍ୟୁତ ଟ୍ରାନ୍ସଫର୍ମର ପୋଡ଼ି ଯାଇଥିବା ନେଇ ଗ୍ରାମବାସୀ ପକ୍ଷରୁ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ପ୍ରଦର୍ଶନ

ଖଣ୍ଡପଡ଼ା, (ପିପିଏସ) : ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ନୀମାଣୀ ପଞ୍ଚାୟତ ଅନ୍ତର୍ଗତ କାଳିକାପ୍ରସାଦ ଗ୍ରାମରେ ଗତ ୨ ତାରିଖରୁ ପ୍ରାୟ ଏକ ସପ୍ତାହ ତଳେ ଗୋଟିଏ ଟ୍ରାନ୍ସଫର୍ମର, ପୁନଶ୍ଚ ଦୁଇ ଦିନ ତଳେ ଅନ୍ୟ ଗୋଟିଏ ବିଦ୍ୟୁତ୍ ଟ୍ରାନସଫରମର୍ ପୋଡ଼ି ଯାଇଛି । ଫଳରେ ଗ୍ରାମରେ ଥିବା ଦୁଇଟିଯାକ ଟ୍ରାନ୍ସଫର୍ମର ପୋଡିଯାଇଥିବାରୁ ଗ୍ରାମରେ ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ ରୁପେ ଠପ୍ ହୋଇଯାଇଛି । ପ୍ରବଳ ଗ୍ରୀଷ୍ମ ପ୍ରବାହ, ଗୁଳୁଗୁଳି ସହ ବିଦ୍ୟୁତ୍ ନଥିବା ଯୋଗୁଁ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ସଂପର୍କରେ ବାରମ୍ବାର ବିଦ୍ୟୁତ୍ କର୍ମଚାରୀଙ୍କୁ ଗୁହାରି କରିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଗୁରୁବାର ଦିନ ୮୦ ରୁ ଉର୍ଦ୍ଧ୍ୱ ଉପଭୋକ୍ତା ଭାପୁର ସଦର ମହକୁମାସ୍ଥ ଟିପିସିଓଡିଏଲ୍ କାର୍ଯ୍ୟାଳୟ ଘେରାଉ କରି ଧର୍ମଘଟରେ ବସିଥିଲେ । ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ମହାପାତ୍ର ଧର୍ମଘଟରେ ବସିଥିବା ଉପଭୋକ୍ତା ମାନଙ୍କ ଠାରୁ ଅଭିଯୋଗ ଶୁଣିଲା ପରେ ଆସନ୍ତା ଦୁଇଦିନ ମଧ୍ୟରେ ଗ୍ରାମରେ ବିଦ୍ୟୁତ୍ ଟ୍ରାନସ୍ ଫର୍ମର ବସାଇ ବିଦ୍ୟୁତ୍ ଯୋଗାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଗ୍ରାମବାସୀ ମାନେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଶ୍ରୀ ମହାପାତ୍ରଙ୍କ ପ୍ରତିଶ୍ରୁତିକୁ ସମ୍ମାନ ଜଣାଇ ଧର୍ମଘଟରୁ ଓହରି ଯାଇଥିଲେ ।

ବାଙ୍କୀ ବିଜେପି ପକ୍ଷରୁ ସଂଯୁକ୍ତ ମୋର୍ଚ୍ଚା ସମ୍ମିଳନୀ ଓ ଜନସଂପର୍କ କାର୍ଯ୍ୟକ୍ରମ

ବାଙ୍କୀ, (ପିପିଏସ) : କେନ୍ଦ୍ର ସରକାରଙ୍କ ୯ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜି ବାଙ୍କୀ ଏନ୍.ଏ.ସି ଅନ୍ତର୍ଗତ ସାହାଡପଦା ଠାରେ ବାଙ୍କୀ ବିଜେପି ପକ୍ଷରୁ ଏକ ଜନସଂପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବାଙ୍କୀ ବିଜେପିର ବରିଷ୍ଠ ନେତା ତଥା ରାଷ୍ଟ୍ରୀୟ କୃଷକ ମୋର୍ଚ୍ଚାର କାର୍ଯ୍ୟକାରୀ କମିଟି ସଭ୍ୟ ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଜଳ ସଂପଦ ଓ ଆଦିବାସୀ ମନ୍ତ୍ରୀ ଚନ୍ଦ୍ରଶେଖର ଟୁଡୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଜନହିତକର କାର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ । ଆସନ୍ତା ନିର୍ବାଚନରେ ସମସ୍ତ ମୋର୍ଚ୍ଚାର କର୍ମକର୍ତ୍ତା ଦଳର ନେତାମାନେ ଏକତ୍ରିତ ହୋଇ ରାଜ୍ୟ ତଥା କେନ୍ଦ୍ରରେ ବିଜେପି ଦଳକୁ କ୍ଷମତାସୀନ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ପ୍ରକାଶ ଚନ୍ଦ୍ର ବେହେରା, ରାଷ୍ଟ୍ରୀୟ ମୋର୍ଚ୍ଚା ସଭାପତି ସଂଜୟ ନିର୍ମଳ, ଲୋକସଭା ସଂଯୋଜକ ସୁକାନ୍ତ ବିଶ୍ୱାଳ, ବିଜେପି ପ୍ରଭାରୀ ଆଲୋକ ଚନ୍ଦ୍ର ମହାନ୍ତି, କଟକ ଜିଲ୍ଲା ସାଧାରଣ ସଂପାଦକ ରାମନାରାୟଣ ମହାନ୍ତି, ଜିଲ୍ଲା ସଂଯୋଜକ ଉତ୍କଳ ମନ୍ତ୍ରୀ, ବାଙ୍କୀ ଉପଖଣ୍ଡର ସମସ୍ତ ମଣ୍ଡଳ ସଭାପତି ବୃନ୍ଦ ପ୍ରଭୃତି ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ନଗର ମଣ୍ଡଳ ସଭାପତି ଅଜିତ୍ ସୁବୁଦ୍ଧି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମନ୍ତ୍ରୀ ଶ୍ରୀ ଟୁଡୁ ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ପୀଠକୁ ଯାଇ ପୂଜାର୍ଚ୍ଚନା କରିବା ସହିତ ମନ୍ଦିରର ଉନ୍ନୟନମୂଳକ କାର୍ଯ୍ୟ ସଂପର୍କରେ ସେବାୟତମାନଙ୍କ ସହିତ ଆଲୋଚନା କରିଥିଲେ ।

ଯାତ୍ରୀ ବିଶ୍ରାମଗାରରୁ ମୃତଦେହ ଉଦ୍ଧାର

ଚୌଦ୍ୱାର (ପିପିଏସ) : ଚୌଦ୍ୱାର ଚାରବାଟିଆଠାରେ ଥିବା ଯାତ୍ରୀ ବିଶ୍ରାମଗାରାରୁ ଗୁରୁବାର ସକାଳେ ଜଣେ ବ୍ୟକ୍ତିଙ୍କ ମୃତଦେହ ଚୌଦ୍ୱାର ପୋଲିସ ଉଦ୍ଧାର କରିଛି । ମୃତ ବ୍ୟକ୍ତି ଜଣକ ହେଲେ କେ.ଦିଲ୍ଲିପ । ତାଙ୍କ ଘର ତାଳଚେର ଅଂଚଳରେ ହୋଇଥିବା ବେଳେ ସେ ପରିବାର ସହିତ ଚାରବାଟିଆରେ ରହିଆସୁଥିଲେ । ଚାରବାଟିଆରେ ଦିଲ୍ଲିପ ମାଳି କାମ କରୁଥିବା ବେଳେ ଗତ କାଲି ରାତିରୁ ଘରକୁ ଫେରି ନଥିଲେ । ସକାଳେ ମୃତ୍ୟୁ ଖବର ପାଇ ତାଙ୍କ ସ୍ତ୍ରୀ ଓ ଦୁଇ ଝିଅ ପହଁଚି ଥିଲେ । ଚୌଦ୍ୱାର ପୋଲିସ ମୃତଦେହ ଉଦ୍ଧାର କରିବା ପରେ ୧୧/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ କଟକ ମେଡିକାଲ ପଠାଇ ତଦନ୍ତ ଆରମ୍ଭ କରିଛି । ତାଙ୍କର କିଭଳି ମୃତ୍ୟୁ ହୋଇଛି ତାହା ସ୍ପଷ୍ଟ ହୋଇପାରିନି ।

ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠରେ ପାଚିକା ଓ ସହାୟିକାମାନଙ୍କୁ ଖାଦ୍ୟ ନିରାପତ୍ତା ଓ ସ୍ୱଚ୍ଛତା ସଂପର୍କରେ ପ୍ରଶିକ୍ଷଣ

ବାଙ୍କୀ, (ପିପିଏସ) : ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ଠାରେ ଡମପଡ଼ା ବ୍ଲକ ସ୍ତରୀୟ ପାଚିକା ଓ ସହାୟିକାମାନଙ୍କୁ ଖାଦ୍ୟ ନିରାପତ୍ତା ଓ ସ୍ୱଚ୍ଛତା ସଂପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ବାଙ୍କୀ ଡମପଡ଼ା ବ୍ଲକ ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ଉକ୍ତ ପ୍ରଶିକ୍ଷଣରେ ଡମପଡ଼ା ବ୍ଲକର ତାଳବସ୍ତ ଓ ଡମପଡା କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟର ୫୦ଜଣ ପାଚିକା ଓ ସହାୟିକାଙ୍କୁ କିପରି ସୁକ୍ଷମ ଖାଦ୍ୟ ପ୍ରସ୍ତୁତି କରିବା, ଖାଦ୍ୟ ରାନ୍ଧିବା ବେଳେ ପରିଷ୍କାର ପରିଚ୍ଛନ୍ନ ରହିବା, ବିଦ୍ୟାଳୟ ପରିସରରେ ବଗିଚା ଆଦି ସୃଷ୍ଟି କରିବା ଦିଗରେ ଉଦ୍ୟମ ନିମନ୍ତେ ପଦକ୍ଷେପ ନେବାପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବ୍ଲକ ଶିକ୍ଷାଧିକାରୀ ନରେନ୍ଦ୍ର କୁମାର ବେହେରା ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦାନ କରି ସ୍ୱଚ୍ଛତା ଉପରେ ପରାମର୍ଶ ଦେଇଥିଲେ । ଅତିଥି ଭାବେଅତିରିକ୍ତ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ବେହେରା, ବିଭାସିନୀ ସାମନ୍ତରାୟ, ଜୟନ୍ତୀ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ । ପ୍ରଶିକ୍ଷକ ଭାବରେ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ବେହେରା ଯୋଗଦାନ କରି ପ୍ରଶିକ୍ଷଣ ଦେଇଥିଲେ ।

ରେଳ ଦୁର୍ଘଟଣା ମୃତକଙ୍କ ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା

ଖଣ୍ଡପଡ଼ା, (ପିପିଏସ) : ବାହାନଗା ରେଳ ଦୁର୍ଘଟଣାକୁ ନେଇ ସମଗ୍ର ବିଶ୍ୱ ସ୍ତବ୍ଧ ହୋଇ ପଡ଼ିଛି । ଶହ ଶହ ଲୋକଙ୍କ ଜୀବନ ଅକାଳରେ ଚାଲି ଯାଇଛି । ଦିବଂଗତ ବ୍ୟକ୍ତି ମାନଙ୍କ ଅମର ଆତ୍ମାର ସଦଗତି କାମନା କରି ବୁଧବାର ଦିନ ଭାପୁର ବ୍ଲକ ବାଇଗୁଣିଆ ଗ୍ରାମସ୍ଥିତ ତାରିଣୀ ମନ୍ଦିର ପ୍ରାଙ୍ଗଣରେ ଗ୍ରାମବାସୀମାନେ ୨ମିନିଟ୍ ନୀରବ ପ୍ରାର୍ଥନା ସହିତ ଦୀପ ଓ ମହମବତି ଲଗେଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ । କାର୍ଯ୍ୟକ୍ରମରେ, ଯୁବ ସାମ୍ବାଦିକ ଜ୍ୟୋତି ରଞ୍ଜନ ମହାରଣା, ଜିତେନ୍ଦ୍ର କାଟିଆ, ପରମେଶ୍ୱର ମହାନ୍ତି, ସୁରେଶ ନନ୍ଦ, ଟୁନା ଦାସ, ସୁଦର୍ଶନ ମଳିକ, କାଳିଆ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

କୋଣାର୍କର ନୂତନ, ପୂର୍ବତନ ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା

କୋଣାର୍କ, (ପି ପି ଏସ) : କୋଣାର୍କ ସ୍ଥିତ ଯାତ୍ରୀ ନିବାସ ସମ୍ମିଳନୀ କକ୍ଷରେ କୋଣାର୍କ ଅଞ୍ଚଳର ସାମାଜିକ ସଂଗଠନ ଓ ସଚେତନ ନାଗରିକ ମାନଙ୍କ ପକ୍ଷରୁ କୋଣାର୍କ ଥାନା ର ପୂର୍ବତନ୍ ଭାରପ୍ରାପ୍ତ ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ଓ ନୂତନ ଭାବେ ଯୋଗ ଦେଇଥିବା ଭାରପ୍ରାପ୍ତ ଅଧିକାରୀ ପଞ୍ଚାନନ ପରିଡାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଶିକ୍ଷାବିତ୍ ରାମକୃଷ୍ଣ ମହାନ୍ତି ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥି ଭାବେ ନିମାପଡ଼ା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଦେବାଶିଷ ମିଶ୍ର, ବରିଷ୍ଠ ନାଗରିକ ହରିଶ୍ଚନ୍ଦ୍ର ଦାସ, ସଂସ୍କୃତି ସଂଗଠନ ଗୁରୁପଦ ବଳିଆର ସିଂ, ସଂଗଠନ ରାଜକିଶୋର ମହାପାତ୍ର , ସତ୍ୟଖବର ସମ୍ପାଦକ ଅକ୍ଷୟ ନାୟକ , ଗୋପ ଥାନା ଅଧିକାରୀ ସୁନିଲ ପ୍ରଧାନ ଓ ପୂର୍ବତନ ପ୍ରାଧ୍ୟାପକ ଶରତ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ନୂତନ ଥାନା ଅଧିକାରୀ ଙ୍କୁ ଉତ୍ତରୀୟ , ପୁଷ୍ପ ଗୁଚ୍ଛ ଓ ମାନ ପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ କୋଣାର୍କର ବିଭିନ୍ନ ସାମାଜିକ ସଂଗଠନର କାର୍ଯ୍ୟକର୍ତ୍ତା ପରିଚାଳନା କରିଥିଲେ ।

ଅମଲା ସଂଘ ଧର୍ମଘଟ ୮ ଦିନରେ ପହଞ୍ଚିଲା, ରଜ ପୂର୍ବରୁ ଭତ୍ତା ମିଳିବା ନେଇ ଅନିଶ୍ଚିତତା

ଭଦ୍ରକ, (ପିପିଏସ) : ସମଗ୍ର ରାଜ୍ୟରେ ଅମଲା ସଂଘ ପକ୍ଷରୁ ଧର୍ମଘଟ ଜାରୀ ରହିଛି । ଏହି ଧର୍ମଘଟ ୮ ଦିନରେ ପହଞ୍ଚିଛି । ତେବେ ଏହି ଧର୍ମଘଟ ଯୋଗୁ ଭଦ୍ରକ ଜିଲା ତିହିଡ଼ି ବ୍ଲକରେ ରଜ ପୂର୍ବରୁ ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ଇତ୍ୟାଦି ଭତ୍ତା ମିଳିବା ନେଇ ଅନିଶ୍ଚିତା ଦେଖାଦେଇଛି । ପ୍ରଶାସନ ରଜ ପୂର୍ବରୁ ଭତ୍ତା ବଣ୍ଟନ କରିବାକୁ ନିଷ୍ପତ୍ତି ନେଇଥିଲେ । ରଜ ପୂର୍ବରୁ ଭତ୍ତା ପାଇଲେ ହିତାଧିକାରୀମାନେ ଉପକୃତ ହୋଇପାରିଥାନ୍ତେ । ମାତ୍ର ଅମଲାସଂଘର ଧର୍ମଘଟ ପାଇଁ ହିତାଧିକାରୀମାନେ ଭତ୍ତା ପାଇବା ନେଇ ଆଶଙ୍କା ଦେଖାଦେଇଛି । ଜିଲା ଭତ୍ତା ବିଭାଗର ଅମଲାମାନେ ଧର୍ମଘଟରେ ସାମିଲ ହୋଇଥିବାରୁ ସେମାନେ ଭତ୍ତା ପାଇଁ ଆବଶ୍ୟକ କରୁଥିବା କାଗଜପତ୍ର ପ୍ରସ୍ତୁତ କରୁନାହାନ୍ତି । ଯେଉଁଥିପାଇଁ ରଜ ପୂର୍ବରୁ ହିତାଧିକାରୀମାନଙ୍କୁ କିପରି ଭତ୍ତା ବଣ୍ଟନ କରାଯିବ ସେନେଇ ପ୍ରଶାସନର ଚିନ୍ତାର କାରଣ ହୋଇଛି । ଏଥି ସହିତ ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ଉପକୋଷାଗାର, ସବ୍ ରେଜେଷ୍ଟ୍ରି କାର୍ଯ୍ୟାଳୟ ଇତ୍ୟାଦିର ଅମଲାମାନେ ଧର୍ମଘଟରେ ସାମିଲ ହୋଇଥିବାରୁ କୌଣସି କାର୍ଯ୍ୟ ହୋଇପାରୁନାହିଁ । ଫଳରେ ଲୋକମାନେ ବହୁ ଅସୁବିଧାରେ ସମ୍ମୁଖିନ ହେଉଛନ୍ତି ।

ଧାମନଗର ବ୍ଲକ ତହସିଲରେ କାର୍ଯ୍ୟ ଠପ୍

କଲମ ଛାଡ଼ ଆନ୍ଦୋଳନ ପରେ ସମୂହ ଛୁଟିରେ ଅମଲା, ଲୋକେ ହିନସ୍ତା

ଧାମନଗର (ପିପିଏସ) : ମିଳିତ ଅମଲା ମଞ୍ଚର ଜିଲ୍ଲା ଶାଖା ଅଧ୍ୟକ୍ଷ ଉଦୟ ନାରାୟଣ ପଣ୍ଡା ଓ ହେମନ୍ତ ପ୍ରଧାନଙ୍କ ନେତୃତ୍ୱରେ ଚାଲିଛି ଆନ୍ଦୋଳନ । ସରକାର ସ୍ନାତକ ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ଜିଲ୍ଲା ସ୍ତରୀୟ ସମସ୍ତ ବିଭାଗର କନିଷ୍ଠ ଅମଲା ମାନଙ୍କର ମୂଳ ଦରମା ୯୩୦୦ ଟଙ୍କା ସହିତ ଗ୍ରେଡ଼ ପେ ୪୨୦୯ ଟଙ୍କା ପ୍ରଦାନ ବା ଲେଭେଲ-୯ ଅନୁଯାୟୀ ଦରମା ନିର୍ଦ୍ଧାରଣ ନକରି ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି । ଏହାର ପ୍ରତିବାଦରେ ଅମଲା ମାନେ ଆନ୍ଦୋଳନ ପାଇଁ ଚେତାବନୀ ଦେଇଥିଲେ । ମାତ୍ର ସରକାର ସେମାନଙ୍କ ଦାବି ପ୍ରତି ଗୁରୁତ୍ୱ ନଦେଇ ଅମଲାଙ୍କ ପ୍ରତି ତୁଚ୍ଛ ମନୋଭାବ ପାଇଁ ପ୍ରଥମେ ସେମାନେ କଳାବ୍ୟାଚ ପରିଧାନ ପୂର୍ବକ କାର୍ଯ୍ୟ କରିଥିବା ବେଳେ ଗତ ୧ ତାରିଖରୁ ସମୂହ ଛୁଟିରେ ଅଛନ୍ତି । ଗତ ୫ ଦିନ ଧରି ଜେଇଙ୍କୁ ମାଡ଼ ପ୍ରତିବାଦରେ ଧାମନଗର ବ୍ଲକ କର୍ମଚାରୀ ସଂଘର କଲମ ଛାଡ଼ ଆନ୍ଦୋଳନ ଚାଲିଥିବା ବେଳେ ସୋମବାର ଜିଲ୍ଲାପାଳଙ୍କ ସୂଚନା କ୍ରମେ ମଙ୍ଗଳବାର ଠାରୁ ତାହା ପ୍ରତ୍ୟାହୃତ ହୋଇଛି । ସେଥିପାଇଁ ଗତ ସପ୍ତାହେ ହେବ ସାଧାରଣ ଲୋକେ ସେବା ପାଇବାରୁ ବଞ୍ଚିତ ହୋଇ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏବେ ଅମଲାଙ୍କ ସମୂହ ଛୁଟି ବ୍ଲକ ଓ ତହସିଲ କାର୍ଯ୍ୟାଳୟର କାର୍ଯ୍ୟକ୍ରମକୁ ଠପ କରିଦେଇଛି । ଗତକାଲି ମୁଖ୍ୟ ଶାସନ ସଚିବଙ୍କ ଆଶ୍ୱସ୍ତିବାଣୀକୁ ଅମଲା ମଞ୍ଚ ଗ୍ରହଣ କରିନାହିଁ । ଯାହା ଫଳରେ ଆଜି ବ୍ଲକ ଓ ତହସିଲର ଅମଲା ମାନେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି । ସେପଟେ ଦୋବଲ ପଞ୍ଚାୟତର ସରପଞ୍ଚ ଓ କନିଷ୍ଠ ଯନ୍ତ୍ରୀ ବିବାଦରେ ସାଧାରଣ ଜନତା ଓ ଭତ୍ତା ହିତାଧିକାରୀ କାର୍ଯ୍ୟାଳୟରୁ ସେବା ପାଇ ନପାରି ହତାଶ ହେଉଛନ୍ତି । ଏଠାରେ ସୂଚନା ଯୋଗ୍ୟ ବିଗତ କିଛି ବର୍ଷ ହେବ ଧାମନଗରରେ ରାଜନୈତିକ ହଟଚମ୍ପଟ ପାଇଁ ସାଧାରଣ ଲୋକେ ପ୍ରଶାସନିକ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ୫- ଟି ସଚିବ ଏଥିପ୍ରତି ଗୁରୁତ୍ୱ ଦେବାକୁ ଦାବି ହେଉଛି ।

ଧାମନଗର ତହସିଲଦାର ଭାବେ ଯୋଗଦେଲେ ସ୍ନିଗ୍ଧାରାଣୀ ଦେବୀ

ଧାମନଗର, (ପିପିଏସ) : ଧାମନଗର ତହସିଲ କାର୍ଯ୍ୟାଳୟରେ ସ୍ନିଗ୍ଧାରାଣୀ ଦେବୀ ନୂଆ ତହସିଲଦାର ଭାବେ ମଙ୍ଗଳବାର ପୂର୍ବାହ୍ନରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ତାଙ୍କୁ ଭାରପ୍ରାପ୍ତ ତହସିଲଦାର ଥିବା ଅତିରିକ୍ତ ତହସିଲଦାର ସମରେନ୍ଦ୍ର ଭ

ରାସ୍ତାରେ ହୋଇପାରିବନି ଗାଡି ପାର୍କିଂ ବାଣୀବିହାରରୁ ମହର୍ଷି କଲେଜ ଛକ ଯାଏଁ ଲାଗିଲା ନୋପାର୍କିଂ ସାଇନ ବୋର୍ଡ

ଭୁବନେଶ୍ୱର(ପିପିଏସ୍) : ବାଣିବିହାରରୁ ମହର୍ଷି କଲେଜ ଛକ ରାସ୍ତାରେ ପାର୍କିଂ ହେବନାହିଁ ଗାଡି । ସହିଦନଗର ଅଞ୍ଚଳରେ ତିଆରି ହୋଇଛି ବହୁତଳ ପ୍ରାସାଦ ପାର୍କିଂ ସ୍ଥାନ । ବାଣୀବିହାରରୁ ମହର୍ଷି କଲେଜ ଛକ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ପାର୍କିଂ ହେଉଥିଲା ଶହ ଶହ ଗାଡି । ଏବେ ସେଠାରେ ଲାଗିଛି ନୋ ପାର୍କିଂ ସାଇନ ବୋର୍ଡ । ଗୁରୁବାରଠାରୁ କଡାକଡି ଭାବେ ନିୟମ ପାଳନ କରାଯିବ । ଏନେଇ ବିଏମସି ତରଫରୁ ବିଧିବଦ୍ଧ ଭାବେ ନୋଟିସ ମଧ୍ୟ ବାହାରି ସାରିଛି ।କେମିତି ଟ୍ରାଫିକ ଜାମ ନହେବ ଏବଂ ସୁରୁଖୁରୁରେ ଲୋକେ ଯାତାୟତ କରିବେ ତାହାକୁ ନଜରରେ ରଖି ଏହି ବହୁ ତଳ ପାର୍କିଂ ସ୍ଥଳ ନିର୍ମାଣ କରାଯାଇଛି । ତେଣୁ ଲୋକେ ଏଣେ ତେଣେ ରାସ୍ତା କଡରେ ଗାଡି ପାର୍କିଂ ନକରି ପାର୍କିଂସ୍ଥଳରେ ଗାଡିଂ ପାର୍କିଂ କରିବା ଅଭ୍ୟାସ କରିବାକୁ ପଡିବ ବୋଲି କହିଛନ୍ତି ଭୁବନେଶ୍ୱର ମେୟର ସୁଲୋଚନା ଦାସ ।

ଛାତରୁ ପଡ଼ି ବୃଦ୍ଧା ମୃତ

ଭଦ୍ରକ, (ପିପିଏସ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ସିନ୍ଦୋଳ ଗ୍ରାମର ହେମଲତା ନାୟକ (୭୨) ନାମ୍ନୀ ଜଣେ ବୃଦ୍ଧା ଛାତରୁ ପଡ଼ି ମୃତ୍ୟୁ ହୋଇଥିବା ଜଣାଯାଇଛି । ପ୍ରକାଶ ଯେ ବୁଧବାର ସକାଳେ ସିନ୍ଦୋଳ ଗ୍ରାମର ଦୈତାରୀ ନାୟକଙ୍କ ପତ୍ନୀ ହେମଲତା ନିଜ ଘର ଛାତକୁ କୌଣସି କାରଣ ପାଇଁ ଯାଇଥିଲେ । ସେ ଛାତରୁ ହଠାତ୍ ତଳକୁ ଖସି ପଡ଼ିଥିଲେ । ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ପ୍ରଥମେ ତିହିଡ଼ି ଓ ପରେ ଭଦ୍ରକ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ଭଦ୍ରକ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାଯାଇଛି । ଏ ସମ୍ପର୍କରେ ପୀରହାଟ ପୁଲି ୧୦/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି ।

ବର୍ଷା ପୂର୍ବରୁ ଦାୟିତ୍ୱ ନିର୍ବାହ ପାଇଁ ଅଧିକାରୀଙ୍କୁ ସତର୍କ କଲା ସିଏମ୍‌ସି ବାତ୍ୟା, ବନ୍ୟା ଓ ବର୍ଷା ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ

- ସମ୍ବେଦନଶୀଳ ସ୍ଥାନ ତଦାରଖ କରିବେ ଅଧିକାରୀ
- ପ୍ରସ୍ତୁତ ହେବ ମାଇକ୍ରୋ ପ୍ଲାନ୍

କଟକ,(ପିପିଏସ୍): ଆଗାମୀ ବର୍ଷା ଋତୁରେ ଆଶଙ୍କା କରାଯାଉଥିବା ବାତ୍ୟା, ବନ୍ୟା ଓ ବର୍ଷାଜନିତଜଳବନ୍ଦୀର ମୁକାବିଲା ସକାଶେ ବୁଧବାର ଟେ।ଧୁ ରୀ ବ ଜା ର ସ୍ଥି ତ ବିଜୁଭବନରେ କଟକ ମହାନଗର ନିଗମ(ସିଏମସି) ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମେୟର ସୁବାସ ସିଂ ଏହି ବୈଠକରେ ପୌରୋହିତ୍ୟ କରିଥିବା ବେଳେ କମିଶନର ନିଖିଲ ପଓ୍ୱନ କଲ୍ୟାଣ ଦେଖାଦେବାକୁ ଥିବା ସମସ୍ୟା ଓ ତା'ର ସମାଧାନ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ବିଶେଷକରି ବର୍ଷା ଯୋଗୁଁ ଯେପରି କଟକ ସହରରେ ଜଳବନ୍ଦୀ ଭଳି ସମସ୍ୟା ନ ହେବ ସେଥିପ୍ରତି ମେୟର ଶ୍ରୀ ସିଂ ଗୁରୁତ୍ୱ ଦେବା ସହ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସହରରେ ଚାଲିଥିବା ପଙ୍କୋଦ୍ଧାର କାମ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏତଦ୍ ବ୍ୟତୀତ ଜାଇକା କର୍ତ୍ତୃପକ୍ଷଙ୍କୁ ସାବଧାନ ରହିବା ସକାଶେ ସତର୍କ କରାଇ ଦେଇଥିଲେ । ବିନା ବାଧାରେ ଯେପରି ନର୍ଦ୍ଦମା ଜଳ ପ୍ରବାହିତ ହେବ ସେସବୁ ତଦାରଖ କାର୍ଯ୍ୟ ଆରମ୍ଭ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ଆଦେଶ ଦିଆଯାଇଥିଲା । ସହରର ସମ୍ବେଦନଶୀଳ ସ୍ଥାନଗୁଡିକୁ ତୁରନ୍ତ ଚିହ୍ନଟ କରିବା ସହ ସେଠାରେ ପୂର୍ବରୁ ପମ୍ପ ବ୍ୟବସ୍ଥା କରିବାକୁ ବୈଠକରେ ନିଷ୍ପତି ନିଆଯାଇଥିଲା । ବାତ୍ୟାର ମୁକାବିଲା କରିବା ପାଇଁ ସହରର ୯୯ଟି ସ୍କୁଲ ଚିହ୍ନଟ କରାଯାଇ ଆଶ୍ରୟ ସ୍ଥଳ ଭାବେ ପ୍ରସ୍ତୁତ କରିବା ସକାଶେ ପଦକ୍ଷେପ ଗ୍ରହଣ କରାଯାଇଛି । ବିଶେଷକରି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ସକାଶେ ଏକ ମାଇକ୍ରୋ ପ୍ଲାନ୍ ପ୍ରସ୍ତୁତ କରାଯିବ ଏବଂ ତା'ର ସଠିକ୍ ପରିଚାଳନା ପାଇଁ ସିଏମସି ଅଧିକାରୀ ଓ ଯନ୍ତ୍ରୀ ଉତ୍ତର ଦାୟିତ୍ୱରେ ରହିବେ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ସହରର ୫୯ଟି ୱାର୍ଡ ପାଇଁ ୧୭ ଜଣଙ୍କୁ ସେକ୍ଟରାଲ ଅଫିସର ଭାବେ ପରିଚାଳନା ଦାୟିତ୍ୱ ଦିଆଯାଇଥିଲା ବେଳେ ନିମ୍ନ ସ୍ତରରେ ସେମାନେ ମାଇକ୍ରୋ ଟିମ୍ ଗଠନ କରି ଦାୟିତ୍ୱ ନିର୍ବାହ କରିବେ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଆସନ୍ତା ୧୫ରୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ସମାଧାନ ପାଇଁ ସ୍ଥାନୀୟ ବିକାଶ ଭବନରେ ଏକ କଣ୍ଟ୍ରୋଲ ରୁମ୍ ମଧ୍ୟ ଖୋଲାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା । ବିଶେଷକରି ସମସ୍ୟାର ସମାଧାନ ପାଇଁ ସମସ୍ତ ଅଧିକାରୀମାନଙ୍କୁ ସତର୍କ ରହିବାକୁ କମିଶନର ପଓ୍ୱନ କଲ୍ୟାଣ ନିର୍ଦ୍ଦେଶ ଦେଇଛନ୍ତି । ଅନୁଷ୍ଠିତ ବୈଠକରେ ସିଏମସିର ସମସ୍ତ ଅଧିକାରୀଙ୍କ ସମେତ ୱାଟକୋ, ବିଦ୍ୟୁତ୍ ଡ୍ରେନେଜ୍, ଶିକ୍ଷା, ଜାଇକା, ସାସ୍ଥ୍ୟ ବିଭାଗ, ଜଳ ଯୋଗାଣ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

ଭେଷଜ ବିଜ୍ଞାନୀ ପ୍ରଫେସର ବୀରେନ୍ଦ୍ର କିଶୋର ଦାସଙ୍କୁ ଶ୍ରଦ୍ଧାଞ୍ଜଳି

ବାଙ୍କୀ,(ପିପିଏସ୍): ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ରଣପୁର ଗ୍ରାମରେ ଜନ୍ମିତ ଭେଷଜ ବିଜ୍ଞାନୀ ପ୍ରଫେସର ଡାକ୍ତର ବୀରେନ୍ଦ୍ର କିଶୋର ଦାସଙ୍କର ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳ ସଭା ବିଦ୍ୟାରନ୍ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଲୋକବିକାଶ ଫାଉଣ୍ଡେସନ୍ ଓ ବାଙ୍କୀ ବୟୋଜେଷ୍ଠ ନାଗରିକ ସଂଘର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମରରେ ସଂଘ ସଭାପତି ବିରଞ୍ଚି ଦାସ ଅଧ୍ୟକ୍ଷତା କରିଥିଲେ । ଡାକ୍ତର ଦାସ ଉଚ୍ଚଶିକ୍ଷା ପାଇଁ ସେ ଜର୍ମାନୀ ଯାଇ ଏକ କ୍ଷ୍ୟାତି ସମ୍ପନ୍ନ ବିଶ୍ୱବିଦ୍ୟାଳୟରୁ ଭେଷଜ ଚିକିତ୍ସା ବିଜ୍ଞାନରେ ସ୍ନାତକ ଡିଗ୍ରୀ ସମାପ୍ତ କରିବା ପରେ ବର୍ଲିନ୍ ବିଶ୍ୱବିଦ୍ୟାଳୟରୁ ବିକିରଣ ବିଜ୍ଞାନ ଓ ଔଷଧ ଶାସ୍ତ୍ରରେ ସ୍ନାତକତର ଶିକ୍ଷା ସମାପ୍ତ କରିଥିଲେ ବୋଲି ଲୋକ ବିକାଶ ଫାଣ୍ଡେସନ୍ ସଂଦକ ସୁଧୀର ଚନ୍ଦ୍ର ଦାଶ କହିଥିଲେ । ବାଙ୍କୀ ବୟୋଜେଷ୍ଠ ନାଗରିକ ସଂଘ ସଂପାଦକ କୃତିବାସ ପଣ୍ଡା , ନୀଳମାଧବ ମିଶ୍ର, ପୂର୍ବତନ ସ୍କୁଲ ଏସ୍.ଆଇ ଶ୍ରୀବତ୍ସ ନାୟକ , ଅବରସପ୍ରାପ୍ତ ଶ୍ରମ କମିଶନର ବ୍ରଜବନ୍ଧୁ ପାଲ୍, ଉମେଶ ଚଚନ୍ଦ୍ର ମିଶ୍ର, ବାଙ୍କୀ କଲେଜ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର, ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, କମଳାକାନ୍ତ ମିଶ୍ର, ସୁବାସ ଚନ୍ଦ୍ର ପ୍ରହରାଜ, ଅଶୋକ ରଣା, ମନୋଜ କୁମାର ଦଳେଇ ପ୍ରମୁଖ ସର୍ଗତ ଦାସଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ମନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ନିଶାସକ୍ତ ଚାଳକ କଟକ ସିଡିଏରୁ କଲ୍ୟାଣୀନଗର ପର୍ଯ୍ୟନ୍ତ କଲେ ସିରିଜ ଦୁର୍ଘଟଣା

କଟକ(ପିପିଏସ୍) : ବୁଧବାର ରାତିରେ ଜଣେ ନିଶାସକ୍ତ ଚାଳକ ନିଶାରେ ଗାଡି ଚଳାଇବା ସହ କରିଲେ ସିରିଜ୍ ଦୁର୍ଘଟଣା । କଟକ ସିଡିଏଠୁ କଲ୍ୟାଣୀ ନଗର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟାଇବା ପରେ ଚାଳକଙ୍କୁ କାବୁ କଲେ ସ୍ଥାନୀୟ ଲୋକେ । ଯାହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା । ଉତ୍ତ୍ୟକ୍ତ ଲୋକେ କାର କାଚକୁ ଭାଙ୍ଗିଦେଇଥିଲେ । ପରେ ଘଟଣାସ୍ଥଳରେ ପୁଲିସ ପହଂଚି କାରକୁ ଜବତ କରିବା ସହ ଉକ୍ତ ଚାଳକଙ୍କୁ ଥାନାକୁ ନେଇ ଅଟକ ରଖିଛି ।ଦୁର୍ଘଟଣାକୁ ନେଇ ପରିସ୍ଥିତି ଏପରି ହୋଇଥିଲା ଯେ, ଘଟଣାସ୍ଥଳରେ ତିନି ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା । ତିନିଟି ଥାନାର ଥାନା ଅଧିକାରୀ ସେଠାରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ତେବେ ଦୁର୍ଘଟଣାର ଶିକାର ହୋଇଥିବା କିଛି ବ୍ୟକ୍ତି ଏନେଇ ମଧ୍ୟପାଟଣା ଥାନାରେ ଅଭିଯୋଗ କରିଛନ୍ତି ।ପୋଲିସ ଘଟଣା ତଦନ୍ତ ଜାରି ରଖିଛି ।

ପ୍ଲାଷ୍ଟିକ୍ ପ୍ରଦୂଷଣର ସମାଧାନ ଉପରେ ଆଭାସୀ ମାଧ୍ୟମରେ ଆଲୋଚନାଚକ୍ର



ବାଙ୍କୀ,(ପିପିଏସ୍): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଭୂଗୋଳ ବିଭାଗ ଆନୁକୂଲ୍ୟରେ ଅଭାସୀ ମାଧ୍ୟମରେ ପ୍ଲାଷ୍ଟିକ୍ ପ୍ରଦୂଷଣର ସମାଧାନ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଉକ୍ତ ବିଷୟ ଉପରେ ଆଲୋଚନା ପାଇଁ ଜାତି ସଂଘ ତରଫରୁ ସ୍ଥିର କରାଯାଇଛି । ଏହି ପରିପ୍ରେକ୍ଷୀରେ ବାଙ୍କୀ କଲେଜର ଭୂଗୋଳ ବିଭାଗ ଆନୁକୂଲ୍ୟରେ ଆଲୋଚନା ଚକ୍ର ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅରିଜିତ୍ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । କଲେଜ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଆଲୋଚନା ଚକ୍ରକୁ ଉଦ୍‌ଘାଟନ କରି କହିଥିଲେ ପ୍ଲାଷ୍ଟିକ୍ ପ୍ରଦୂଷଣ କିପରି ଦୂର ହୋଇ ପାରିବ ସେଥିପାଇଁ ଭୂଗୋଳ ବିଭାଗର ଛାତ୍ରଛାତ୍ରୀମାନେ ଜନସଚେତନତା ସୃଷ୍ଟି କରିବା ଆବଶ୍ୟକ । ଏହି ପରିପ୍ରେକ୍ଷୀରେ ପ୍ଲାଷ୍ଟିକ୍ ଓ ପଲିଥିନ୍ ବ୍ୟବହାରକୁ ହ୍ରାସ କରିବା ଦିଗରେ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ ବୋଲି ପ୍ରାଧ୍ୟାପକ ମହାପାତ୍ର ଉଲ୍ଲେଖ କରିଥିଲେ । ମୁଖ୍ୟ ଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ସସ୍ମିତା ରାଉତ ଯୋଗଦାନ କରି ସାରା ପୃଥିବୀ ତଥା ଭାରତକୁ ପ୍ଲାଷ୍ଟିକ୍ ମୁକ୍ତ କରିବା ଆବଶ୍ୟକ କହିଥିଲେ । ଭାରତର ଏକମାତ୍ର ରାଜ୍ୟ ସକିମ୍‌ରେ ଆଦୌ ପ୍ଲାଷ୍ଟିକ୍ ବ୍ୟବହାର ହେଉନାହିଁ ଓ ଏହି ରାଜ୍ୟରେ ବାଉଁଶରେ ଗ୍ଲାସ, ପତ୍ରରେ ଖଲିପତ୍ର ଓ ଠୁଙ୍ଗା ଆଦି ବ୍ୟବହାର କରାଯାଉଛି ବୋଲି ଡକ୍ଟର ରାଉତ ପ୍ରକାଶ କରିଥିଲେ । ଡକ୍ଟର ରାଉତ ବିଭିନ୍ନ ଉଦାହାରଣ ଦେଇ କିପରି ପ୍ଲାଷ୍ଟିକ୍ ପଦାର୍ଥର ବ୍ୟବହାର ବନ୍ଦ କରାଯିବ ସେଥିପାଇଁ ଛାତ୍ରୀଛାତ୍ରୀଙ୍କର ଗୁରୁ ଦାୟିତ୍ୱ ରହିଛି ବୋଲି ଉଲ୍ଲେଖ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଭୂଗୋଳ ବିଭାଗର ବହୁ ଛାତ୍ରଛାତ୍ରୀ ଯୋଗଦାନ କରି ବିଭିନ୍ନ ପ୍ରକାରର ପ୍ରଶ୍ନ ପଚାରିଥିଲେ । ଶେଷରେ ଅଧ୍ୟାପକ ଅରିଜିତ୍ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ଓବିସି ମୋର୍ଚ୍ଚା ପକ୍ଷରୁ ଜୁନ୍ ୩୦ ଯାଏଁ ମହା ଜନସଂପର୍କ ଅଭିଯାନ

ଭୁବନେଶ୍ୱର, (ପିପିଏସ୍): ମୋଦି ସରକାରଙ୍କ ଗତ ୯ ବର୍ଷର ବିଭିନ୍ନ ଜନକଲ୍ୟାଣକାରୀର ସଫଳତା ଓ ଉପଲବ୍ଧତାକୁ ପ୍ରସଙ୍ଗ କରି ଓବିସି ମୋର୍ଚ୍ଚା ତରଫରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ମହା ଜନସଂପର୍କ ଅଭିଯାନରେ ବ୍ୟାପକ ଜନଜାଗରଣ କରାଯିବ । ସେହିପରି ମୋର୍ଚ୍ଚା ତରଫରୁ ଆରମ୍ଭ ହୋଇଥିବା ଗାଁ ଗାଁ ଚାଲ, ଘର ଘର ଚାଲ ଅଭିଯାନ ଜରିଆରେ ବିଜେଡି ସରକାରର ଓବିସିମାରଣ ନୀତି ବିରୋଧରେ ମଧ୍ୟ ଜନଜାଗରଣ କରାଯିବ ବୋଲି ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ କହିଛନ୍ତି । ସେ କହିଛନ୍ତି ଯେ ମୋଦୀ ସରକାରଙ୍କ ସେବା, ସୁଶାସନ ଓ ଗରୀବକଲ୍ୟାଣର ଗତ ୯ ବର୍ଷର ଶାସନରେ ଓବିସିବର୍ଗଙ୍କ ପାଇଁଉଲ୍ଲେଖନୀୟ କାର୍ଯ୍ୟ କରାଯାଇଛି । ସାଧୁନତା ପରବର୍ତ୍ତୀ କାଳଖଣ୍ଡର ଓବିସି ବର୍ଗଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାର ଦେବା ସହିତ 'ଓବିସି କମିସନଙ୍କୁ ସାମ୍ବିଧାନିକ ମର୍ଯ୍ୟାଦା ଦେବା'; '୨୭ ଜଣ ମନ୍ତ୍ରୀଙ୍କୁ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ସାମିଲ କରିବା'; 'ରାଜ୍ୟମାନଙ୍କୁ ଜାତିବାଦ ତାଲିକା ପ୍ରସ୍ତୁତିର ଦାୟୀତ୍ୱ ନ୍ୟସ୍ତ କରିବା'; 'ଡାକ୍ତରୀ ଶିକ୍ଷା, ଡେଂଟାଲ ଏଜୁକେସନ, ନବୋଦୟ, କେନ୍ଦ୍ରୀୟ ବିଦ୍ୟାଳୟ, ସୈନିକ ସ୍କୁଲ ପ୍ରଭୃତିର ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା' ସୁନିଶ୍ଚିତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଅନ୍ୟପକ୍ଷରେ ରାଜ୍ୟର ବିଜେଡି ସରକାରର ଓବିସିମାରଣ ନୀତିର ଶିକାର ହୋଇ ବହୁ ଛାତ୍ରଛାତ୍ରୀ ଏବଂ ଯୁବକଯୁବତୀ ହତାଶ୍‌ହୋଇପଡିଛନ୍ତି । ପଛୁଆବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ ନାମଲେଖାରେ ସଂରକ୍ଷଣ ନଦେବା ଫଳରେ ବିଜେଡି ସରକାରର ଗତ ୨୩ବର୍ଷ ଶାସନ ଭିତରେ ପ୍ରାୟ ୨୩ଲକ୍ଷ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷାରୁ ବଂଚିତ ହୋଇଛନ୍ତି । ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଉଥିବା ଓବିସି ସର୍ଭେ କେବଳ ଏକ ଧୁଆଁବାଣ । ଏହି ସର୍ଭେର କୌଣସି ପ୍ରାସଙ୍ଗିକତା ନାହିଁ ।

ଯାଜପୁର କେନ୍ଦୁଝର ରୋଡ଼ ମାଲବାହୀ ଗାଡ଼ି ଚକତଳେ ୭ ଶ୍ରମିକଙ୍କ ମୃତ୍ୟୁ ଘଟଣା ପିସିସି ସଭାପତିଙ୍କ ଶୋକ ସହ ୧୦ ଲକ୍ଷ କ୍ଷତିପୂରଣ ଦାବି

ଭୁବନେଶ୍ୱର(ପିପିଏସ୍): ବାହାନଗା ମର୍ମନ୍ତୁଦ ରେଳ ଦୁର୍ଘଟଣା ପରେ ପରେ ଯାଜପୁର କେନ୍ଦୁଝର ରୋଡ ମାଲବାହୀ ଗାଡ଼ି ଚକତଳେ ମୃତ୍ୟୁବରଣ କରିଥିବା ୭ଜଣ ଶ୍ରମିକଙ୍କ ଉଦ୍ଦେଶ୍ୟରେ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ଶୋକବ୍ୟକ୍ତ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ପ୍ରଭୁ ଜଗନ୍ନାଥ ସହାୟ ହୁଅନ୍ତୁ ଏହି ଦାରୁଣ ଦୁଖକୁ ସହ୍ୟ କରିବାପାଇଁ । ଶ୍ରୀ ପଟ୍ଟନାୟକ କ୍ଷୋଭର ସହିତ ଭାରତୀୟ ରେଳବାଇ ବିଭାଗର ବେପାରୁଆ ମନୋଭାବ ଓ ଦାୟୀତ୍ୱହୀନାତ ଯୋଗୁଁ ଅକାଳରେ ୭ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଲା ବୋଲି ସେ କହିଛନ୍ତି । କାହିଁକି ବର୍ଷ ବର୍ଷ ଧରି ଏକ ପରିତ୍ୟକ୍ତ ମାଲବାହୀ ଗାଡ଼ି ସେହି ଷ୍ଟେସନରେ ପଡ଼ିରହିଥିଲା ? ସେହି ସ୍ଥାନ କ'ଣ ପରିତ୍ୟକ୍ତ ମାଲବାହୀ ଗାଡ଼ି ରହିବା ଯାଗାକି ? ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ଏହି ସମସ୍ତ ମୃତକମାନେ ଶ୍ରମିକ ଶ୍ରେଣୀର ଏମାନେ ସମସ୍ତେ ଜଣେ ଠିକାଦାର ଦ୍ୱାରା ନିୟୋଜିତ ହୋଇ ସେହି ଯାଗାରେ ରେଳଧାରଣାରେ କାମ କରୁଥିଲେ । ହଠାତ ବିନା ବର୍ଷା ସହିତ ଜୋରରେ ପବନ ବହିବାରୁ ସେହି ଶ୍ରମିକମାନେ ମାଲବାହୀ ଟ୍ରେନର ଡବା ତଳକୁ ଚାଲିଯାଇ ଆଶ୍ରୟ ନେଇଥିଲେ । କିନ୍ତୁ ଟ୍ରେନ ଡବାଗୁଡ଼ିକ ଲକ୍ ନହୋଇଥିବାରୁ ଜୋର ପବନ ଯୋଗୁଁ ପିଟିହୋଇ ଆଗକୁ ଗଡ଼ିଯାଇ ଆଶ୍ରୟ ନେଇଥିବା ଶ୍ରମିକଙ୍କ ଉପରେ ଚଢ଼ି ଚାଲିଗଲା । ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି ଯେ କିଭଳି ଭାବରେ ଟ୍ରେନ ଡବାଗୁଡ଼ିକ ବିନା ଲକରେ ପଡ଼ିରହୁଛି । ଏଥିପାଇଁ ରେଲୱେ ବିଭାଗର ଅଧିକାରୀମାନେ ଦାୟୀ ରହିବେ କି ନାହିଁ ? ମୃତକଙ୍କ ପରିବାରବର୍ଗଙ୍କୁ ସର୍ବନିମ୍ନ ରେଳବାୟୀ ବିଭାଗ ୧୦ଲକ୍ଷ ଟଙ୍କାର କ୍ଷତିପୂରଣ ଦେବା ପାଇଁ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି । ଏହି ଘଟଣାକୁ ଅନୁସନ୍ଧାନ କରିବାପାଇଁ ତତ୍‌କ୍ଷଣାତ ଶ୍ରୀ ପଟ୍ଟନାୟକ ପୂର୍ବତନ ସାଂସଦ ତଥା ଆଇୟୁଏନଟିୟୁସିର ଅଧକ୍ଷ ରାମଚନ୍ଦ୍ର ଖୁଂଟିଆ ଏବଂ ପ୍ରଦେଶ ମହିଳା କଂଗ୍ରେସର ସଭାନେତ୍ରୀ ବନ୍ଦିତା ପରିଡ଼ାଙ୍କୁ ଘଟଣାସ୍ଥଳକୁ ପଠାଇଥିଲେ ।

ବିଶ୍ୱ ପରିବେଶ ଦିବସ ପାଳିତ

ଭଦ୍ରକ, (ପିପିଏସ୍): ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ, ଭଦ୍ରକ ପକ୍ଷରୁ କୃଷ୍ଣ ଚରଣ ବିଦ୍ୟା ମନ୍ଦିର ବିଦ୍ୟାଳୟ, ଆଗରପଡ଼ା ଠାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଅଛି । ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍, ଆଶିଷ କୁମାର ତ୍ରିପାଠୀ ଏହି ବିଶ୍ୱ ପରିବେଶ ଦିବସ ସଂକ୍ରାନ୍ତିୟ ସଚେତନତା କାର୍ଯ୍ୟକ୍ରମକୁ ଅଧକ୍ଷତା କରିଥିଲେ । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ, ଶ୍ରୀମତୀ ନେହା ଅଗ୍ରୱାଲ ଏହି ସଚେତନତା କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ । ଏହି ସଚେତନତା ଶିବିରରେ ପ୍ରଥମେ ବୃକ୍ଷରୋପଣ କରାଯାଇ ବୃକ୍ଷର ମାହାତ୍ମ୍ୟ ବିଷୟରେ ଆଲୋକପାତ କରାଯାଇଥିଲା । ଏହାପରେ ସଚେତନତା କାର୍ଯ୍ୟକ୍ରମ ଜରିଆରେ ପରିବେଶ ପ୍ରଦୂଷଣ, ପ୍ରତିକାର ସମ୍ବନ୍ଧୀୟ ଆଲୋଚନା କରାଯାଇଥିଲା । ଜଙ୍ଗଲକୁ ସୁରକ୍ଷିତ ରଖିବା, ବହୁଳ ପରିମାଣରେ ବୃକ୍ଷରୋପଣ କରିବା ତଥା ବନ୍ୟଜନ୍ତୁମାନଙ୍କୁ ସୁରକ୍ଷିତ ଏବଂ ନିରାପଦରେ ରଖିବା ଏହି ସଚେତନତା କାର୍ଯ୍ୟକ୍ରମ ଜରିଆରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସିଭିଲ୍ ଜଜ୍ (ଅନ୍ ପ୍ରୋଜେସନ୍) ଇପସିତା ଭୋଇ, ନିରାକାର ଜେନା, ସଭ

ମ୍ୟାଚ୍ ମଝିରେ ମୁହାଁମୁହିଁ ହେଲେ ମହମ୍ମଦ ସିରାଜ ଏବଂ ଷ୍ଟିଭ ସ୍ମିଥ



ନୂଆଦିଲ୍ଲୀ(ଏଜେନ୍ସୀ): ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍‌ର ଫାଇନାଲ ମୁକାବିଲା ଇଙ୍ଗଣ୍ଡର ଓଭାଲରେ ଖେଳାଯାଉଛି । ଆଜି ମ୍ୟାଚ୍‌ର ଦ୍ୱିତୀୟ ଦିନ । ଦ୍ୱିତୀୟ ଦିନ ଅଦ୍ଭୁତ ଷ୍ଟିଭ୍ ସ୍ମିଥ୍ ଶତକ ହାସଲ କରିଥିଲେ । ମ୍ୟାଚ୍‌ର ପ୍ରଥମ ଦିନରେ ସ୍ମିଥ୍ ୯୫ ରନ୍ ସ୍କୋର କରି ଅପରାଜିତ ରହିଥିଲେ । ଦ୍ୱିତୀୟ ଦିନରେ ଦୁଇଟି ବଲ୍‌ରେ ଦୁଇଟି ଚୌକା ମାରି ସେ ତାଙ୍କର ଶତକ ପୁରଣ କରିଥିଲେ । ତେବେ ଦ୍ୱିତୀୟ ଦିନରେ ଅସଲ ରୋମାଞ୍ଚ ଏହାପରେ ଆସିଥିଲା । ଏହି ସମୟରେ ମହମ୍ମଦ ସିରାଜଙ୍କ ଆଗ୍ରେସନ ଦେଖିବାକୁ ମିଳିଥିଲା । ମ୍ୟାଚ୍ ମଝିରେ ମହମ୍ମଦ ସିରାଜ ଏବଂ ଷ୍ଟିଭ ସ୍ମିଥ ମୁହାଁମୁହିଁ ହୋଇଥିଲେ । ପ୍ରଥମ ଦିନର ଖେଳରେ ମଧ୍ୟ ଏପରି ଅନେକ ମୁହୂର୍ତ୍ତ ଥିଲା, ଯେତେବେଳେ ସିରାଜ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନଙ୍କୁ ଆଖି ଦେଖାଇଥିଲେ । ଏହା ପରେ ଆଜି ମଧ୍ୟ ସମାନ ଘଟଣା ଦେଖିବାକୁ ମିଳିଥିଲା । କିଛି ସମୟ ପାଇଁ ଷ୍ଟିଭ ସ୍ମିଥ ଏବଂ ମହମ୍ମଦ ସିରାଜ ମୁହାଁମୁହିଁ ହୋଇଥିଲେ । ତେବେ ମାମଲା ଏତେ ଆଗକୁ ବଢିନଥିଲା ଏବଂ ଖୁବଶୀଘ୍ର ଥଣ୍ଡା ପଡିଯାଇଥିଲା । କିନ୍ତୁ ମ୍ୟାଚରେ ପ୍ରଥମ ଦିନ ଭଳି ସିରାଜ ଦ୍ୱିତୀୟ ଦିନରେ ମଧ୍ୟ ୱିକେଟ୍ ନେଇ ପ୍ରତ୍ୟାବର୍ତ୍ତନ କରିବାକୁ ଚେଷ୍ଟା କରିଥିଲେ । ଦ୍ୱିତୀୟ ଦିନର ଖେଳ ଆରମ୍ଭରୁ ନୂଆ ବଲ ସହ ଅଧିନାୟକ ରୋହିତ ଶର୍ମା କେବଳ ମହମ୍ମଦ ସିରାଜ ଏବଂ ମହମ୍ମଦ ଶାମିଙ୍କ ଉପରେ ଆତ୍ମବିଶ୍ୱାସ ପ୍ରକାଶ କରିଥିଲେ । ଟ୍ରାଭିସ୍ ହେଡ୍ ତାଙ୍କର ପ୍ରଥମ ଦିନର ରନରେ କିଛି ରନ୍ ଯୋଡିବାକୁ ସକ୍ଷମ ହୋଇଥିଲେ, ଏହି ସମୟରେ ସିରାଜ ଅଷ୍ଟ୍ରେଲିଆକୁ ଦ୍ୱିତୀୟ ଦିନର ପ୍ରଥମ ଝଟକା ଦେଇଥିଲେ । ସିରାଜ ଟ୍ରାଭିସ୍ ହେଡଙ୍କୁ କେ.ଏସ୍ ଭରତଙ୍କ ହାତରେ କ୍ୟାଚ କରାଇଥିଲେ । ସେ ୧୭୪ ବଲରୁ ୧୬୩ ର ଚମତ୍କାର ଇନିଂସ ଖେଳିଥିଲେ । ଏହି ସମୟରେ ଯେତେବେଳେ ଷ୍ଟିଭ ସ୍ମିଥ ୧୦୩ ରନ୍ ସ୍କୋର କରି ଖେଳୁଥିଲେ, ମହମ୍ମଦ ସିରାଜ ଏକ ବଲ ପକାଇଥିଲେ । ତେବେ ସିରାଜ ବଲ୍ ଫିଙ୍ଗିବାକୁ ଯିବା ମାତ୍ରେ ଷ୍ଟିଭ୍ ସ୍ମିଥ୍ ପଛକୁ ପଳାଇ ଯାଇଥିଲେ । ସିରାଜ ତାଙ୍କର ରନ ଅପ ଶେଷ କରିସାରିଥିଲେ, ତେଣୁ ସେ ବଲ୍ ମଧ୍ୟ ଫିଙ୍ଗିଥିଲେ । ବଲଟି ଷ୍ଟମ୍ପକୁ ହିଟ କରିନଥିଲା । ଏହି ସମୟରେ ଷ୍ଟିଭ୍ ସ୍ମିଥ୍ ଏପରି ପ୍ରତିକ୍ରିୟା ପ୍ରକାଶ କରିଥିଲେ ଯେ ସୂର୍ଯ୍ୟ ତାଙ୍କ ସାମ୍ନାକୁ ଆସିଥିଲେ । ଏହା ପରେ ସିରାଜ ମଧ୍ୟ କିଛି କହୁଥିବା ଦେଖିବାକୁ ମିଳିଥିଲା । ଯଦିଓ ଉଭୟ ପରସ୍ପରକୁ ଚାହିଁ ନଥିଲେ ଏବଂ ସିରାଜ ମଧ୍ୟ ତାଙ୍କ ରନ୍‌ଅପ୍ ରେ ଯାଇ ପରବର୍ତ୍ତୀ ବଲ ପକାଇଥିଲେ ।'

୯ବର୍ଷର ପୁଅକୁ ଅଷ୍ଟ୍ରେଲିଆରୁ ଫେରାଇ ଆଣିବେ ଧାୱନ



ନୂଆଦିଲ୍ଲୀ(ଏଜେନ୍ସୀ): ଭାରତୀୟ କ୍ରିକେଟ୍ ଟିମର ଲେଫ୍ଟହ୍ୟାଣ୍ଡ ଓପନର ଶିଖର ଧାୱନଙ୍କଠୁ ଅଲଗା ରହୁଥିବା ତାଙ୍କ ପତ୍ନୀ ଆୟେଶା ମୁଖାର୍ଜୀ (ଧାୱନ)ଙ୍କୁ ତାଙ୍କର ୯ ବର୍ଷର ପୁଅକୁ ଭାରତ ନେଇ ଆସିବାକୁ ପଟିୟାଲା ହାଉସ୍ କୋର୍ଟ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି । ଧାୱନ ଦମ୍ପତି ପରସ୍ପରଠୁ ପୃଥକ ହୋଇସାରିଛନ୍ତି ଓ ଦୁଇଜଣଙ୍କ ମଧ୍ୟରେ ବିବାହ ବିଚ୍ଛେଦ ଏବଂ ପୁଅର କଷ୍ଟଡି ନେଇ କୋର୍ଟରେ ମାମଲା ବିଚାରଧୀନ ରହିଛି । ଆଜିକାଲି ଆୟେଶା ପୁଅ ସହିତ ଅଷ୍ଟ୍ରେଲିଆରେ ରହୁଛନ୍ତି । ପିଲାକୁ ପରିବାର ସହ ମିଶାଇବାକୁ ଆୟେଶା ଧାୱନଙ୍କ ଆପତ୍ତିକୁ ନେଇ କୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି । କୋର୍ଟ କହିଛନ୍ତି ଯେ ଅଗଷ୍ଟ ୨୦୨୦ ପରେ ଶିଖର ଧାୱନଙ୍କ ପରିବାର ତାଙ୍କ ପୁଅ ସହ ମିଶି ପାରିନାହାନ୍ତି । ପିଲା ଉପରେ କେବଳ ମାର ହକ୍ ନଥାଏ, ଯଦି ଶିଖର ଧାୱନ ଏପର୍ଯ୍ୟନ୍ତ ଜଣେ ଭଲ ପିତା ସାବ୍ୟସ୍ତ ହୋଇପାରିଛନ୍ତି ତେବେ ପିଲାକୁ କାହିଁକି ତା ପରିବାର ସହ ମିଶିବାରେ ଆୟେଶା ଆପତ୍ତି କରୁଛନ୍ତି ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି । ଏମିତିରେ ବି ଶିଖର ଧାୱନ ତାଙ୍କ ପିଲାର ପର୍ମାନେଣ୍ଟ କଷ୍ଟଡି ଚାହୁଁନାହାନ୍ତି ସେ କେବଳ ପୁଅକୁ ଭେଟିବାକୁ ଚାହୁଁଛନ୍ତି ବୋଲି କୋର୍ଟ କହିଛନ୍ତି । ଏଣୁ କୋର୍ଟ ଆୟେଶା ଧାୱନଙ୍କୁ ପିଲାକୁ ସାଙ୍ଗରେ ନେଇ ନିଜେ ଭାରତ ଆସନ୍ତୁ ଅଥବା କୌଣସି ବିଶ୍ୱସନୀୟ ବ୍ୟକ୍ତିଙ୍କ ଜରିଆରେ ପୁଅକୁ ଭାରତ ପଠାନ୍ତୁ ବୋଲି କୋର୍ଟ କହିଛନ୍ତି । ଯାହାବି ହେଉ ୨୮ ଜୁନ ପୂର୍ବାହ୍ନ ୧୦ଟା ସୁଦ୍ଧା ପୁଅର କଷ୍ଟଡି ଧାୱନ ପରିବାର ହାତକୁ ହସ୍ତାନ୍ତର କରିବାକୁ କୋର୍ଟ ତାଙ୍କ ନିର୍ଦ୍ଦେଶରେ କହିଛନ୍ତି । ଯଦି କୌଣସି କାରଣରୁ ଆୟେଶା ଧାୱନଙ୍କ ଲାଗି ଏହା ସମ୍ଭବ ନ ହୁଏ ତେବେ ସେ ଏହି ଆଦେଶର ୭୨ ଘଣ୍ଟା ମଧ୍ୟରେ ତାଙ୍କର ଅସମର୍ଥତା ପ୍ରକାଶ କରିପାରନ୍ତି ବୋଲି ମଧ୍ୟ କୋର୍ଟ କହିଛନ୍ତି । ଏଭଳି ପରିସ୍ଥିତିରେ ଶିଖର ଧାୱନ ପୁଅକୁ ଆଣିବା ପାଇଁ ଅଷ୍ଟ୍ରେଲିଆ ଯିବେ । ତେବେ ପିଲାର ଭାରତ ଯାତ୍ରା ନିମନ୍ତେ ଭିସା ଓ ଅନ୍ୟ ଜରୁରି କ୍ଲିୟରାନ୍ସ ହାସଲ କରିବା ଆୟେଶାଙ୍କ କାମ ହେବ । କୋର୍ଟ କହିଛନ୍ତି ଯେ ବ୍ୟବସ୍ଥା ଏପରି ହେବା ଦରକାର ଯେ ପିଲା ଜୁନ ୨୭ ତାରିଖ ସୁଦ୍ଧା ଭାରତରେ ପହଞ୍ଚିବ ଓ ୪ ଜୁଲାଇରେ ପୁଣି ମାଙ୍କ ପାଖକୁ ଅଷ୍ଟ୍ରେଲିଆ ଫେରିଯିବ । ଏହି ଯାତ୍ରା ବାବଦ ସମସ୍ତ ଖର୍ଚ୍ଚ ଶିଖର ଧାୱନ ବହନ କରିବେ ।

ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୪୬୯ ରନରେ ଅଲଆଉଟ୍

ଓଭାଲ(ଏଜେନ୍ସୀ): ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଆଇସିସି ୱାଲର୍ଡ ଟେଷ୍ଟ ଚାମ୍ପିୟନଶିପ ୨୦୨୧-୨୩ର ଫାଇନାଲ ମୁକାବିଲା ଲଣ୍ଡନର ଓଭାଲରେ ଖେଳାଯାଉଛି । ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ ଟିମ୍ ବିଶାଳ ସ୍କୋର ଠିଆ କରିଛି । କଙ୍ଗାରୁ ଟିମ୍ ୧୨୧.୩ ଓଭରରେ ୪୬୯ ରନରେ ଅଲଆଉଟ୍ ହୋଇଛି । ଅଷ୍ଟ୍ରେଲିଆ ପାଇଁ ଟ୍ରାଭିସ୍ ହେଡ୍ ଏବଂ ଷ୍ଟିଭ୍ ସ୍ମିଥ୍ ଶତକୀୟ ଇନିଂସ ଖେଳିଥିଲେ । ଭାରତ ପକ୍ଷରୁ ମହମ୍ମଦ ସିରାଜ ସର୍ବାଧିକ ୪ ୱିକେଟ୍ ହାସଲ କରିଛନ୍ତି । ଅଷ୍ଟ୍ରେଲିଆ ଟିମ୍ ପ୍ରଥମ ଦିନରେ ଟସ୍ ହାସ ପ୍ରଥମେ ବ୍ୟାଟିଂ କରିବାକୁ ମୈଦାନକୁ ଓହ୍ଲାଇଥିଲା । ପ୍ରଥମ ଦିନ ଖେଳ ଶେଷ ବେଳକୁ ଦଳ ୮୫ ଓଭର ଖେଳି ୩ ୱିକେଟ୍ ହରାଇ ୩୨୭ ରନ କରିଥିଲା । ଟ୍ରାଭିସ ହେଡ୍ ୧୪୬ ରନଅ ଏବଂ ଉପଅଧିନାୟକ ଷ୍ଟିଭ ସ୍ମିଥ୍ ୯୫ ରନଅ କରି ଅପରାଜିତ ଫେରିଥିଲେ । ଅଷ୍ଟ୍ରେଲିଆର ଦୁଇ ବ୍ୟାଟର ଦ୍ୱିତୀୟ ଦିନର ଖେଳ ଆଧା ଛାଡିଯାଇଥିବା ନିଜ ଖେଳରୁ ଆରମ୍ଭ କରିଥିଲେ । ଟ୍ରାଭିସ ହେଡ ୧୭୪ ବଲରେ ୧୬୩ ରନ କରି ସିରାଜଙ୍କ ବଲରେ ଆଉଟ୍ ହୋଇଥିଲେ । ଏହାପରେ ଷ୍ଟିଭ୍ ସ୍ମିଥ୍ ମଧ୍ୟ ନିଜ କ୍ୟାରିୟରର ୩୧ତମ ଶତକ ହାସଲ କରିଥିଲେ । ସ୍ମିଥଙ୍କୁ ୧୨୧ ରନରେ ଶାର୍ଦୁଲ ଠାକୁର କ୍ଲିନ ବୋଲ୍ଡ କରି ପାଭିଲିୟନ ପଠାଇଥିଲେ । ପ୍ରଥମ ଇନିଂସରେ ଭାରତୀୟ ବୋଲର ବେଶ ପ୍ରଭାବଶାଳୀ ବୋଲିଂ କରିପାରି ନଥିଲେ । ଯେଉଁଥି ପାଇଁ ଅଷ୍ଟ୍ରେଲିଆ ଟିମ୍ ଏତେ ବଡ଼ ସ୍କୋର ଠିଆ କରାଇ ପାରିଲା । ଭାରତ ପାଇଁ ମହମ୍ମଦ ସିରାଜ ସର୍ବାଧିକ ୪ ୱିକେଟ୍ ହାସଲ କରିଥିଲେ । ମହମ୍ମଦ ଶାମି ୨, ଶାର୍ଦୁଲ ଠାକୁର ୨ ଏବଂ ରବିନ୍ଦ୍ର ଜାଡେଜାଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା ।'

ରୋହିତ ଶର୍ମାଙ୍କୁ କଡ଼ା ସମାଲୋଚନା କଲେ ବରିଷ୍ଠ ଖେଳାଳି

ମୁମ୍ବଇ(ଏଜେନ୍ସୀ): ରୋହିତଙ୍କୁ ସମାଲୋଚନା । ବିଶ୍ୱ ଟେଷ୍ଟ ଚାମ୍ପିଆନସିପ ଫାଇନାଲରେ ରବିଚନ୍ଦ୍ରନ ଅଶ୍ୱିନୀଙ୍କୁ ବାଦ୍ ଦେଇଛି ଟିମ୍ ଇଣ୍ଡିଆ । ଯାହାକୁ ନେଇ ବିବାଦ ବଢିବାରେ ଲାଗିଛି । ଲଗାତର ଭାବେ ପୂର୍ବତନ ଖେଳାଳି ଏବଂ କ୍ରୀଡା ପ୍ରଂଶସକମାନେ ସମାଲୋଚନା କରାଚାଲିଛନ୍ତି । ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି କହିଛନ୍ତି ଯେ, ରବିଚନ୍ଦ୍ରନ ଅଶ୍ୱିନୀଙ୍କୁ ବାଦ୍ ଦେବା ନିହାତି ଆଶ୍ଚର୍ଯ୍ୟକର କଥା । ଅଧିନାୟକ ଭାବେ ମୋ ଚିନ୍ତାଧାରା ଭିନ୍ନ ଏବଂ ରୋହିତଙ୍କ ଚିନ୍ତାଧାର ମଧ୍ୟ ଭିନ୍ନ ହୋଇପାରେ । କିନ୍ତୁ ଅଶ୍ୱିନଙ୍କ ଭଳି କ୍ୱାଲିଟି ସ୍ପିନରଙ୍କୁ ପ୍ଲେଇଂ ଇଲେଭେନରୁ ବାଦ୍ ଦେବା ଉଚିତ ନଥିଲା' । ଟସ୍ ପକାଇବା ପୂର୍ବରୁ ନିଷ୍ପତ୍ତି ନେବା କଥା ଆଉ ରୋହିତ ୪ ଜଣ ଦ୍ରୁତ ବୋଲରଙ୍କୁ ନେଇ ଖେଳିବାକୁ ପୂର୍ବରୁ ମନସ୍ଥ କରିସାରିଥିଲେ । ଅବଶ୍ୟ ଗତ କିଛି ବର୍ଷ ହେଲା ୪ ଜଣ ପେସରଙ୍କୁ ନେଇ ଦଳ ଭଲ ପ୍ରଦର୍ଶନ କରିଛି । ମ୍ୟାଚ୍ ବି ଜିତିଛି । ସେହିପରି ସୁନିଲ ଗାଭାସ୍କର କହିଛନ୍ତି ଯେ, ରବିଚନ୍ଦ୍ରନ ଅଶ୍ୱିନଙ୍କୁ ନଖେଳାଇ ଭାରତୀୟ ଦଳର ଭୁଲ ନିଷ୍ପତ୍ତି । ରବିଚନ୍ଦ୍ରନ ଅଶ୍ୱିନୀ ବିଶ୍ୱର ନଂ୧ ଟେଷ୍ଟ ବୋଲର । କିନ୍ତୁ ପିଚ୍‌କଣ୍ଡିସନ ପାଇଁ ତାଙ୍କୁ ବାଦ୍ ଦିଆଯାଇ ପାରିବନାହିଁ । ଏଭଳି ନିଷ୍ପତ୍ତି ମୋ ବୁଝିବା ଠାରୁ ମଧ୍ୟ ବାହାରେ । ଉମେଶ ଯାଦବଙ୍କ ସ୍ଥାନରେ ଅଶ୍ୱିନଙ୍କୁ ଖେଳାଇବାର ଥିଲା । କିନ୍ତୁ ପିଚ୍ ସ୍ଥିତିକୁ ନେଇ ତାଙ୍କୁ ବାଦ୍ ଦେବା ଦଳ ପାଇଁ ଠିକ୍ ନିଷ୍ପତ୍ତି ନଥିଲା' । ସୂଚନାଯୋଗ୍ୟ ଯେ, ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ଫାଇନାଲର ପ୍ରଥମ ଦିନରେ ଆଧିପତ୍ୟ ବିସ୍ତାର କରିଥିଲା ଅଷ୍ଟ୍ରେଲିଆ । ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା କଙ୍ଗାରୁ ଟିମ୍, ଷ୍ଟିଭ୍ ସ୍ମିଥ ଓ ଟ୍ରେଭିସ୍ ହେଡଙ୍କ ଦମଦାର ଇନିଂସ ବଳରେ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ୩ ୱିକେଟ ହରାଇ ସଂଗ୍ରହ କରିଛି ୩୨୭ ରନ । ଇଣ୍ଡିଆ ଏବେ ବ୍ୟାକଫୁଟ୍‌ରେ ରହିଛି ।'

କ୍ଲବ୍ ଇଣ୍ଟର ମିଆମିରେ ସାମିଲ ହେବେ ଲିଓନେଲ୍ ମେସି



ନୂଆଦିଲ୍ଲୀ(ଏଜେନ୍ସୀ): ଷ୍ଟାର ଫୁଟବଲର ଲିଓନେଲ୍ ମେସି ନିଜ ଫେଭରିଟ୍ କ୍ଲବ୍ ବାର୍ସେଲୋନାରେ ସାମିଲ ହେବେ ନାହିଁ । ଗତ କିଛି ଦିନ ହେଲା ଲାଗି ରହିଥିବା ଚର୍ଚ୍ଚାର ଅନ୍ତ ଘଟିଛି । ଏବେ ପ୍ୟାରିସ୍ ସେଣ୍ଟ ଜର୍ମାନ କ୍ଲବ୍ ପକ୍ଷରୁ ଖେଳୁଥିବା ଲିଓନେଲ ମେସିଙ୍କ ଚୁକ୍ତି ଆସନ୍ତା ଜୁନ ୩୦ ତାରିଖରୁ ଶେଷ ହେବ । ଏହା ପରେ ସେ ଆମେରିକାର ପ୍ରମୁଖ ଫୁଟବଲ କ୍ଲବ୍ ଇଣ୍ଟର ମିଆମିରେ ସାମିଲ ହେବେ । ଏ ନେଇ ଚୁକ୍ତି ଶେଷ ହୋଇଥିବା ଜଣାପଡିଛି । ସେ ପୁଣି ବାର୍ସେଲୋନା କ୍ଲବରେ ସାମିଲ ହେବା ନେଇ ଚର୍ଚ୍ଚା ହେଉଥିବା ବେଳେ ସବୁ ଚର୍ଚ୍ଚାର ପୁର୍ଣ୍ଣଚ୍ଛେଦ ପକାଇଛନ୍ତି ମେସି । ଶୁଣିବାକୁ ମିଳୁଥିଲା ୩୫ ବର୍ଷୀୟ ଲିଓନେଲ ମେସି ସାଉଦି ଆରବର ଧନୀ କ୍ଲବ ଅଲ୍ ହିଲାଲ୍ ସହ ଚୁକ୍ତି କରିବେ । ଏ ନେଇ ଅନ୍ତର୍ଜାତୀୟ ଗଣମାଧ୍ୟମରେ ଜୋରଦାର ଚର୍ଚ୍ଚା ମଧ୍ୟ ହୋଇଥିଲା । କିନ୍ତୁ ଏହି ଅଫରକୁ ରିଜେକ୍ଟ କରିଦେଇଛନ୍ତି । ମେସିଙ୍କ ପିତା ପୂର୍ବରୁ କହିଥିଲେ ଯେ, ସେ ବାର୍ସେଲୋନା କ୍ଲବ୍ ସହିତ ସାମିଲ ହେବାକୁ ଚାହୁଁଥିଲେ କିନ୍ତୁ ଆର୍ଥିକ ସମସ୍ୟା କାରଣରୁ ଚୁକ୍ତି ସମ୍ଭବପର ହୋଇନଥିଲା । ତେବେ ସେ ଇଣ୍ଟର ମିଆମି ସହ ସାମିଲ ହେବାକୁ ନେଇ ଖୁବ ଶୀଘ୍ର ଘୋଷଣା କରିବେ । ସୂଚନା ଯେ, ୨୦୨୧ରେ ପ୍ୟାରିସ୍ ସେଣ୍ଟ ଜର୍ମାନ କ୍ଲବରେ ସାମିଲ ହୋଇଥିଲେ ଲିଓନେଲ ମେସି । ଦୀର୍ଘ ୧୭ ବର୍ଷ ଧରି ବାର୍ସେଲୋନା କ୍ଲବ ସହିତ ରହିବା ପରେ ଶେଷରେ ଛାଡିଥିଲେ । କ୍ଲବ ସଦସ୍ୟ ଥିବା ବେଳେ ବାର୍ସେଲୋନା ୩୫ଟି ଟାଇଟଲ୍ ହାତେଇଥିଲା । ଯେଉଁଥିରେ ୪ଟି ଚାମ୍ପିୟନ୍ସ ଲିଜ୍, ୧୦ ସ୍ପାନିସ୍ ଲିଗ୍ ଓ ୭ଟି କୋପା ଡେଲ୍ ରେଜ୍ ରହିଛି । ବାର୍ସେଲୋନାରେ ଥିବା ବେଳେ ମେସି ମୋଟ ୬୭୨ଟି ଗୋଲ୍ କରିଥିଲେ । ଯାହାକି କ୍ଲବ ପକ୍ଷରୁ ସର୍ବାଧିକ । ସେହିଭଳି ପ୍ୟାରିସ୍ ସେଣ୍ଟ ଜର୍ମାନ କ୍ଲବ ପକ୍ଷରୁ ସେ ମୋଟ ୭୫ଟି ମ୍ୟାଚ୍ ଖେଳିଥିବା ବେଳେ ୩୪ଟି ଗୋଲ୍ କରିବା ସହ ଥରେ ଚାମ୍ପିୟନ କରାଇଥିଲେ ।'

ଆୟୋଜକ ଭାରତ ବର୍ତ୍ତମାନ ସୁଦ୍ଧା ଦିନିକିଆ ବିଶ୍ୱକପ୍ ଚୂଡାନ୍ତ ସୂଚୀ ଆଇସିସିକୁ ଦେଇନାହିଁ

ନୂଆଦିଲ୍ଲୀ(ଏଜେନ୍ସୀ): ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ଫାଇନାଲ ଜାରି ରହିଥିବା ବେଳେ ଦିନିକିଆ ବିଶ୍ୱକପ୍ ପାଇଁ ତତ୍ପରତା ପ୍ରକାଶ କରିଛି ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ । ଚଳିତ ବର୍ଷ ଅକ୍ଟୋବର ମାସରେ ଦିନିକିଆ ବିଶ୍ୱକପ୍ ଖେଳାଯିବା ନେଇ ଚର୍ଚ୍ଚା ହେଉଥିବା ବେଳେ ଆଇସିସି ପକ୍ଷରୁ ଚୂଡାନ୍ତ ସୂଚୀ ଖୁବଶୀଘ୍ର ଜାରି କରାଯିବ । ଏ ନେଇ ସୂଚନା ଦେଇଛନ୍ତି ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦର ମୁଖ୍ୟ ଜୋଫ୍ ଆଲାର୍ଡାଇସ୍ । ଆଇସିସି ମୁଖ୍ୟ କହିଛନ୍ତି, ଖୁବ ଶୀଘ୍ର ବିଶ୍ୱକପ୍ ସୂଚୀ ଜାରି କରାଯିବ । କିନ୍ତୁ ଆୟୋଜକ ଭାରତ ବର୍ତ୍ତମାନ ସୁଦ୍ଧା ଚୂଡାନ୍ତ ସୂଚୀ ଦେଇନାହିଁ । ପୂର୍ବରୁ ବିସିସିଆଇ ଅଧକ୍ଷ ଜୟ ଶାହ କହିଥିଲେ ଯେ, ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ଜାରି ରହିଥିବା ବେଳେ ସେଡ୍ୟୁଲ ଦିଆଯିବ । କିନ୍ତୁ ଏବେ ଆଇସିସି ମୁଖ୍ୟଙ୍କ ବୟାନ ପରେ ତାହା ବିଳମ୍ବ ହେବା ନେଇ ଅନୁମାନ କରାଯାଉଛି । ସୂଚନା ଯେ, ଚଳିତ ବର୍ଷ ଭାରତ ଦିନିକିଆ ବିଶ୍ୱକପ ଆୟୋଜନ କରୁଛି । ଆସନ୍ତା ଅକ୍ଟୋବାର-ନଭେମ୍ବର ମାସରେ ବିଶ୍ୱକପ ଖେଳାଯିବାକୁ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ଏ ନେଇ ଅଧିକାରିକ ଭାବେ କୌଣସି ସୂଚୀ ଜାରି କରିନାହିଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ । ପୂର୍ବରୁ ୨୦୧୫ ଓ ୨୦୧୯ ଦିନିକିଆ ବିଶ୍ୱକପର ପ୍ରାୟ ବର୍ଷକ ପୂର୍ବରୁ ଖେଳ ସୂଚୀ ଜାରି କରିଥିଲା ଆଇସିସି । କାରଣ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାର କିଛି ଦିନ ପୂର୍ବରୁ ଆଇସିସି ବିଭିନ୍ନ ଟିମ୍ ଓ ପ୍ରସାରଣକର୍ତ୍ତାଙ୍କ ସହିତ ଆଲୋଚନା କରିଥାଏ । ସେ ଦୃଷ୍ଟିରୁ ଆୟୋଜକ ଦେଶ ଆଗୁଆ ଚୂଡାନ୍ତ ସୂଚୀ ଦେବାକୁ ହୋଇଥାଏ । ତେବେ ଭାରତରେ ହେବାକୁ ଥିବା ଦିନିକିଆ ବିଶ୍ୱକପରେ ପାକିସ୍ଥାନ ଯୋଗଦେବ କି ନାହିଁ ପ୍ରଶ୍ନରେ ଆଇସିସି ମୁଖ୍ୟ ଏଡାଇ ଯାଇଥିଲେ ।'

ଅଧିନାୟକ ରୋହିତ ଶର୍ମାଙ୍କ ଅଧିନାୟକତ୍ୱ ଉପରେ ପ୍ରଶ୍ନ ଉଠାଇଲେ ହର୍ଷବର୍ଦ୍ଧନ କପୁର

ନୂଆଦିଲ୍ଲୀ(ଏଜେନ୍ସୀ): ରୋହିତ କାମକୁ ନୁହନ୍ତି । ବିଶ୍ୱ ଟେଷ୍ଟ ଚମ୍ପିୟନସିପରେ ଭାରତର ପ୍ରଦର୍ଶନକୁ ଦେଖି ଏଭଳି କହିଲେ ଅଭିନେତା ହର୍ଷବର୍ଦ୍ଧନ କପୁର । ଅନିଲ କପୁରଙ୍କ ପୁଅ ଅଭିନେତା ହର୍ଷବର୍ଦ୍ଧନ କପୁର ଏକ ଟୁଇଟ୍ କରି ଟେଷ୍ଟ କ୍ରିକେଟରେ ଭାରତୀୟ ଦଳର ଅଧିନାୟକତ୍ୱ ଉପରେ ପ୍ରଶ୍ନ ଉଠାଇଛନ୍ତି । ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲର ପ୍ରଥମ ଦିନରେ ଅଷ୍ଟ୍ରେଲିଆ ଭଲ ପ୍ରଦର୍ଶନ କରିଥିବା ବେଳେ ଟିମ୍ ଇଣ୍ଡିଆ ବ୍ୟାକଫୁଟକୁ ଆସିଛି । ପ୍ରଥମ ଦିନର ଖେଳ ଶେଷରେ ଅଷ୍ଟ୍ରେଲିଆ ୩ୱିକେଟରେ ୩୨୭ରନ୍ ସଂଗ୍ରହ କରିଥିବା ବେଳେ ରୋହିତଙ୍କ ଅଧିନାୟକତ୍ୱ ଅତ୍ୟନ୍ତ ପ୍ରଭାବହୀନ ଥିଲା । କେବଳ ଏତିକି ନୁହେଁ, ଅଶ୍ୱିନ ପ୍ଲେଇଂ-୧୧ରେ ଖେଳୁ ନଥିବାରୁ ପ୍ରଶଂସକମାନେ ବିରକ୍ତି ପ୍ରକାଶ କରିଥିଲେ । ବର୍ତ୍ତମାନ ଅନିଲ କପୁରଙ୍କ ପୁଅ ଅଭିନେତା ହର୍ଷବର୍ଦ୍ଧନ କପୁର ଟ୍ୱିଟ କରି ଭାରତୀୟ ଟିମର ଅଧିନାୟକ ରୋହିତ ଶର୍ମାଙ୍କ ଅଧିନାୟକତ୍ୱ ଉପରେ ପ୍ରଶ୍ନ ଉଠାଇଛନ୍ତି । ଅଭିନେତା ହର୍ଷବର୍ଦ୍ଧନ କପୁର ଟ୍ୱିଟ କରି ଲେଖିଛନ୍ତି, 'ବିରାଟ କୋହଲି ଆଉ ଟେଷ୍ଟ ଦଳର ଅଧିନାୟକ ନୁହଁନ୍ତି ଏହା ଏକ ବହୁତ ବଡ଼ ଦୁଃଖଦ ଘଟଣା । ତାଙ୍କ ବିନା ଖେଳାଳିଙ୍କ ମନରେ ଜିତିବାର ଭୋକ ଦେଖାଯାଉନାହିଁ । ସବୁ ଖେଳାଳି ନିଷ୍କ୍ରିୟ ମନେ ହେଉଛନ୍ତି । ଖରାପ ଦଳ ଚୟନ କରାଯାଇଛି । ଅଶ୍ୱିନଙ୍କୁ ଖେଳିବାର ଥିଲା । ଏହା ସହିତ ଆଘାତ କାରଣରୁ ବୁମରା ନଖେଳିବା ଦଳ ପାଇଁ ବଡ଼ ଝଟକା ।

ସିଙ୍ଗାପୁର ଓପନ୍‌ରୁ ବିଦା